Follow Us On @
ekamaatra@gmail.com
www.ekamaatra.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Ref. No.: 1304224
Title Code: ODIODI07807

ବର୍ଷ-୧ ସଂଖ୍ୟା-୩ ୩୦ ଜାନୁଆରୀ-୦୫ ଫେବୃଆରୀ, ୨୦୧୭ ଭୁବନେଶ୍ୱର ● Monday WEEKLY ● Vol-1 Issue-3 30th January-05th February, 2017 Bhubaneswar 5.00 (8 Pages)





ଭିତର ପୃଷ୍ଠାରେ...

- ମଙ୍ଗ ଧରିଲେ ପ୍ରିୟଙ୍କା
- ୪ ଓଡ଼ିଆଙ୍କୁ ପଦ୍ମଶ୍ରୀ
- ସମ୍ପର୍କର ରଙ୍ଗ ନଥାଏ
- ବେଦନାର ବେଦ-୨
- ପ୍ରଶଂସା ସାଉଁଟିଲା ନବକଳେବର
- ବିଦେଶ ଯାତ୍ରା ପାଇଁ ଭିସା ମନ୍ଦିର


## ପର୍ଯ୍ୟବେକ୍ଷକଙ୍କୁ ପଞ୍ଚାୟତ ମନ୍ତ୍ର

# ଲୋକଙ୍କୁ କେନ୍ଦ୍ର ଅବହେଳା କଥା କୁହ : ନବୀନ



**ଭୁବନେଶ୍ୱର :** ରାଜ୍ୟରେ ବିଜୁ ଜନତା ଦଳର ସରକାର ଓଡ଼ିଶାର ବିକାଶ ସହ ସ୍ୱାଭିମାନକୁ ସୁରକ୍ଷା ଦେଉଛି। କିନ୍ତୁ କେନ୍ଦ୍ରର ରାଜ୍ୟବିରୋଧୀ ନୀତି ପ୍ରଗତି କ୍ଷେତ୍ରରେ ବାଧା ସୃଷ୍ଟି କରୁଛି। ମହାନଦୀ, ପୋଲାଭରମ୍, ଆଦିବାସୀ ଓ ପଛୁଆ ଅଞ୍ଚଳର ବିକାଶ କ୍ଷେତ୍ରରେ କେନ୍ଦ୍ରର ନୀତି ଓଡ଼ିଶାକୁ କ୍ଷତି ପହଞ୍ଚାଉଛି। ଏ ଦିଗରେ ଲଢ଼େଇ ଜାରି ରହିବ ବୋଲି ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଏହି ଅସ୍ତ୍ରକୁ ପଞ୍ଚାୟତ ଯୁଦ୍ଧରେ ବ୍ରହ୍ମାସ୍ତ୍ର ଭାବେ ପ୍ରୟୋଗ କରିବାକୁ ସେ ମନ୍ତ୍ର ଦେଇଛନ୍ତି। ବିଜେଡି କାର୍ଯ୍ୟାଳୟରେ ଦଳୀୟ ସଂଯୋଜକମାନଙ୍କ ସହ ପଞ୍ଚାୟତ ନିର୍ବାଚନ ନେଇ ଆଲୋଚନା ବେଳେ ସେ ଏହି ପରାମର୍ଶ ଦେଇଥିବା ଜଣାପଡ଼ିଛି।ଏହି ଅବସରରେ ରାଜ୍ୟର ବିଭିନ୍ନ ବ୍ଲକ୍ ଓ ନିର୍ବାଚନ ମଣ୍ଡଳୀ ପାଇଁ ନିଯୁକ୍ତ ହୋଇଥିବା ପର୍ଯ୍ୟବେକ୍ଷକମାନଙ୍କୁ ଦଳର ରଣନୀତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ତଥା ଦଳର ସୁପ୍ରିମୋ ଶ୍ରୀ ପଟ୍ଟନାୟକ କହିଛନ୍ତି। ବିଶେଷକରି କେଉଁ ପ୍ରସଙ୍ଗକୁ ନେଇ ଭୋଟରଙ୍କ ପାଖକୁ ଯିବାକୁ ପଡ଼ିବ ଏବଂ ଭୋଟରଙ୍କୁ କିପରି ଆକୃଷ୍ଟ କରାଯିବ ସେ ସମ୍ପର୍କରେ ନବୀନ ମନ୍ତ୍ରଣା ଦେଇଛନ୍ତି। ଏଥିସହ ଯେଉଁଠି ସଂଗଠନ ଦୁର୍ବଳ ଅଛି, ସେସବୁ ସ୍ଥାନକୁ କିପରି ଅଧିକ ଗୁରୁତ୍ୱ ଦିଆଯିବ ସେ ନେଇ ମଧ୍ୟ ଆଲୋଚନା କରାଯାଇଛି।

## ପ୍ରସାଦଙ୍କ ପ୍ରତିଶ୍ରୁତି ବର୍ଷା

**ଭୁବନେଶ୍ୱର :** ଗାଁର ବିକାଶ ନହେଲେ ରାଜ୍ୟର ବିକାଶ ଅସମ୍ଭବ। ଗାଁ ଲୋକଙ୍କ ଦ୍ୱାରା ଶାସନର ବିକେନ୍ଦ୍ରୀକରଣ କରିଥିଲା କଂଗ୍ରେସ ଓ ଆରମ୍ଭ କରିଥିଲା ପଞ୍ଚାୟତିରାଜ ବ୍ୟବସ୍ଥା। ମାତ୍ର ଗତ ୧୭ ବର୍ଷ ଧରି ରାଜ୍ୟରେ ଶାସନ କରୁଥିବା ବିଜେଡି ସରକାର ଏହି ବ୍ୟବସ୍ଥାକୁ ପଙ୍ଗୁ କରିଦେଇଛି। ଯାହାର ନମୁନା ନଗଡ଼ାର ଅପପୁଷ୍ଟି, ମାଲକାନଗିରିର ଜାପାନୀ ଜ୍ୱର, ଗୁମୁଡୁମାହା ଗୁଳିକାଣ୍ଡ, ଶିଶୁଭବନରେ ଶିଶୁମଡ଼କ ଏବଂ ଦାନମାଝୀ ଭଳି ଟ୍ରଲିରେ ଖୋଦ୍ ରାଜଧାନୀରେ ପୃ-୬

## ଘର ଘର ବୁଲିବେ ଭାଜପା ମହିଳା ମୋର୍ଚ୍ଚା

**ଭୁବନେଶ୍ୱର :** ରାଜ୍ୟର ନିରୀହ ମହିଳାମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ମହିଳାମାନଙ୍କୁ ଅବଗତ କରାଯିବ। ପଞ୍ଚାୟତ ନିର୍ବାଚନ ପାଇଁ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ରଣହୁଙ୍କାର ଦିଆଯାଇଛି। କେନ୍ଦ୍ରରେ ମୋଦି ସରକାର ଦେଉଥିବା ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ମହିଳାମାନଙ୍କ ପାଇଁ ବହୁ କଲ୍ୟାଣମୂଳକ ଯୋଜନାକୁ ସଫଳ ଭାବେ କାର୍ଯ୍ୟକାରୀ କରିଛନ୍ତି। ଫଳରେ ଦେଶର ନାରୀସମାଜ ଦିନକୁ ପୃ-୬

## 'ନୋଟ୍‌ବନ୍ଦୀ ସ୍ୱଚ୍ଛତା ଆଣିବ'



**ନୂଆଦିଲ୍ଲୀ :** ବିମୁଦ୍ରୀକରଣ ଦେଶର ଅର୍ଥନୀତିରେ ସ୍ୱଚ୍ଛତା ବୃଦ୍ଧି କରିବ ବୋଲି କହିଛନ୍ତି ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ। ଗତ ସାଧାରଣତନ୍ତ୍ର ଦିବସ ଅବସରରେ ରାଷ୍ଟ୍ରପତି କହିଛନ୍ତି ଯେ, ଭାରତର ବ୍ୟବସ୍ଥା ତ୍ରୁଟିଶୂନ୍ୟ ନୁହେଁ ବୋଲି ସମସ୍ତଙ୍କୁ ମାନିବାକୁ ହେବ। ଏହି ତ୍ରୁଟିଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକୁ ତୁରନ୍ତ ସୁଧାରିବାକୁ ପଡ଼ିବ। ଏହାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ବିମୁଦ୍ରୀକରଣ। ନିଜ ସମ୍ଭାଷଣରେ ଡକ୍ଟର ମୁଖାର୍ଜୀ ଦେଶର ବିଭିଧତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ଏବଂ କହିଥିଲେ ଯେ, ସାମାଜିକ, ସାଂସ୍କୃତିକ, ଧାର୍ମିକ ବିବିଧତା ହେଉଛି ଭାରତର ସାମର୍ଥ୍ୟ। ଦେଶର ପରମ୍ପରା ସଦାସର୍ବଦା ଅସହିଷ୍ଣୁତା, ଏକମୁଖାପେକ୍ଷିତା ଦୂରକୁ ଠେଲି ଯୁକ୍ତିତର୍କପ୍ରିୟ ଭାରତୀୟତାକୁ ଉପରେ ସ୍ଥାନ ଦେଇଆସୁଛି। ଯୁଗ ଯୁଗ ଧରି ବହୁବିଧ ମତ, ଚିନ୍ତାଧାରା ଏବଂ ଦର୍ଶନ ପରସ୍ପର ସହ ପ୍ରତିଦ୍ୱନ୍ଦ୍ୱିତା କରି ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରିବା ହେଉଛି ଆମର ଆଦର୍ଶ। ସହନଶୀଳତା , ଧୈର୍ଯ୍ୟ ଏବଂ ଅନ୍ୟମାନଙ୍କ ପାଇଁ ସମ୍ମାନ ଭଳି ମୂଲ୍ୟବୋଧ ହେଉଛି ଏକ ସୁସ୍ଥ ଗଣତନ୍ତ୍ରର ଆବଶ୍ୟକତା। ପ୍ରତିଟି ଭାରତୀୟ ମନ ଓ ହୃଦୟରେ ଏହି ସବୁ ମୂଲ୍ୟବୋଧକୁ ନେଇ ନିରନ୍ତର ବାସ କରିବା ଉଚିତ। ଭାରତୀୟ ଗଣତନ୍ତ୍ର ହୋ...ହଲ୍ଲା ପ୍ରବଣ ବୋଲି କହି ଗଣତାନ୍ତ୍ରିକ ଚିନ୍ତାଧାରାକୁ ସଙ୍କୁଚିତ କରିବା ବଦଳରେ ଏହାକୁ ଆହୁରି ଅଧିକ ଗଣତନ୍ତ୍ର ଓ ଜନଭାଗିଦାରୀତା ସକାଶେ ମାର୍ଗ ପ୍ରଶସ୍ତ କରିବାକୁ ପଡ଼ିବ। ଭାରତୀୟ ଗଣତନ୍ତ୍ର ଯେ କେତେ ଚକ୍‌ମକ୍ ତାହା ଗତ ସାଧାରଣ ନିର୍ବାଚନର ମତଦାନ ହାରରୁ ସ୍ପଷ୍ଟ ପ୍ରତିଫଳିତ ହୋଇଛି। ନିର୍ବାଚନରେ ୬୪ପ୍ରତିଶତ ମତଦାନ ହେବା କିଛି କମ୍ କଥା ନୁହେଁ।

ନିଜ ଅଭିଭାଷଣରେ ରାଷ୍ଟ୍ରପତି ସଂସଦ କାର୍ଯ୍ୟରେ ବାଧା ପହଂଚାଇବା ଘଟଣାକୁ ନାପସନ୍ଦ କରିଥିଲେ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ପୃ-୬

## ଚୀନ୍‌ପଟୁ ବିପଦ ଆଶଙ୍କା

# ସୁରକ୍ଷା ପାଇଁ ସୀମାରେ ବଙ୍କର

**ନୂଆଦିଲ୍ଲୀ :** ଚୀନ୍‌ର ମୁକାବିଲା କରିବା ପାଇଁ ଭାରତ ତରଫରୁ ଏବେ ଜୋରଦାର ପ୍ରସ୍ତୁତି କରାଯାଉଛି। ଚୀନ୍ ସେନା ଦ୍ୱାରା ଅକସ୍ମାତ୍ ଆକ୍ରମଣର ମୁକାବିଲା କରିବା ପାଇଁ ଭାରତୀୟ ସେନା ସୀମାରେ ନିଜର ଶକ୍ତି ବୃଦ୍ଧି କରୁଛି। ଭାରତୀୟ ସେନା ମଧ୍ୟ ଚୀନ୍ ସଂଲଗ୍ନ ସୀମାରେ ନିଜର ବଙ୍କର ସଂଖ୍ୟା ବୃଦ୍ଧି କରୁଛି। ସେନା ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, କେବଳ ଚୀନ୍ ସଂଲଗ୍ନ ସିକ୍କିମ ସୀମାରେ ଭାରତୀୟ ସେନା ପ୍ରାୟ ୧,୦୦୦ ନୂଆ ବଙ୍କର ତିଆରି କରିସାରିଲାଣି। ବିଶେଷ କରି ପୂର୍ବ ଏବଂ ଉତ୍ତର ସିକ୍କିମ ସଂଲଗ୍ନ ଚୀନ୍ ସୀମାରେ ଏସବୁ ନିର୍ମାଣ କରାଯାଇଛି। ଜଣେ ସେନା ଅଧିକାରୀ କହିଛନ୍ତି ଯେ ଏହା ଏମିତି ଏକ ଅଂଚଳ ଯେଉଁଠି ତିନୋଟି ଦେଶ ଭାରତ, ଚୀନ୍ ଏବଂ ଭୁଟାନର ସୀମା ପରସ୍ପର ସହ ଲାଗିଛି। ଗତ କିଛି ବର୍ଷ ମଧ୍ୟରେ ଚୀନ୍ ସେନା ଏହି ଅଂଚଳରେ ନିଜର ଭିତ୍ତିଭୂମି ସୁଦୃଢ଼ କରିସାରିଛି। ତେଣୁ ଚୀନ୍ ପଟୁ ଯେକୌଣସି ବିପଦର ସମ୍ମୁଖୀନ ହେବା ପାଇଁ ଭାରତୀୟ ସେନାକୁ ପୂରା ପ୍ରସ୍ତୁତ ରହିବାକୁ ପଡ଼ିବ। ଏହାକୁ ଦୃଷ୍ଟିରେ ରଖି ସୀମାରେ ସେନା ଦ୍ୱାରା ଏତେ ସଂଖ୍ୟାରେ ବଙ୍କର ତିଆରି କରାଯାଉଛି। ଏହି ବଙ୍କରଗୁଡ଼ିକର ଏକ ବିଶେଷତ୍ୱ ହେଉଛି ଯେ ଏସବୁଥିରେ ମାଟି, ବାଲି ଅଥବା ପଥର ବ୍ୟବହାର କରାଯାଉନାହିଁ। ବରଂ ସହଜରେ ସ୍ଥାନାନ୍ତରିତ କରାଯାଇପାରୁଥିବା ହଲୋ ବ୍ଲକ ବ୍ୟବହାର କରି ଏଗୁଡ଼ିକ ନିର୍ମାଣ କରାଯାଇଛି। ଏହାର ଫାଇଦା ହେଉଛି ଯେ ଏଗୁଡ଼ିକୁ କମ୍ ସମୟରେ ଏବଂ ଅନାୟାସରେ ଗୋଟିଏ ସ୍ଥାନରୁ ଅନ୍ୟତ୍ର ନିଆଯାଇପାରିବ। ସେହିପରି ଅତି କମ୍ ସମୟରେ ଏସବୁ ବ୍ୟବହାର କରି ନୂଆ ବଙ୍କର ତିଆରି କରାଯାଇପାରିବ। ଏ ପ୍ରକାର ବଙ୍କର ତାପମାତ୍ରା ନିୟନ୍ତ୍ରଣରେ ମଧ୍ୟ ବେଶ୍ ସହାୟକ ହୋଇଥାଏ। ସିକ୍କିମରେ ମୁତୟନ ଥିବା ସେନାର ୧୭ ମାଉଣ୍ଟେନ ଡିଭିଜନ ଏବଂ ଡିଭିଜନର ତତ୍ତ୍ୱାବଧାନରେ ଏସବୁ ନିର୍ମିତ ହେଉଛି। ଏହାଛଡ଼ା ଭାରତ ଚୀନ୍‌କୁ ପୃ-୬

## ଚାଉଳବୋଝେଇ ଗାଡ଼ିରେ ଲାଗିବ ଜିପିଏସ୍

**ଭୁବନେଶ୍ୱର:** ଏଣିକି ଆମ ରାଜ୍ୟରେ ଚାଉଳ ବୋଝେଇ ଗାଡ଼ିରେ ଲାଗିବ ଜିପିଏସ୍। ଯେଉଁ ଗାଡ଼ିଗୁଡ଼ିକ ଡିପୋରୁ ଚାଉଳ ନେଇ ବାହାରିବ ସେସବୁ ଗାଡ଼ିରେ ଏହି ଜିପିଏସ୍ ଲାଗିବ ବୋଲି ବିଭାଗୀୟ ସଚିବ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ୨୧ ଲକ୍ଷ ମେଟ୍ରିକ୍ ଟନ୍ ଖରିଫ ଧାନ ସଂଗୃହୀତ ହୋଇସାରିଛି। ଯାହାକି ଲକ୍ଷ୍ୟଧାର୍ଯ୍ୟର ୫୦ ପ୍ରତିଶତ ହୋଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଏହି ସୂତ୍ରରୁ ପ୍ରକାଶ ଯେ ୪୦ ଲକ୍ଷ ମେଟ୍ରିକ୍ ଟନ୍ ଲକ୍ଷ୍ୟଧାର୍ଯ୍ୟ ହୋଇ ପ୍ରକୃତ ଚାଷୀଙ୍କୁ ଏ ବାବଦରେ ୨୬୦୦ କୋଟି ଟଙ୍କା ସିଧାସଳଖ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଜମା କରାଯାଇଛି। ଆସନ୍ତା ଜୁନ୍ ସୁଦ୍ଧା ରାଜ୍ୟରେ ଏନ୍‌ଏଫ୍‌ଏସ୍ ସେଣ୍ଟରଗୁଡ଼ିକରେ ପିଓଏସ୍ ମେସିନ୍ ଲଗାଯିବ। ସହରାଞ୍ଚଳରେ ଫେବୃଆରୀ ସୁଦ୍ଧା ଓ ବ୍ଲକ ଅଞ୍ଚଳରେ ମାର୍ଚ୍ଚ ସୁଦ୍ଧା ଏହି ମେସିନ୍ ଲଗାଯିବ। ଫଳରେ କ୍ୟାସଲେସ୍ ଟ୍ରାଞ୍ଜାକ୍‌ସନ୍ ହୋଇପାରିବ। ସେ ଆହୁରି ଉଲ୍ଲେଖ କରିଥିଲେ ଯେ ରାଜ୍ୟସରକାର ଚଳିତ ବର୍ଷ ୪୦ ଲକ୍ଷ ଟନ୍ ଧାନକ୍ରୟ କରିବା ଲକ୍ଷ୍ୟରେ ରହିଛନ୍ତି। ଯାହାକି ଧାନ ଉତ୍ପାଦନର ୫୦ ପ୍ରତିଶତ। ଧାନ ମିଲିଂ ପରିମାଣ ମଧ୍ୟ ବୃଦ୍ଧି ପାଇଛି। ମିଲରମାନେ ଆହୁରି ଅଧିକ ଧାନ ନେବା ପାଇଁ ଇଚ୍ଛା ପ୍ରକାଶ କରିଥିବା ଜଣାପଡ଼ିଛି ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। ଏତଦ୍‌ବ୍ୟତୀତ ଆସନ୍ତା ମାର୍ଚ୍ଚରେ ସମସ୍ତ ବ୍ଲକ୍ ମୁଖ୍ୟାଳୟରେ ପିଓଏସ୍ ମେସିନ୍ ବସାଯିବା ଲାଗି ନିଷ୍ପତ୍ତି ନିଆଯାଇଥିବା ସେ ଉଲ୍ଲେଖ କରିଛନ୍ତି। ଖାଦ୍ୟଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗର ବୈଠକରେ ଅଧକ୍ଷତା କରି ବିଭାଗର ପ୍ରମୁଖ ସଚିବ ପ୍ରଦୀପ୍ତ ମହାପାତ୍ର ଉପରୋକ୍ତ ସୂଚନା ଦେଇଛନ୍ତି। ପିଡିଏସ୍ ସାମଗ୍ରୀ ହେରଫେର ହେଉଥିବା ନେଇ ଅଭିଯୋଗ ଆସିବା ପରେ ଏହାକୁ ରୋକିବା ଲାଗି ଜିପିଏସ୍ ପଦକ୍ଷେପ ଗ୍ରହଣ କରାଯାଇଛି।



## ମହାନଦୀ ଜଳ ବିବାଦ ତେଜିଲା


# ବୁଝାମଣା କମିଟିକୁ ନା' କହିଲେ ନବୀନ

**ଭୁବନେଶ୍ୱର :** ମହାନଦୀ ଜଳ ବିବାଦ ଦିନକୁ ଦିନ ଉଗ୍ରରୂପ ଧାରଣ କରିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ମହାନଦୀ ଜଳ ବିବାଦ ସମାଧାନ ଲାଗି କେନ୍ଦ୍ର ସରକାରଙ୍କ ବୁଝାମଣା କମିଟିକୁ ଓଡ଼ିଶା ସରକାର ସିଧାସଳଖ ପ୍ରତ୍ୟାଖ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ପତ୍ର ଲେଖି କେନ୍ଦ୍ର ଜଳସମ୍ପଦ ମନ୍ତ୍ରାଳୟ ବିଜ୍ଞପ୍ତିକୁ ପ୍ରତ୍ୟାହାର କରିନେବା ଲାଗି ନିର୍ଦ୍ଦେଶ ଦେବାକୁ ଦାବି ଜଣାଇଛନ୍ତି। ଓଡ଼ିଶା ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଜଣାଇବା ସହିତ ସମାନ୍ତରାଳ ଭାବେ ଏହି ବିବାଦର ଆପୋଷ ସମାଧାନ ଲାଗି ଅନ୍ତିମ ସୁଯୋଗ ଭାବେ ପ୍ରଧାନମନ୍ତ୍ରୀଙ୍କ ସ୍ତରରେ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

କମିଟି ଗଠନ ସଂକ୍ରାନ୍ତ କେନ୍ଦ୍ରର ବିଜ୍ଞପ୍ତି ନକଲ ମିଳିବା ପରେ ଏଭଳି ଆଭିମୁଖ୍ୟ ଗ୍ରହଣ କରିଛନ୍ତି ନବୀନ ସେ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ସରକାର ଯେଭଳି ଅବିଚାରିତ ଭାବେ ପ୍ରକଳ୍ପ ନିର୍ମାଣ କରିଚାଲିଛି, ତାହାକୁ ରୋକିବା ଦିଗରେ କେନ୍ଦ୍ର ସରକାର ବିଫଳ ହୋଇଛନ୍ତି। କାରଣ କମିଟି ଗଠନ ଦ୍ୱାରା ଏତିକି ହେବ ଯେ ଓଡ଼ିଶା ରଖିଥିବା ଟ୍ରିବ୍ୟୁନାଲ ଗଠନ ଦାବି ପ୍ରକ୍ରିୟା ବିଳମ୍ବ ହେବ। ତେଣୁ କେନ୍ଦ୍ର ସରକାର ତୁରନ୍ତ ଟ୍ରିବ୍ୟୁନାଲ ଗଠନ ସଂକ୍ରାନ୍ତ ନିଷ୍ପତ୍ତି ନେବା ସହ ଛତିଶଗଡ଼ ସରକାରଙ୍କୁ ପ୍ରକଳ୍ପ କାମ ବନ୍ଦ ଲାଗି ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି।

# ସାତ ମୁସଲିମ୍ ରାଷ୍ଟ୍ରକୁ ଆମେରିକା ମନା

**ନୂଆଦିଲ୍ଲୀ :** ଆମେରିକା ଆଗମନ ଲାଗି ୭ଟି ମୁସଲମାନ ବହୁଳ ରାଷ୍ଟ୍ରର ନାଗରିକଙ୍କ ଉପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଟକଣା ଲାଗୁ କରିଛନ୍ତି। ଗତ ଶୁକ୍ରବାର ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ଇରାନ୍, ଇରାକ, ଲିବିୟା, ସୋମାଲିଆ, ସୁଦାନ, ସିରିୟା ଓ ୟେମେନର ନାଗରିକଙ୍କୁ ଆମେରିକା ପ୍ରବେଶ ଲାଗି ଭିସା ଦିଆଯିବ ନାହିଁ। ଏହିସବୁ ଦେଶରୁ ଆତଙ୍କବାଦୀମାନେ ଶରଣାର୍ଥୀ ବେଶରେ ଆମେରିକା ଆସୁଥିବାର ଆଶଙ୍କା କରି ରାଷ୍ଟ୍ରପତି ଟ୍ରମ୍ପ ଏପରି କଟକଣା ଲାଗୁ କରିଛନ୍ତି। ବିଶେଷକରି ସିରିୟାରୁ ଆସୁଥିବା ଶରଣାର୍ଥୀଙ୍କୁ କୌଣସି ପ୍ରକାଶ ପ୍ରବେଶ ଅନୁମତି ଦିଆଯିବ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଜାରି କରାଯାଇଛି। ଏହାର ନିର୍ଦ୍ଦେଶ ପରେ ଇରାକ ଓ ୟେମେନର ୭ଜଣ ନାଗରିକଙ୍କୁ ନ୍ୟୁୟର୍କଗାମୀ ବିମାନରେ ଚଢ଼ିବାକୁ ଅନୁମତି ଦିଆଯାଇନାହିଁ। ଏହି ନିର୍ଦ୍ଦେଶ ଅନୁସାରେ ଦେଶର ନାଗରିକଙ୍କୁ ୯୦ ଦିନ ପର୍ଯ୍ୟନ୍ତ ଦୀର୍ଘକାଳୀନ ଭିସା ପ୍ରଦାନ କରାଯିବ ନାହିଁ। ଅନ୍ୟପଟେ ପାକିସ୍ତାନ, ଆଫଗାନିସ୍ତାନ ଓ ସାଉଦି ଆରବର ନାଗରିକଙ୍କୁ ମଧ୍ୟ ଭିସା ପ୍ରଦାନ ଉପରେ କଟକଣା କରାଯାଇଛି। ଏହି ତିନିଦେଶର ନାଗରିକଙ୍କ ପରିଚୟ ଓ କାଗଜପତ୍ର କଡ଼ା ଯାଞ୍ଚ କରାଯିବା ପରେ ଭିସା ପ୍ରଦାନ କରାଯିବ। ଅନ୍ୟପକ୍ଷରେ ଆମେରିକାର ଏହି ନିଷ୍ପତ୍ତି ଦ୍ୱାରା ଭାରତୀୟ ଆଇଟି, ବାୟୋଟେକ୍ନୋଲୋଜି ଓ ଫାର୍ମା କ୍ଷେତ୍ରରେ କାର୍ଯ୍ୟ କରୁଥିବା କମ୍ପାନୀ ଓ କର୍ମଚାରୀଙ୍କ ପାଇଁ ସେଭଳି କୌଣସି ସମସ୍ୟା ଉପୁଜିବ ନାହିଁ। ଟ୍ରମ୍ପଙ୍କ ଏଭଳି ନିଷ୍ପତ୍ତିକୁ ଗୁଗୁଲର ସିଇଓ ସୁନ୍ଦର ପିଚାଇ ନିନ୍ଦା କରିବା ସହ ସମ୍ପୃକ୍ତ ଦେଶଗୁଡ଼ିକରେ ଥିବା କମ୍ପାନୀର ୧୮୭ ଜଣ କର୍ମଚାରୀଙ୍କୁ ଆମେରିକା ଫେରାଇ ଆଣିଛନ୍ତି। ଅନ୍ୟପକ୍ଷରେ ଫେସ୍‌ବୁକ ସିଇଓ ମାର୍କ ଜୁକରବର୍ଗ ମଧ୍ୟ ଟ୍ରମ୍ପଙ୍କ ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି।





## ବଜେଟରେ ବଢ଼ିପାରେ ସେବା ଟିକସ

**ନୂଆଦିଲ୍ଲୀ :** ଆସନ୍ତା ମାସ ୧ ତାରିଖରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲି ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ। ଏଥିରେ ସେ ବିଭିନ୍ନ କ୍ଷେତ୍ରର ସେବା ଟିକସ ବଜେଟ୍‌ରେ କରିପାରନ୍ତି। ବିଶେଷ କରି ହୋଟେଲରେ ଖାଇବା, ବିମାନରେ ଯାତ୍ରା କରିବା ଏବଂ ସିନେମା ଦେଖିବା ଆଦି କ୍ଷେତ୍ରରେ ଆଦାୟ କରାଯାଉଥିବା ସେବା ଟିକସକୁ ଅର୍ଥମନ୍ତ୍ରୀ ବୃଦ୍ଧି କରିପାରନ୍ତି। ଫଳରେ ଏସବୁ ମହଙ୍ଗା ହେବା ଆଶଙ୍କା ଦେଖାଦେଇଛି। ଦୁଇଜଣ ବରିଷ୍ଠ ସରକାରୀ ଅଧିକାରୀଙ୍କ ସୂତ୍ରରୁ ଜଣାଯାଇଛି ଯେ ବଜେଟରେ ସେବା ଟିକସ ୦.୫ ପ୍ରତିଶତରୁ ୧ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ। ଏବେ ସେବା ଟିକସ ହାର ୧୫ପ୍ରତିଶତ ରହିଛି। ଏଥିରେ ଦୁଇଟି ସରଚାର୍ଜ ମଧ୍ୟ ସାମିଲ ରହିଛି। ଜିଏସ୍‌ଟିରେ ସେବା ଟିକସ ହାର ଅଧିକ ରହିବାକୁ ଥିବାରୁ ଆସନ୍ତା ବଜେଟରେ ଏପରି ହେବା ଅନୁମାନ କରାଯାଉଛି। ସେବା ଟିକସ ବୃଦ୍ଧି କରିଲେ ଏ ବାବଦରେ ଅଧିକ କିଛି ରାଜସ୍ୱ ସଂଗ୍ରହ କରିପାରିବେ। ଅନ୍ୟପକ୍ଷରେ ଆୟକରରେ କିଛିଟା ରିହାତି ଦେବାକୁ ସକ୍ଷମ ହୋଇପାରିବେ। ବିମୁଦ୍ରାକରଣ ପରେ ଲୋକଙ୍କ ହାତରେ ନଗଦ ଅର୍ଥ ହ୍ରାସ ପାଇଛି। ଏଥିଯୋଗୁଁ ଦେଶରେ ଚାହିଦା ସଙ୍କୁଚିତ ହୋଇଛି। ଚାହିଦାରେ ସୁଧାର ଆଣିବା ଲାଗି ସରକାର ଲୋକଙ୍କୁ ଆୟକରରେ ରିହାତି ପ୍ରଦାନ କରିବା ଆଶା କରାଯାଉଛି। ପୃ-୬

## ଚିଲିକା ଉପରେ ୫ କିମିର ପୋଲ

**ପୁରୀ :** ଗଞ୍ଜାମ ଜିଲ୍ଲା ଗୋପାଳପୁର ପଶ୍ଚିମବଙ୍ଗର ଦିଘାକୁ ଛୁଇଁବ ଉପକୂଳ ଜାତୀୟ ରାଜପଥ। ଏଥିସହ ଚିଲିକା ଉପରେ ୫ କିମି ଦୀର୍ଘ ବିଶିଷ୍ଟ ବ୍ରିଜ୍ ନିର୍ମାଣ ହେବ। ଜାତୀୟ ରାଜପଥର ଭାରତମାଳା ପ୍ରକଳ୍ପ ଅଧୀନରେ ଏହା ନିର୍ମାଣ କରାଯିବାକୁ ଥିବା ବେଳେ ଆଜି ପୁରୀରେ ଏନେଇ ସ୍ୱତନ୍ତ୍ର ବୈଠକ ହୋଇଯାଇଛି। ଉପକୂଳ ଓଡ଼ିଶାରେ ହେବାକୁ ଥିବା ୫୦୦କିମି ରାସ୍ତାରୁ ୧୫୧କିମି ରାସ୍ତା ପୁରୀ ଜିଲ୍ଲା ଅଞ୍ଚଳରେ ପଡୁଛି। ତେଣୁ ଜାତୀୟ ରାଜପଥର ଉଚ୍ଚପଦସ୍ଥ ଅଧିକାରୀ, ପ୍ରୋଜେକ୍ଟ କନସଲଟାଣ୍ଟ




ପ୍ରକଳ୍ପ ଗୁଡ଼ିକର ସ୍ୱତନ୍ତ୍ର ଆକ୍ସନ ପ୍ଲାନ୍ ନେଇ ପୁରୀ ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ସହ ଆଲୋଚନା କରିଥିଲେ। ସାତପଡ଼ାଠାରୁ ଜହ୍ନିକୁଦା ଉପରେ ଯେଉଁ ବ୍ରିଜ୍ କରାଯିବ ସେଥିରେ ବ୍ରହ୍ମପୁର ଓ ମହିଷା ଗାଁ ପଡୁନଥିବାରୁ ଏହାକୁ କିଭଳି ସଂଯୋଗ କରାଯିବ ତାହା ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ପ୍ରସ୍ତାବ ଦେଇଥିଲେ। ଏଥିସହ ପ୍ରକଳ୍ପରେ ଥିବା ଅନେକ ବାଇପାସ ରାସ୍ତାକୁ କିପରି ଜାତୀୟ ରାଜପଥ ସହ ସଂଯୋଗ କରାଯିବ ତା'ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଭାରତମାଳ ପ୍ରକଳ୍ପରେ ୫୦୦ କିମି ରାସ୍ତା ଗୋପାଳପୁର,ଛତ୍ରପୁର, ଚିଲିକା, ବ୍ରହ୍ମଗିରି, ପୁରୀ, କୋଣାର୍କ, ଅସ୍ତରଙ୍ଗ, ପାରାଦୀପ, ରତପୁର, ସାତଭାୟା, ଧାମରା, ବାସୁଦେବପୁର, ତାଳପଦା, ଚାନ୍ଦିପୁର ଓ ଚନ୍ଦନେଶ୍ୱର ଦେଇ ପଶ୍ଚିମବଙ୍ଗର ଦିଘାକୁ ସଂଯୋଗ କରିବ। ଛତ୍ରପୁରଠାରୁ ରତନପୁର ରାସ୍ତା ୨୬୦ କିମି ହୋଇଥିବା ବେଳେ ରତନପୁରଠାରୁ ଦିଘା ୨୪୦ କିମି ରହିଛି। ଏହି ପ୍ରକଳ୍ପ ଦ୍ୱାରା ଚିଲିକା ସହ ପାରାଦୀପ ଓ ଧାମରା ଆଜି ସଂଯୋଗ ହେବ ଏବଂ ଏହି ପ୍ରକଳ୍ପ ପାଇଁ ପ୍ରାଥମିକ ବ୍ୟୟ ଅଟକଳ ୮୦,୦୦୦ କୋଟି ରହିଛି।

# ନିଆରା ବାହାଘର : ଶାଶୂଘରେ ମେଘନା

**ଭୁବନେଶ୍ୱର :** ଓଡ଼ିଶା ବିବାହ ଇତିହାସରେ ଘଟିଛି ନୂଆ ଘଟଣା। ରାଜଧାନୀରେ ପ୍ରଥମ ଥର ପାଇଁ କିନ୍ନର ମେଘନାଙ୍କ ସହ ଦାମ୍ପତ୍ୟ ଜୀବନ ଆରମ୍ଭ କରିଛନ୍ତି ବାସୁଦେବ। ବର ବାସୁଦେବ ଓ କନ୍ୟା ମେଘନାଙ୍କ ଏହି ନିଆରା ବାହାଘରକୁ ଦେଖିବା ପାଇଁ ନୂଆପଲ୍ଲୀ ଦୁର୍ଗାମଣ୍ଡପଠାରେ ଜମିଥିଲା ପ୍ରବଳ ଭିଡ଼। ମଣ୍ଡପ ଚାରିପାଖେ ଏତେ ସଂଖ୍ୟକ ଲୋକ ଜମା ହୋଇଥିଲେ ଯେ ଆୟୋଜକମାନେ ବାଧହୋଇ ଫାଟକରେ ତାଲା ପକାଇଥିଲେ। ବରପିତା ଅଶୋକ ଚମ୍ପତି ଓ ମୀରାପରିଡ଼ା ଏହି ବିବାହ ସମ୍ପନ୍ନ କରାଇଥିବା ବେଳେ କନ୍ୟାଦାନ କରିଥିଲେ ବରଦାପ୍ରସନ୍ନ ଶତପଥୀ ଓ ତାଙ୍କ ପତ୍ନୀ ସୁପ୍ରଭା ଶତପଥୀ। ଦିଅଁ ମଙ୍ଗୁଳାଠାରୁ ଆରମ୍ଭ କରି ବାଡୁଅପାଣି ଗାଧୁଆ ଭଳି ହିନ୍ଦୁ ରୀତିନୀତିର ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ମେଘନାଙ୍କ ଏହି ଅନନ୍ୟ ବିବାହ ଉତ୍ସବରେ ବହୁ ସାମାଜିକ କର୍ମୀ, ଜନନେତା ଏବଂ ଓଲିଉଡ୍ ଅଭିନେତ୍ରୀ ମଧ୍ୟ ଯୋଗଦେଇଥିଲେ। ବିବାହ କାର୍ଯ୍ୟ ପାଇଁ ୬ ଜଣ ପୁରୋହିତ ନିୟୋଜିତ ହୋଇଥିଲେ। କିନ୍ନର ସମ୍ପ୍ରଦାୟର ସଦସ୍ୟାମାନଙ୍କ ଦ୍ୱାରା ବହୁ ଜାକଜମକ ଶୋଭାଯାତ୍ରା, ଆତସବାଜି ଓ ଡିଜେ ସାଉଣ୍ଡରେ କମ୍ପିଥିଲା ବିବାହସ୍ଥଳୀ। ଭୁବନେଶ୍ୱରବାସୀଙ୍କ ସମେତ ରାଜ୍ୟର ବହୁଲୋକ ଏହାକୁ ଉପଭୋଗ କରିବା।




ସହିତ ନବଦମ୍ପତିଙ୍କୁ ଆଶୀର୍ବାଦ ମଧ୍ୟ ପ୍ରଦାନ କରିଥିଲେ।

ଅତୀତରେ ସମଲିଙ୍ଗୀ ବିବାହ କଥା ଶୁଣିଲେ ଲୋକେ ନାକ ଟେକୁଥିଲା ବେଳେ ଓଡ଼ିଶାରେ ଏହି ନିଆରା ବାହାଘର କିନ୍ନରଙ୍କ ମଧ୍ୟରେ ନୂତନ ଆଶାର ସଂଚାର କରିଛି। ଆଗପରି କିନ୍ନର-କିନ୍ନରଙ୍କ ମଧ୍ୟରେ ବାହାଘର ଆଉ ଅଛୁଆଁ ହୋଇ ରହିନାହିଁ। ତେବେ ଏହି ଘଟଣା ଓଡ଼ିଶା ବିବାହ ଇତିହାସରେ ଆଉ ଏକ ନୂଆପର୍ବ ଯୋଡ଼ିଛି। ଜଣେ ତୃତୀୟଲିଙ୍ଗୀ (କିନ୍ନର) ଜଣେ ପୁରୁଷଙ୍କୁ ବିବାହ କରିଛନ୍ତି। ତାହା ପୁଣି ଲୁଚାଛପାରେ ନୁହେଁ, ବରଂ ପୂରା ଖୋଲା ମୈଦାନରେ। ପଳାସପଲ୍ଲୀର ପୃ-୬



## ଛାଟୁପତି ଉବାଚ

ରାଜନୀତିଆଙ୍କ ରଙ୍ଗ ବଦଳୁଛି
ବଦଳିଲା ପରି ଡ୍ରେସ !
ଚଉକି ପାଇଁକି ବାପକୁ ମଉସା
ସ୍ତ୍ରୀ ପାଲଟିଛି ଧରମଶାଳୀର ବେଶ...
ରାଜନୀତିରେ କି ରସ (୨)
ପିଇବା ଲୋକଟା ଜାଣେ ତା'ର ମଜା
ନ ପିଇବା ଲୋକ ନାଆଶ।

କାହିଁ ଗଲ ବାପୁ, କାହିଁ ଗୋପବନ୍ଧୁ
ଦେଖିଯାଅ ତୁମ ଦେଶ
ତୁମ ନାମ ନେଇ ବେପାର ବଢ଼ାଇ
ଦେଶକୁ କରନ୍ତି ଧ୍ୱଂସ...
ଲୋକଙ୍କର ଉଡ଼େ ହୋଓସ (୨)
କେବେ ଟିକେ ମଦ, କେବେ ଟଙ୍କା ପାଇଁ
ହଉଛନ୍ତି ଉଠୁବସ।

- ପ୍ରତାପ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## ୫ ରାଜ୍ୟରେ ନିର୍ବାଚନ : ୮୩ କୋଟି ଜବତ

**ନୂଆଦିଲ୍ଲୀ :** ବିଧାନସଭା ନିର୍ବାଚନ ହେବାକୁ ଥିବା ୫ଟି ରାଜ୍ୟରେ ନିର୍ବାଚନ କମିଶନଙ୍କ ଟିମ୍ ବର୍ତ୍ତମାନ ସୁଦ୍ଧା ୮୩କୋଟିରୁ ଅଧିକ ଟଙ୍କା ଓ ବହୁ ସାମଗ୍ରୀ ଜବତ କରିଛନ୍ତି। ଏଥିରୁ କେବଳ ଉତ୍ତର ପ୍ରଦେଶରୁ ସର୍ବାଧିକ ୭୯.୧୩ କୋଟି ଟଙ୍କା ଜବତ ହୋଇଥିବାବେଳେ ସେଥିମଧ୍ୟରେ ୩୧.୬୫ ଲକ୍ଷ ଟଙ୍କାର ପୁରୁଣା ନୋଟ ରହିଛି। ଏହା ପଛକୁ ପଞ୍ଜାବରୁ ୪.୦୫ କୋଟି ଟଙ୍କା ଉତ୍ତରାଖଣ୍ଡରୁ ୩୩.୨୭ ଲକ୍ଷ ଓ ମଣିପୁରରୁ ୬.୯୫ ଲକ୍ଷ ଟଙ୍କା ଜବତ କରାଯାଇଛି। ଗୋଆରୁ ସର୍ବନିମ୍ନ ୧.୩୫ ଲକ୍ଷ ଟଙ୍କାର ସ୍ପିରିଟ ସମେତ ୫ଟି ରାଜ୍ୟରୁ ୧୨.୬୫ କୋଟି ଟଙ୍କାର ମଦ ଓ ୧୦.୩ କୋଟି ଟଙ୍କାର ଅନ୍ୟ ନିଶା ସାମଗ୍ରୀ ଜବତ ହୋଇଥିବା ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ଭୋଟରମାନଙ୍କୁ ପ୍ରଲୋଭିତ କରିବାକୁ ଏହି ନଗଦ ଅର୍ଥ, ମଦ ଓ ନିଶା ସାମଗ୍ରୀ ରଖାଯାଇଥିବା ସନ୍ଦେହ କରାଯାଉଛି। ପୁଲିସ ଓ ରାଜ୍ୟ ଅବକାରୀ ଅଧିକାରୀମାନଙ୍କୁ ନେଇ ଗଠିତ ନିର୍ବାଚନ କମିଶନଙ୍କ ଏହି ଟିମ୍ ଭୋଟ କାର୍ଯ୍ୟକ୍ରମରେ ଅସତ୍ ଉଦ୍ଦେଶ୍ୟ ଅବଲମ୍ବନ ପ୍ରତି କଡ଼ା ନଜର ରଖିଛନ୍ତି।

## ଅଣୁଜୀବ କବଳରୁ ରକ୍ଷାକରିବ ନାନୋରୋବୋଟ୍

ନାନୋମିଟର୍ ଓ ରୋବୋଟ୍ ଶବ୍ଦର ସମ୍ମିଶ୍ରଣ ନାନୋରୋବୋଟ୍ ଅଙ୍ଗାର ଅଣୁରେ ତିଆରି। ରକ୍ତରୁ ଶକ୍ତି ସଂଗ୍ରହ କରି ଏହା କାର୍ଯ୍ୟ କରେ। ନାନୋରୋବୋଟ୍ ବ୍ୟବହାର କରି ଶରୀରକୁ ଅଣୁଜୀବ କବଳରୁ ରକ୍ଷା କରିବା ସହ ଅନେକ ରୋଗର ଚିକିତ୍ସା ସମ୍ଭବ ବୋଲି ଜଣାପଡ଼ିଛି। ଏହା ରକ୍ତନଳୀକୁ ସଫା ରଖେ, ରକ୍ତ ଜମାଟ ବାନ୍ଧିବାକୁ ଦିଏନାହିଁ ଓ ହୃଦ୍‌ଘାତ ପ୍ରତିରୋଧକ। ପିତ୍ତକୋଷ, ଯକୃତ୍ ଓ ବୃକକ୍‌ରେ ହେଉଥିବା ପଥର ଭାଙ୍ଗିବାକୁ ନାନୋରୋବଟ୍ ସକ୍ଷମ ଏବଂ ଏହାଦ୍ୱାରା କର୍କଟ ରୋଗର ଚିକିତ୍ସା ସମ୍ଭବ। ଏହାଦ୍ୱାରା ସନ୍ଧିରେ ଜମୁଥିବା ଇଉରିକ୍ ଅମ୍ଳ ସ୍ଫଟିକକୁ ଭାଙ୍ଗି ରୋଗୀକୁ ଯନ୍ତ୍ରଣାମୁକ୍ତ କରାଯାଇପାରିବ ବୋଲି ସୂଚନା ମିଳିଛି। ଦାନ୍ତଯନ୍ତ୍ରଣା ଉପଶମ, ଡେଙ୍ଗାଦାନ୍ତକୁ ସୁଗଠିତ, ମାଢ଼ିତଳ ଦାନ୍ତ ସଫା କାର୍ଯ୍ୟରେ ଏହା ବ୍ୟବହାର କରାଯାଉଛି। ଭଙ୍ଗା ହାଡ଼କୁ ଯୋଡ଼ିବା ତଥା ଚକ୍ଷୁ ଅସ୍ତ୍ରୋପଚାର କ୍ଷେତ୍ରରେ ମଧ୍ୟ ଏହା ବ୍ୟବହୃତ ହେଉଛି। ଷ୍ଟ୍ରୋକ୍ ହେବାର ପୂର୍ବ ଲକ୍ଷଣ ଏହା ଦ୍ୱାରା ଚିହ୍ନଟ ସମ୍ଭବ ହୋଇପାରିବ ବୋଲି ସୂଚନା ମିଳିଛି।

# ମେଣ୍ଟ ପରେ ମଙ୍ଗ ଧରିଲେ ପ୍ରିୟଙ୍କା

**ଲକ୍ଷ୍ନୌ :** ବହୁତ ମୂଲଚାଲ ପରେ ଉତ୍ତର ପ୍ରଦେଶ ନିର୍ବାଚନରେ ଶାସକ ସମାଜବାଦୀ ପାର୍ଟି ଓ କଂଗ୍ରେସ ମଧ୍ୟରେ ମେଣ୍ଟ ଚୂଡ଼ାନ୍ତ ହୋଇଛି। ରାଜ୍ୟର ୪୦୩ ଆସନ ମଧ୍ୟରୁ ୧୦୫ଟି ଆସନ କଂଗ୍ରେସକୁ ଛାଡ଼ିବାକୁ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ରାଜି ହୋଇଛନ୍ତି। ୯୯ରୁ ଊର୍ଦ୍ଧ୍ୱ ଆସନ ଦେବାକୁ ଅଖିଳେଶ ନଛୋଡ଼ବନ୍ଧା ଥିବାବେଳେ କଂଗ୍ରେସ ଦଳ ୧୨୧ ଆସନ ପାଇଁ ଅଡ଼ି ବସିଥିଲା। ଶେଷ ମୁହୂର୍ତ୍ତରେ ପ୍ରିୟଙ୍କା ଗାନ୍ଧୀ କଂଗ୍ରେସକୁ ସମ୍ମାନଜନକ ଆସନ ଦେବାକୁ ଅଖିଳେଶଙ୍କୁ ମନାଇବାରେ ସଫଳ ହୋଇଛନ୍ତି। ବୁଝାମଣା ନେଇ ଉଭୟ ଦଳ ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆନୁଷ୍ଠାନିକ ଘୋଷଣା କରାଯାଇଛି। ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ନରେଶ ଉତ୍ତମ ଓ କଂଗ୍ରେସ ରାଜ୍ୟ ଶାଖା ସଭାପତି ରାଜ ବବ୍ବର ଏଥିରେ ଉପସ୍ଥିତ ଥିଲେ। ତଥ୍ୟ ଅନୁଯାୟୀ କଂଗ୍ରେସ ୧୦୫ ଆସନରେ ଓ ସମାଜବାଦୀ ପାର୍ଟି ୨୯୮ ଆସନରେ ପ୍ରାର୍ଥୀ ଦେବେ। ଉଭୟ ଦଳ ସମସ୍ତ ଆସନରେ ମେଣ୍ଟ ପ୍ରାର୍ଥୀଙ୍କ ବିଜୟ ପାଇଁ ଉଦ୍ୟମ କରିବେ। ଆର୍‌ଏଲ୍‌ଡି ପରି କିଛି କ୍ଷୁଦ୍ର ଦଳଙ୍କ ସହ ବୁଝାମଣା କରିବାକୁ କଂଗ୍ରେସ ପ୍ରସ୍ତାବ ଦେଇଥିଲେ ମଧ୍ୟ ଅଖିଳେଶ ତାହାକୁ ଗ୍ରହଣ କରିନଥିଲେ। ଉଭୟ ପକ୍ଷ ମଧ୍ୟରେ ଆଲୋଚନା ବେଳେ ସମାଜବାଦୀ ପାର୍ଟି ସର୍ବାଧିକ ୯୯ ଆସନ କଂଗ୍ରେସକୁ ଛାଡ଼ିଦେବାକୁ କହିବାରୁ ବୁଝାମଣା ଚୂଡ଼ାନ୍ତ ହୋଇନଥିଲା। ଫଳରେ କଂଗ୍ରେସ ସୁପ୍ରିମୋ ସୋନିଆ ଗାନ୍ଧୀଙ୍କୁ ଏଥିରେ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ସେ ଫୋନ୍‌ରେ ଅଖିଳେଶଙ୍କ ସହିତ ଆଲୋଚନା କରିଥିଲେ। ପରେ ପ୍ରିୟଙ୍କା ଓ ଅଖିଳେଶଙ୍କ ମଧ୍ୟରେ କଥାବାର୍ତ୍ତା ହୋଇ ବୁଝାମଣା ଚୂଡ଼ାନ୍ତ ହୋଇଥିଲା। ତେବେ ରାଜ୍ୟର ୯ କଂଗ୍ରେସ ବିଧାୟକଙ୍କ ଆସନରେ ସମାଜବାଦୀ ପାର୍ଟି ଦେଇଥିବା ପ୍ରାର୍ଥୀଙ୍କୁ ପ୍ରତ୍ୟାହାର କରିବା ଓ ରାହୁଲ, ସୋନିଆଙ୍କ ଆମେଥି ଓ ରାୟବରେଲି ଲୋକସଭା ଆସନ ଅନ୍ତର୍ଗତ ବିଧାନସଭା ଆସନଗୁଡ଼ିକୁ କଂଗ୍ରେସକୁ ଛାଡ଼ିବାକୁ ହୋଇଥିବା ଦାବିର ନିଷ୍ପତ୍ତି ନେଇ ସୂଚନା ମିଳିପାରି ନାହିଁ।


### ଉତ୍ତର ପ୍ରଦେଶ ନିର୍ବାଚନ

କଂଗ୍ରେସରେ ପ୍ରିୟଙ୍କା ଗାନ୍ଧିଙ୍କ ପ୍ରଭାବ ରାହୁଲଙ୍କ ଅପେକ୍ଷା ଅଧିକ ଥିବା ଉତ୍ତରପ୍ରଦେଶ ଘଟଣାରୁ ଜଣାପଡ଼ିଛି। ସମାଜବାଦୀ ପାର୍ଟି ସହ ମେଣ୍ଟ ପ୍ରସଙ୍ଗରେ ପ୍ରିୟଙ୍କାଙ୍କ ଭୂମିକା ଏହା ପ୍ରମାଣ କରିଛି। ମେଣ୍ଟ ନେଇ ଅଚଳାବସ୍ଥା ସୃଷ୍ଟି ହେବା ପରେ ସେ ଭାଇ ରାହୁଲ ଓ ଅନ୍ୟ ବରିଷ୍ଠ ନେତାଙ୍କ ସହ କ୍ରମାଗତ ଆଲୋଚନା କରିଥିଲେ। କଥା ନ ଛିଣ୍ଡିବାରୁ ସେ ଶନିବାର ରାତି ପ୍ରାୟ ସାଢ଼େ ୧୧ଟାରେ ସିଧାସଳଖ ଅଖିଳେଶଙ୍କ ସହ ଆଲୋଚନା କରିଥିଲେ। କଂଗ୍ରେସ ସାଧାରଣ ସମ୍ପାଦକ ଅହମ୍ମଦ ପଟେଲ ଏ ନେଇ ଟ୍ୱିଟରରେ ସୂଚନା ଦେଇଥିଲେ ଯେ 'ଆଲୋଚନା କୌଣସି ସାଧାରଣ ନେତା ନୁହନ୍ତି; ହେଭିୱେଟ୍‌ଙ୍କ ମଧ୍ୟରେ ଚାଲିଛି।' ତାଙ୍କ କଥା ଆଧାରରେ ଆଲୋଚନା ହୋଇ ଚୂଡ଼ାନ୍ତ ହୋଇଥିଲା। ପ୍ରିୟଙ୍କା ମେଣ୍ଟ ପାଇଁ ବ୍ୟସ୍ତ ରହିବା ଯୋଗୁଁ ପାରିବାରିକ ଛୁଟି ବାତିଲ କରିଥିଲେ। ପ୍ରିୟଙ୍କା ଯେ ଦଳରେ ଆଜିକାଲି କେନ୍ଦ୍ରୀୟ ଭୂମିକା ନିଭାଉଛନ୍ତି ତାହା ଅହମ୍ମଦ ପଟେଲଙ୍କ କଥାରୁ ସ୍ପଷ୍ଟ ଜଣାପଡ଼ିଛି।

ବିଳମ୍ବରେ ହେଲେ ବି ସୋନିଆ ତାଙ୍କର ରାଜନୈତିକ ଭୂମିକାକୁ ଏବେ ଗୁରୁତ୍ୱ ଦେଉଛନ୍ତି। ଶୀଘ୍ର ସେ ରାଜନୈତିକ ମଇଦାନର ସମ୍ମୁଖ ଭାଗକୁ ଆସି ମାଆ ସୋନିଆଙ୍କ ଭୂମିକା ନେଉଥିବା ମଧ୍ୟ ସ୍ପଷ୍ଟ ହୋଇଛି। ସମାଜବାଦୀ ପାର୍ଟି ସହ ମେଣ୍ଟ ପ୍ରସଙ୍ଗ ପ୍ରଥମେ ପ୍ରିୟଙ୍କା ଅଖିଳେଶଙ୍କ ପତ୍ନୀ ଡିମ୍ପଲଙ୍କ ମାଧ୍ୟମରେ ଉତ୍ଥାପନ କରିଥିଲେ; ଯାହା ଏବେ ଚୂଡ଼ାନ୍ତ ରୂପ ନେଇଛି। ସେ ଡିମ୍ପଲଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ସୂଚନାନୁଯାୟୀ, ପ୍ରିୟଙ୍କା ଆଜିକାଲି ନିଜର ଏକ ସ୍ୱତନ୍ତ୍ର ରାଜନୈତିକ କାର୍ଯ୍ୟାଳୟ ସ୍ଥାପନ କରିଛନ୍ତି; କିନ୍ତୁ ପରଦା ପଛରେ ରହି ସବୁ କାମ କରୁଛନ୍ତି। ଉତ୍ତରପ୍ରଦେଶରେ 'ନାରୀଶକ୍ତି' ଯୋଜନାର ପ୍ରଚାର ତଥା ମହିଳା ଭୋଟ୍ ହାସଲ ପାଇଁ ଡିମ୍ପଲ ଓ ପ୍ରିୟଙ୍କା ପ୍ରଚାରର ମଙ୍ଗ ଧରିବେ ବୋଲି ଆପାତତଃ ସ୍ଥିର ହୋଇଛି ଏବଂ ପ୍ରିୟଙ୍କାଙ୍କୁ ଦଳର ତାରକା ପଚାରକ ଭାବେ କଂଗ୍ରେସ ଘୋଷଣା କରିଛନ୍ତି। ପ୍ରିୟଙ୍କାଙ୍କ



ଆକ୍ରମଣାତ୍ମକ ରାଜନୀତି ଓ ତ୍ୱରିତ ନିଷ୍ପତ୍ତି ନେବାର ଦକ୍ଷତାକୁ ରାହୁଲଙ୍କ ଅପେକ୍ଷା ସେ ଅଧିକ ଦକ୍ଷ ବୋଲି କର୍ମୀ ପସନ୍ଦ ମଧ୍ୟ କରୁଛନ୍ତି। ସୂଚନାଅନୁସାରେ ଉତ୍ତରପ୍ରଦେଶ ନିର୍ବାଚନ ପରେ ଦଳରେ ଅନେକ ପରିବର୍ତ୍ତନ ଆସିବ।




# ଫେରିପାରେ ଏଲ୍-ନିନୋ

**ନୂଆଦିଲ୍ଲୀ :** ପାଣିପାଗ ବିଷୟରେ ଭବିଷ୍ୟବାଣୀ କରୁଥିବା ଏକ ଘରୋଇ ସଂସ୍ଥା ସ୍କାଏମେଟ୍‌ର ସୂଚନା ଅନୁଯାୟୀ ଆଗାମୀ ବର୍ଷାଋତୁ ଦୁର୍ବଳ ରହିବ। ତେଣୁ ପୁଣିଥରେ ଚଳିତବର୍ଷ ଏଲ୍-ନିନୋ ଫେରିବା ନେଇ ଆଶଙ୍କା ପ୍ରକାଶ ପାଇଛି। ସ୍କାଏମେଟ୍‌ର ସିଇଓ କହିଛନ୍ତି। ସାଧାରଣତଃ ଭଲ ମୌସୁମୀବର୍ଷା ସହ ଜଡ଼ିତ ଲା-ନିନା ପରେ ପରେ ଏଲ୍-ନିନୋ ଆସିଥାଏ। ବର୍ତ୍ତମାନ ଲା-ନିନା ପ୍ରଭାବରେ ପ୍ରଶାନ୍ତ ମହାସାଗର ଜଳରାଶି ଶୀତଳ ରହୁଥିବାରୁ ଏହାର ଉଷ୍ଣ ଅବସ୍ଥା ହେଉଛି ଏଲ୍-ନିନୋ। ଗତ ଡିସେମ୍ବରରେ ପାଣିପାଗ କେନ୍ଦ୍ରଗୁଡ଼ିକ ପ୍ରସ୍ତାବ ଦେଇଥିଲେ ଯେ ଦୁର୍ବଳ ଲା-ନିନା ପରିସ୍ଥିତି ୨୦୧୭ ପ୍ରାରମ୍ଭ ପର୍ଯ୍ୟନ୍ତ ଜାରି ରହିବ ଏବଂ ଏପ୍ରିଲ୍ ଓ ମେ ସୁଦ୍ଧା ଏହି ସ୍ଥିତିରେ ସୁଧାର ଆସିପାରେ। ଭବିଷ୍ୟବାଣୀ ଅନୁଯାୟୀ ୨୦୧୭ରେ ଭାରତରେ ସ୍ୱାଭାବିକ ବର୍ଷାଠାରୁ ଅଧିକ ହୋଇପାରେ। ବର୍ତ୍ତମାନ ପାଣିପାଗ ମଡେଲରୁ ସୂଚନା ମିଳେ ଯେ, ଦେଶର ବିଭିନ୍ନ ପାଣିପାଗ ସଂସ୍ଥା ଏଲ୍-ନିନୋ ବିଷୟରେ ସଚେତନ କରିସାରିଲେଣି। ସର୍ବଶେଷ ତଥ୍ୟ ଅନୁଯାୟୀ, ଉଷ୍ଣ ମଣ୍ଡଳୀୟ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ସମୁଦ୍ରର ଉପରିଭାଗର ତାପମାତ୍ରା ଆସନ୍ତା ୬ମାସ ମଧ୍ୟରେ ବୃଦ୍ଧି ପାଇବାର ସମ୍ଭାବନା ରହିଛି।

ଯାହା ଫଳରେ ଭାରତରେ ବର୍ଷା କରାଉଥିବା ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ଏହା ଦ୍ୱାରା ପ୍ରଭାବିତ ହେବ। ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ମୌସୁମୀ ବାୟୁକୁ ସକ୍ରିୟ କରାଇବାରେ ଇଣ୍ଡିଆନ୍ ଓସନ୍ ଡାଇପୋଲ୍ (ଆଇଓଡି) ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହା ଯୁକ୍ତାତ୍ମକ ହେଲେ ଭଲ ମୌସୁମୀ ବର୍ଷା ହେଉଥିବା ବେଳେ ବିଯୁକ୍ତାତ୍ମକ ହେଲେ ଅନାବୃଷ୍ଟି ହୋଇଥାଏ। ତେବେ ବର୍ତ୍ତମାନ ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ମୌସୁମୀ ଋତୁରେ ଆଇଓଡି ଯୁକ୍ତାତ୍ମକ ସମ୍ଭାବନା ଥିବା ଶ୍ରୀ ସିଂ ପ୍ରକାଶ କରିଛନ୍ତି। ଆଶଙ୍କା କରାଯାଉଥିବା ଏଲ୍-ନିନୋ ପ୍ରଭାବକୁ ଆଇଓଡି କେତେଦୂର ପ୍ରତିହତ କରିବ ତାହା ଦେଖିବାକୁ ବାକି ଅଛି। ପାଣିପାଗର ବର୍ତ୍ତମାନର ମେଡେଲରୁ ସୂଚନା ମିଳୁଛି ଯେ ପୂର୍ବ ପ୍ରଶାନ୍ତ ମହାସାଗରୀୟ ଜଳରାଶି ଶୀତଳ ରହୁଥିବା ବେଳେ ପଶ୍ଚିମ ପ୍ରଶାନ୍ତ ମହାସାଗରୀୟ ଜଳରାଶି ଉଷ୍ଣ ରହୁଛି। ସୂଚନା ଯୋଗ୍ୟ ଯେ, 'ଲା-ନିନା ଅବସ୍ଥା ବର୍ତ୍ତମାନ ଜାରି ରହିଥିବାରୁ ଏଲ୍-ନିନୋ ଘଟିବା ସମ୍ପର୍କରେ ଏବେଠାରୁ କହିବା ଠିକ୍ ହେବନାହିଁ। ଆହୁରି ଅନେକ କାରଣ ମଧ୍ୟ ମୌସୁମୀ ବାୟୁକୁ ପ୍ରଭାବିତ କରିଥାଏ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଯେ ୧୮୭୧ ପରଠାରୁ ଦେଶରେ ୮ଟି ବଡ଼ ଧରଣର ମରୁଡ଼ି ଦେଖାଦେଇଥିଲା। ଏସବୁ ଥିଲା ଏଲ୍-ନିନୋ ପ୍ରଭାବିତ। ତେବେ ୨୦୦୨, ୨୦୦୯, ୨୦୧୪ ଏବଂ ୨୦୧୫ରେ ହୋଇଥିବା ମରୁଡ଼ି ତନ୍ମଧ୍ୟରୁ ଅନ୍ୟତମ। ଏଠାରେ ଏକ ଉଲ୍ଲେଖନୀୟ ବିଷୟ ହେଉଛି ସବୁ ଏଲ୍-ନିନୋ ପରେ ଭାରତରେ ଅନାବୃଷ୍ଟି ହୋଇ ନଥାଏ। ୧୯୯୭-୯୮ ହେଉଛି ଏହାର ଏକ ଉଜ୍ଜଳ ଦୃଷ୍ଟାନ୍ତ। ଏହିବର୍ଷ ଏଲ୍-ନିନୋ ହୋଇଥିଲେ ମଧ୍ୟ ଏହାପରେ ଭାରତରେ ମରୁଡ଼ି ହୋଇ ନଥିଲା, ବରଂ ପ୍ରଚୁର ବର୍ଷା ହୋଇଥିଲା।

## ଅଦରକାରୀ ହେବ ଏଟିଏମ୍!

**ଜୟପୁର :** ଭାରତ ଖୁବ୍‌ଶୀଘ୍ର ଏକ ବେନଗଦୀ ଅର୍ଥନୀତିରେ ପରିଣତ



ହେବ। ମୋବାଇଲ୍ ଫୋନ୍ ମାଧ୍ୟମରେ ସମସ୍ତ ଆର୍ଥିକ କାରବାର ସମ୍ପାଦିତ ହେବ। ଏପରିକି ୩ ବର୍ଷରେ ଏଟିଏମ୍ ମଧ୍ୟ ଅଦରକାରୀ ହୋଇ ପଡ଼ିବ। ନୀତି ଆୟୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଅମିତାଭ କାନ୍ତ ଏଭଳି ମନ୍ତବ୍ୟ ଦେଇଛନ୍ତି।

## ଲଜ୍ଜା : ନାବାଳିକାକୁ ୭ ନାବାଳକଙ୍କ ଗଣଦୁଷ୍କର୍ମ

**ସିଲଂ :** ମେଘାଳୟର ଦକ୍ଷିର ପଶ୍ଚିମ ଖାସି ଜିଲାର ମାଓଟେନ ଗ୍ରାମରେ ଜଣେ ୧୧ ବର୍ଷୀୟା ନାବାଳିକାଙ୍କୁ ୭ଜଣ ନାବାଳକ ଦୁଇଥର ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଗତବର୍ଷ ଡିସେମ୍ବରରେ ନାବାଳିକାଙ୍କୁ ଧାନକ୍ଷେତରେ ପ୍ରଥମଥର ପାଇଁ ଦୁଷ୍କର୍ମ କରାଯାଇଥିବା ବେଳେ ଗତ ୧୩ ତାରିଖରେ ନାବାଳିକା ଘରେ ପଶି ତାକୁ ଦ୍ୱିତୀୟଥର ଗଣଦୁଷ୍କର୍ମ କରାଯାଇଥିବା ପୁଲିସ ନିକଟରେ ଅଭିଯୋଗ ହୋଇଛି।

ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୧୪ରୁ ୧୬ ବର୍ଷ ମଧ୍ୟରେ ୬ଜଣ ଅଭିଯୁକ୍ତଙ୍କୁ ଅଟକ ରଖିଥିବା ବେଳେ ଅନ୍ୟଜଣ ଫେରାର ଥିବା ଜଣାପଡ଼ିଛି। ଅଭିଯୁକ୍ତମାନଙ୍କ ବିରୋଧରେ ପୁଲିସ ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୭୫(ଜି) ଏବଂ ପକ୍‌ସୋ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି। ଅଭିଯୁକ୍ତମାନେ ଦୋଷ ସ୍ୱୀକାର କରିଥିବା ବେଳେ ସେମାନଙ୍କୁ ବାଲ୍ ସୁଧାର ଗୃହକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।



# ବଜେଟ୍‌ରେ କୁଲିଙ୍କ ସାମାଜିକ ନିରାପତ୍ତା ସେସ୍ ଲାଗୁ ହୋଇପାରେ !



**ନୂଆଦିଲ୍ଲୀ :** ୨୦୧୭-୧୮ଆର୍ଥିକ ବର୍ଷ ପାଇଁ ସାଧାରଣ ବଜେଟରେ କୁଲି(ସହାୟକ)ଙ୍କୁ ସାମାଜିକ ନିରାପତ୍ତା ପ୍ରଦାନ ଲାଗି ଏକ ନୂତନ ସେସ୍ ଲାଗୁ ପାଇଁ ଘୋଷଣା ହୋଇପାରେ। ଏହା ଲାଗୁ ହେଲେ ବର୍ତ୍ତମାନ ସାରା ଦେଶର ବିଭିନ୍ନ ରେଳ ଷ୍ଟେସନରେ କାର୍ଯ୍ୟ କରୁଥିବା ପ୍ରାୟ ୨୦ ହଜାର କୁଲି ଉପକୃତ ହେବେ। ଏଥିରେ କୁଲିମାନଙ୍କୁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ(ଇପିଏଫଓ) ଅଧୀନରେ ପରିଚାଳିତ ସାମାଜିକ ନିରାପତ୍ତା ଯୋଜନାରେ ସାମିଲ କରାଯିବ। ଶ୍ରମ ମନ୍ତ୍ରଣାଳୟ ନିକଟରେ ଏହି ଭଳି ଏକ ପ୍ରସ୍ତାବ ରହିଥିବା ଜଣାପଡ଼ିଛି। ପ୍ରତି ରେଳ ଟିକେଟ ପିଛା ୧୦ ପଇସା ସେସ୍ ଲାଗୁ କରିବାକୁ ମଧ୍ୟ ଯୋଜନା ହେଉଛି। ସରକାର ବର୍ତ୍ତମାନ ସାରା ଦେଶରେ କାର୍ଯ୍ୟରତ ୪୦ କୋଟି ଅଣସଙ୍ଗଠିତ କ୍ଷେତ୍ର ଶ୍ରମିକଙ୍କୁ ସାମାଜିକ ନିରାପତ୍ତା ପ୍ରଦାନ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି। ଏହି କୁଲିମାନଙ୍କୁ ମଧ୍ୟ ସାମାଜିକ ନିରାପତ୍ତା ପ୍ରଦାନ ଉପରେ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ପ୍ରତି ଟିକେଟ ପିଛା ୧୦ ପଇସା ସେସ୍ ଭାବରେ ଆଦାୟ ହେଲେ ବାର୍ଷିକ ୪.୩୮ କୋଟି ଟଙ୍କା ସେସ୍ ଆଦାୟ ହେବ। ଏହି ଅର୍ଥ ମାଧ୍ୟମରେ କୁଲିଙ୍କୁ ଭବିଷ୍ୟନିଧି, ପେନ୍‌ସନ ଏବଂ ବୀମା ସୁବିଧା ପ୍ରଦାନ କରାଯାଇପାରିବ। ବର୍ତ୍ତମାନ ରେଳ ବିଭାଗ ଦୈନିକ ୧୦-୧୨ ଲକ୍ଷ ଟିକେଟ ବିକ୍ରି କରୁଛି। ନୂଆ ସେସ୍ ଆସିଲେ ଦୈନିକ ୧.୨ ସଂଗ୍ରହ ହେବ। ଶ୍ରମିକ ସଙ୍ଗଠନ ପ୍ରତିନିଧି ଅଶୋକ ସିଂ ଏହିଭଳି ଏକ ପ୍ରସ୍ତାବ ଶ୍ରମ ମନ୍ତ୍ରଣାଳୟକୁ ଦେଇଥିଲେ। ଏହି ବିଷୟ ଉପରେ ବିଚାର କରିବାକୁ ଶ୍ରମମନ୍ତ୍ରୀ ବନ୍ଦାରୁ ଦତ୍ତାତ୍ରେୟ କହିଛନ୍ତି।

# ବିଶ୍ୱ ତାପମାତ୍ରା ବୃଦ୍ଧିର ପ୍ରଭାବ : ଆସିପାରେ ତିନିମହଲା ଉଚ୍ଚର ଜୁଆର

ଲଣ୍ଡନ: ବିଶ୍ୱ ତାପମାତ୍ରା ଆଜିର ଆଧୁନିକ ଯୁଗ ସମୟରେ ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଉଛି ଯାହାକି ବିଶ୍ୱ ପାଇଁ ସତର୍କର ଘଣ୍ଟି ସଦୃଶ। ବହୁବର୍ଷ ପୂର୍ବେ ବି ଏପରି ଘଟଣା ଘଟିଥିଲା। ପ୍ରାୟ ଲକ୍ଷେ ବର୍ଷ ପୂର୍ବେ ବିଶ୍ୱ ତାପମାତ୍ରାରେ ୦.୫ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଏହାର ପ୍ରଭାବ ଯୋଗୁଁ ସମୁଦ୍ରର ଜଳସ୍ତର ୬ରୁ ୯ମିଟର ଯାଏଁ ବଢ଼ି ଯାଇଥିଲା। ଏବେ ଯଦି ବିଶ୍ୱ ତାପମାତ୍ରା ବୃଦ୍ଧି ପାଇ ଏଭଳି ସ୍ତରରେ ପହଞ୍ଚେ, ତା'ହେଲେ ଅନୁରୂପ ପ୍ରଭାବ ପରିଲକ୍ଷିତ ହେବ। ପ୍ରାୟ ତିନିମହଲା ଉଚ୍ଚର ସମୁଦ୍ର ଜୁଆର ମାଡ଼ି



ଆସିବାର ଆଶଙ୍କା ରହିଛି। ଏଥିଯୋଗୁଁ ନ୍ୟୁୟର୍କ, ଲଣ୍ଡନ, ସାଂଘାଇ ଭଳି ପ୍ରମୁଖ ସହରଗୁଡ଼ିକ ଜଳପ୍ଲାବିତ ହୋଇଯିବ। ନେଦରଲ୍ୟାଣ୍ଡ ଏବଂ ବାଂଲାଦେଶ ପରି କେତେକ ରାଷ୍ଟ୍ର ସମ୍ପୂର୍ଣ୍ଣ ଭାବେ ସମୁଦ୍ର ମଧ୍ୟରେ ବୁଡ଼ିଯିବ। ସୂଚନା ଅନୁସାରେ ପୃଥିବୀର ୮୩ଟି ଭିନ୍ନ ଭିନ୍ନ ସ୍ଥାନରୁ ସେଡିମେଣ୍ଟ (ସମୁଦ୍ର ପାରି ତଳେ ଜମା ହୋଇରହୁଥିବା ପଦାର୍ଥ)ର ନମୁନା ନେଇ ବୈଜ୍ଞାନିକମାନେ ତାହାର ପରୀକ୍ଷଣ କରି ଏହାର ପ୍ରଭାବ ବିଷୟରେ ଜ୍ଞାତ ହୋଇଥିଲେ। ଏବେ ସମୁଦ୍ରର ଉପରି ଭାଗର ତାପମାତ୍ରା ପୁଣି ବୃଦ୍ଧି ପାଉଛି। ଆଉ କିଛି ଦଶନ୍ଧି ପରେ ଏହା ଏଭଳି ସ୍ତରରେ ପହଞ୍ଚିବ ଯେ ତାହା ଯୋଗୁଁ ମେରୁ ଅଞ୍ଚଳରେ ଥିବା ସବୁ ବରଫ ତରଳି ସମୁଦ୍ରରେ ମିଳାଇଯିବା ପରେ ସମୁଦ୍ରର ଜଳସ୍ତର ପୂର୍ବଭଳି ପୁଣି ବଢ଼ିଯିବ।

## ୪ କମ୍ପାନୀରୁ ଇସ୍ତଫା ଦେଲେ ଟ୍ରମ୍ପ୍

**ୱାଶିଂଟନ :** ନବନିର୍ବାଚିତ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜର ୪ଟି ସକ୍‌ଟିସ୍ ଗଲ୍ଫ ଓ ପର୍ଯ୍ୟଟନ କମ୍ପାନୀର ନିର୍ଦ୍ଦେଶକ ପଦରୁ ଇସ୍ତଫା ଦେଇଛନ୍ତି। ବ୍ରିଟେନ ସରକାରଙ୍କ ଦ୍ୱାରା ବ୍ରିଟିଶ ବ୍ୟବସାୟୀଙ୍କୁ ନେଇ ଜାରି କରାଯାଇଥିବା ଡକ୍ୟୁମେ□ରୁ ଜଣାଯାଇଛି ଯେ, ଟ୍ରମ୍ପ ରାଷ୍ଟ୍ରପତି ପଦର ଶପଥ ଗ୍ରହଣ କରିବା ପୂର୍ବରୁ ଗତ ଜାନୁଆରୀ ୧୯ ତାରିଖରେ ଏହି ୪ଟି କମ୍ପାନୀରୁ ଇସ୍ତଫା ଦେଇଥିଲେ। ଉକ୍ତ ଡକ୍ୟୁମେଂଟ ଅନୁଯାୟୀ, ଟ୍ରମ୍ପ ଅନ୍ତର୍ଜାତୀୟ ଗଲ୍ଫ କ୍ଲବ୍ ସ୍କଟ୍‌ଲ୍ୟାଣ୍ଡର ନିର୍ଦ୍ଦେଶକ ପଦରୁ ଇସ୍ତଫା ଦେବା ସହ ନିଜର ଅନ୍ୟ ଦୁଇଟି ଫାର୍ମରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ଏଥିସହିତ ୪ର୍ଥ କମ୍ପାନୀ ଡିଟି କନେକ୍ଟ ୟୁରୋପରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଟ୍ରମ୍ପ୍ ନିଜ ବ୍ୟବସାୟରୁ ଅଲଗା ହେବା ପାଇଁ ଘୋଷଣା କରିଥିଲେ। ସେ ନିଜ ସମସ୍ତ କମ୍ପାନୀର ଦାୟିତ୍ୱ ପୁଅଙ୍କୁ ହସ୍ତାନ୍ତର କରିବାକୁ ଘୋଷଣା କରିଥିଲେ। ଏବେ ସେ କେବଳ ଆମେରିକାବାସୀଙ୍କ କଥା ଚିନ୍ତା କରିବାର ନିଷ୍ପତ୍ତି ନେଇଥିବାରୁ ବ୍ୟବସାୟିକ ଦାୟିତ୍ୱ ତାଙ୍କ ପୁଅଙ୍କୁ ଦେଇଥିବା କହିଛନ୍ତି।

## ୧୦ ଟଙ୍କାରେ ୫ କେଜି ଚିନି

**ଚଣ୍ଡିଗଡ଼ :** ପଞ୍ଜାବ ବିଧାନସଭା ନିର୍ବାଚନ ପାଇଁ ଅକାଳୀ ଦଳ ଘୋଷଣାପତ୍ର ଜାରି କରିଛି। ଏଥିରେ ୨୦ ଲକ୍ଷ ଯୁବକଙ୍କୁ ରୋଜଗାର, କ୍ଷୁଦ୍ର ଚାଷୀଙ୍କୁ ଋଣଛାଡ଼, ଶସ୍ତାରେ ଘିଅ, ଚିନି, ଷ୍ଟୋଭ୍ ଓ ମାଗଣା ପ୍ରେସରକୁକର୍ ଦେବାକୁ ପ୍ରତିଶ୍ରୁତି ଦିଆଯାଇଛି। ୨.୫ ଏକର ପର୍ଯ୍ୟନ୍ତ ଜମି ଥିବା ଚାଷୀଙ୍କୁ ଋଣଛାଡ଼ ସହ ଚାଷୀଙ୍କୁ ପ୍ରତ୍ୟହ ୧୦ ଘଣ୍ଟା ମାଗଣା ବିଜୁଳି, ପ୍ରତି ଚାଷୀଙ୍କୁ ଟ୍ୟୁବୱେଲ୍, ଛୋଟଚାଷୀଙ୍କୁ ପ୍ରତିବର୍ଷ ୨ ବର୍ଷ ପାଇଁ ସୁଧମୁକ୍ତ ଋଣ ପ୍ରଦାନ, ସହରାଞ୍ଚଳକୁ ୪ ଓ ୬ ଲେନ୍ ଏକ୍ସପ୍ରେସ୍ ୱେ ସହ ସଂଯୋଗ କରିବା, ମାଗଣା ଗ୍ୟାସ୍ କନେକ୍ସନ, ୧୦ ଟଙ୍କାରେ ୫ କିଲୋ ଚିନି, ୨୫ ଟଙ୍କାରେ ୨ କିଲୋ ଘିଅ, ୫୧,୦୦୦ ଟଙ୍କାର ସଗୁନ୍, ୧ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା, ପ୍ରତି ୱାର୍ଡରେ ମାଗଣାଔଷଧ ଦୋକାନ, ବାସହୀନଙ୍କୁ ପକ୍କାଘର, ଦଶମ ପାସ୍ ଯୁବତୀଙ୍କୁ ସିଲେଇ ମେସିନ୍ ପ୍ରଦାନ ଭଳି ବହୁ ପ୍ରତିଶ୍ରୁତି ଦିଆଯାଇଛି। ଘୋଷଣାପତ୍ର ଜାରି ବେଳେ ପଞ୍ଜାବ ଉପମୁଖ୍ୟମନ୍ତ୍ରୀ ସୁଖ୍‌ବୀର ସିଂହ ବାଦଲ କଂଗ୍ରେସ ଓ ଆପ୍‌କୁ ସମାଲୋଚନା କରିଛନ୍ତି। ସେ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ଠକ ଓ ମିଛୁଆ ଓ ପଞ୍ଜାବ ପାଇଁ ଅନୁପଯୁକ୍ତ ବ୍ୟକ୍ତି ବୋଲି କହିଛନ୍ତି।

# ଆଉ ଲୁଚାଇ ରଖିହେବନି କଳାଟଙ୍କା

**ନୂଆଦିଲ୍ଲୀ :** କଳାଟଙ୍କା ଜମାକାରୀଙ୍କୁ ଆୟକର ବିଭାଗ ଚେତାବନୀ ଦେଇ କହିଛି ଯେ ସମ୍ପତ୍ତି କୌଣସି ସ୍ଥାନରେ ରହିଲେ ବି କଳାଟଙ୍କା ଲୁଚି ରହିବନି। କିନ୍ତୁ ଆଉ ଆୟକର ବିଭାଗର ନଜର ରହିଛି ଏହାରି ଉପରେ। ଏଣୁ ଟଙ୍କା ଲୁଚାଇ ରଖିବା ପରିବର୍ତ୍ତେ ଏହାକୁ ଘୋଷଣା କରିବା ଦରକାର। କେନ୍ଦ୍ର ସରକାର ଆରମ୍ଭ କରିଥିବା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଅଘୋଷିତ ଆୟ ଘୋଷଣା କରି ଏହାର ଲାଭ ନେବାକୁ ପରାମର୍ଶ ଦେଇଛି ଆୟକର ବିଭାଗ। ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ଅଘୋଷିତ ଆୟ ଥରେ ମାତ୍ର ଘୋଷଣା କରି ସମସ୍ତ ଦୋଷରୁ ମୁକ୍ତି ପାଇବାକୁ ବିଭାଗ କଳାଟଙ୍କା ଜମାକାରୀଙ୍କୁ ସତର୍କ କରାଇଦେଇଛି। ବିମୁଦ୍ରୀକରଣ ପରେ ସରକାର ଏହି ଯୋଜନା ଘୋଷଣା କରି କଳାଟଙ୍କା ଜମା କରିଥିବା ବ୍ୟକ୍ତିଙ୍କ ଉପରେ ସରକାର ନଜର ରଖିଛନ୍ତି। ଏଣୁ ଏହି ବ୍ୟକ୍ତିମାନେ କୌଣସି ମତେ ଖସି ଯାଇପାରିବେ ନାହିଁ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଅଘୋଷିତ ଆୟକୁ ନିବେଶ କରି ଗରିବଙ୍କ ସାମାଜିକ ଏବଂ ଅର୍ଥନୈତିକ ବିକାଶରେ ଏହି ବ୍ୟକ୍ତିମାନେ ନିଜର ଯୋଗଦାନ ଦେଇପାରିବେ ବୋଲି ଆୟକର ବିଭାଗ କହିଛି। ଏହି ଯୋଜନାରେ କଳାଟଙ୍କା ଘୋଷଣା ନ କରିଲେ ବ୍ୟକ୍ତି



ଟିକସ, ସରଚାର୍ଜ ଏବଂ ସେସ୍ ବାବଦକୁ ୭୭.୨୫% ଟିକସ ପ୍ରଦାନ କରିବେ। ଏହା ବ୍ୟତୀତ ଜରିମାନା ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଦେୟ ପ୍ରଦାନ କରିବାକୁ ପଡ଼ିବ। ଯୋଜନାରେ ମାର୍ଚ୍ଚ ୩୧ ତାରିଖ ଯାଏ ବ୍ୟକ୍ତି ନିଜର ଅଘୋଷିତ ଆୟ ଘୋଷଣା କରିପାରିବେ। ବର୍ତ୍ତମାନ ସୁଦ୍ଧା ୩୦୦ କୋଟିରୁ ଅଧିକ ଟଙ୍କାର ଆୟ ଘୋଷଣା ହୋଇଥିବା ଆୟକର ବିଭାଗ କହିଛି। ଏଥିରେ ଯେଉଁ ବ୍ୟକ୍ତି ବ୍ୟାଙ୍କ୍ ଏବଂ ଡାକଘରେ ଅଘୋଷିତ ଆୟ ଜମା କରିପାରିବେ ସେମାନଙ୍କ ନାମ ଗୋପନ ରଖାଯିବ। ଏଥିପାଇଁ ଟିକସ ସହିତ ସରଚାର୍ଜ ବାବଦକୁ ୫୦% ଅର୍ଥ ପ୍ରଦାନ କରିବାକୁ ପଡ଼ି। ସେହିଭଳି ମୋଟ ଜମାର ଏକ ଚତୁର୍ଥାଂଶ ଜମା ବିନା ସୁଧରେ ୪ବର୍ଷ ପାଇଁ ଜମା ଦେବାକୁ ହେବ।

## ପାନବାଲା ଖାତାରେ ୫ କୋଟି

**ଗାଜିଆବାଦ :** ଘନଶ୍ୟାମ ନାମକ ଜଣେ ପାନ ଦୋକାନୀଙ୍କ ବ୍ୟାଙ୍କ ଖାତାରେ ଆୟକର ବିଭାଗ ୫ କୋଟି ଟଙ୍କାର ଜମା ଠାବ କରିଛି। ବିମୁଦ୍ରୀକରଣ ଘୋଷଣା ପରେ ୨୦୧୬ ନଭେମ୍ବର ୯ରୁ ଡିସେମ୍ବର ୩୧ ମଧ୍ୟରେ ତାଙ୍କ ଆକାଉଣ୍ଟରେ ଏହି ଅର୍ଥ ଜମା ହୋଇଥିବା ଜଣାପଡ଼ିଛି। ଆୟକର ବିଭାଗକୁ ଦେଇଥିବା ସୂଚନା ମୁତାବକ, ମାସିକ ୮ ହଜାର ଟଙ୍କା ବିନିମୟରେ ସେ ନିଜ ବ୍ୟାଙ୍କ ଖାତାକୁ ରିଅଲ୍ ଇଷ୍ଟେଟ୍ ଡିଲର ରାହୁଲ ଚୌଧୁରୀଙ୍କୁ ଭଡ଼ାରେ ଲଗାଇଥିଲେ। ଫଳରେ ଚୌଧୁରୀ ହିଁ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପରିଚାଳନା କରୁଥିଲେ। ଆୟକର ବିଭାଗ ତଦନ୍ତରୁ ଜଣାପଡ଼ିଛି ଯେ ଜମ୍ମୁ ଓ କାଶ୍ମୀରର ନେହରୁ ନଗର ଶାଖାରେ ଥିବା ଘନଶ୍ୟାମଙ୍କ ବ୍ୟାଙ୍କ ଆକାଉଣ୍ଟକୁ କିଛି ଗହଣା ବ୍ୟବସାୟୀଙ୍କ ସମେତ ଦିଲ୍ଲୀ ଓ ମିରଟର ବହୁ ଲୋକ ମଧ୍ୟ ନିଜ ଆୟବହିର୍ଭୂତ ନଗଦ ପରିଚାଳନା ପାଇଁ ବ୍ୟବହାର କରିଛନ୍ତି। ସେହିଭଳି ନେହରୁ ନଗରସ୍ଥିତ ଏହି ଶାଖାରେ ଥିବା ଅନ୍ୟ ୨ଟି ଆକାଉଣ୍ଟରେ ମଧ୍ୟ ସନ୍ଦିଗ୍ଧ କାରବାର ହୋଇଥିବା ଆୟକର ବିଭାଗ ନଜରକୁ ଆସିଛି।

# ବିବାଦ ପରେ ଫଟୋ ହଟିଲା



'ମେକ୍‌ଇନ୍ ରେଭେନ୍ସା' ପୋଷ୍ଟର

**କଟକ :** ରେଭେନ୍ସାରେ 'ମେଡ୍ ଇନ୍ ରେଭେନ୍ସା' ପୋଷ୍ଟର ବିବାଦକୁ ନେଇ ଅକଳରେ ପଡ଼ି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ରେଭେନ୍ସା ପରିସରରେ ଲାଗିଥିବା ପାଞ୍ଚଜଣ ବିଶିଷ୍ଟ ବ୍ୟକ୍ତିଙ୍କ ଫଟୋକୁ ହଟାଇ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ରେଭେନ୍ସା ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ 'ମେଡ୍ ଇନ୍ ରେଭେନ୍ସା' ଲେଖାଥିବା ୫ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ଫଟୋ କୁଳପତିଙ୍କ କାର୍ଯ୍ୟାଳୟ ପାର୍ଶ୍ୱରେ ଲଗାଯାଇଥିଲା। ଉତ୍କଳମଣି ଗୋପବନ୍ଧୁ ଦାଶ, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନନ୍ଦିନୀ ଶତପଥୀ, ବିଶିଷ୍ଟ ବୈଜ୍ଞାନିକ ସ୍ୱର୍ଗତ ଡକ୍ଟର ପ୍ରାଣକୃଷ୍ଣ ପରିଜା, ପୂର୍ବତନ ପ୍ରଶାସକ ତଥା ବିଶିଷ୍ଟ ସାଇଭକ୍ତ ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀ। କିନ୍ତୁ ୧୫୦ ବର୍ଷର ରେଭେନ୍ସା କଲେଜରୁ ଅନେକ ବିଶିଷ୍ଟ ବ୍ୟକ୍ତି ବାହାରିଥିବା ବେଳେ ମାତ୍ର ଏହି ପାଞ୍ଚଜଣଙ୍କ ଫଟୋ ରେଭେନ୍ସା ପରିସରରେ ଲାଗିବା ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। କେଉଁ ମାନଦଣ୍ଡ ଆଧାରରେ ଉକ୍ତ ପାଞ୍ଚଜଣଙ୍କ ଫଟୋକୁ ଚୟନ କରାଗଲା ବୋଲି ସାଧାରଣରେ ପ୍ରଶ୍ନ ବି ଉଠିଲା। ଧିରେ ଧିରେ ଏ ପ୍ରକାର ବିବାଦ ଜୋର୍ ଧରିବା ପରେ ବିଭାଗୀୟ କର୍ତ୍ତୃପକ୍ଷ ପାଦେ ଆଗକୁ ଯାଇ ଘୋଷଣା କଲେ କି' ରେଭେନ୍ସାରେ ପଢ଼ି ସମାଜ ପାଇଁ ଅବଦାନ ରଖିଥିବା ଯେକୌଣସି ବ୍ୟକ୍ତି ନିଜର ଫଟୋ ଲଗାଇପାରିବେ। ମାତ୍ର ଏଥିପାଇଁ ୬ଶହ ଟଙ୍କା ଦାଖଲ କରି ଆୟୋଜନ କମିଟି ନିକଟରେ ଆବେଦନ କରିବାକୁ ପଡ଼ିବ। କମିଟି ସଂପୃକ୍ତ ବିଶିଷ୍ଟ ବ୍ୟକ୍ତିଙ୍କ ଫଟୋ ଲାଗିପାରିବ କି ନାହିଁ, ତାହା ନିଷ୍ପତ୍ତି ନେବ ବୋଲି ରେଭେନ୍ସା ୧୫୦ ଆୟୋଜନ କମିଟି ମୁଖ୍ୟ ଯୁକ୍ତି ବାଢ଼ିଥିଲେ। ମାତ୍ର ଏଭଳି ନିୟମ ସମ୍ପର୍କରେ ରେଭେନ୍ସା କର୍ତ୍ତୃପକ୍ଷ ପୂର୍ବରୁ କିଛି ଘୋଷଣା କରିନଥିବା ବେଳେ ବିବାଦ ଉଠିବା ପରେ ଅଚାନକ ଏଭଳି ନିଷ୍ପତ୍ତି ବୁଦ୍ଧିଜୀବୀଙ୍କୁ ଚକିତ କରିବା ସହ ପରୋକ୍ଷରେ ଆଉ ଏକ ନୂଆ ବିବାଦ ଛିଡ଼ା କରିଦେଇଥିଲା। ରେଭେନ୍ସାର ଅନେକ ପୂର୍ବତନ ଛାତ୍ର, ଅଧ୍ୟାପକ ଓ ଅଧ୍ୟକ୍ଷ ଏଭଳି ନିଷ୍ପତ୍ତିର ଦୃଢ଼ ବିରୋଧ କରିବା ପରେ ବାଧ୍ୟହୋଇ କର୍ତ୍ତୃପକ୍ଷ ଉକ୍ତ ପାଞ୍ଚଜଣଙ୍କ ଫଟୋକୁ ଲଗାଯାଇଥିବା ସ୍ଥାନରୁ ହଟାଇ ଦେଇଛନ୍ତି।

# ପରିବାରର ୪ଙ୍କୁ ହତ୍ୟା

**ବାଲେଶ୍ୱର :** ସଦରଥାନା ଜୟଦେବ କସପା ପଞ୍ଚାୟତ ଅନ୍ତର୍ଗତ ପାଗନଈ ଗାଁରେ ପୂର୍ବଶତ୍ରୁତାକୁ ନେଇ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଯାଇଛି। ଏଠାରେ ରହୁଥିବା ଗୋଟିଏ ପରିବାରର ୩ ଜଣ ସଦସ୍ୟଙ୍କ ସମେତ ଅନ୍ୟଜଣେ ସମ୍ପର୍କୀୟଙ୍କୁ ଦୁର୍ବୃତ୍ତମାନେ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଛନ୍ତି। ମୃତକମାନେ ହେଲେ ପ୍ରତିଭା ମଣ୍ଡଳ (୪୫), ସୃଜନ ମଣ୍ଡଳ (୧୭), ସୁମନା ମଣ୍ଡଳ (୧୯) ଏବଂ ବିବେକ ମାଝି (୧୩)। ପୋଲିସ ଘଟଣାର ଅନୁସନ୍ଧାନ କରି ଗୋଟିଏ ଖଣ୍ଡା, କଟୁରି, ଅଫୁଟା ଗୁଳି ଏବଂ ଲାଠି ଜବତ କରିଛି। ତେବେ ସୂଚନା ଅନୁସାରେ ଜମିଜମା ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ତେବେ ଏହି ମାମଲାର ତଦନ୍ତ ପାଇଁ ବାଲେଶ୍ୱର ଏସ୍‌ପି ନୀତିଶେଖର, ଡିଆଇଜି ଘନଶ୍ୟାମ ଉପାଧ୍ୟାୟଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ।

# 'ନେତାଜୀ ଥିଲେ ପ୍ରକୃତ ଦେଶଭକ୍ତ'



**କଟକ :** ନେତାଜୀ ଥିଲେ ପ୍ରକୃତ ଦେଶଭକ୍ତ। ତାଙ୍କ ଜୀବନ ଏକ ଆଦର୍ଶ। ଅନେକ କିଛି ଶିଖିବାକୁ ମିଳେ। ତେଣୁ ତାଙ୍କ ଆଦର୍ଶରେ ନିଜକୁ ଅନୁପ୍ରାଣିତ କରି ଦେଶପାଇଁ ସେବା କରିବାକୁ ଆମେ ସଂକଳ୍ପ କରିବା ଆବଶ୍ୟକ। ତାଙ୍କ ପୁଣ୍ୟତିଥିରେ ଏହା ହିଁ ହେବ ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଓଡ଼ିଆବଜାରସ୍ଥିତ ଜାନକୀନାଥ ଭବନରେ ଅନୁଷ୍ଠିତ ନେତାଜୀ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ଏହା ପ୍ରକାଶ କରିଛନ୍ତି। ନେତାଜୀଙ୍କ ଜନ୍ମସ୍ଥାନକୁ ଆସି ନିଜକୁ ଗର୍ବିତ ମନେକରୁଥିବା ମଧ୍ୟ ଶ୍ରୀ ପଟ୍ଟନାୟକ କହିଛନ୍ତି। ପ୍ରଥମେ ଜାତୀୟ ପତାକା ଉତ୍ତୋଳନ ଓ ପରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରୀ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ନେତାଜୀଙ୍କ ଜନ୍ମକୋଠରୀ ଓ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ଏଥିସହ ରାଜ୍ୟ ସଂସ୍କୃତି ବିଭାଗ ଓ ଓଡ଼ିଶା ଲଳିତ କଳା ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ଏବଂ ବାଲୁକାଶିଳ୍ପୀ ପ୍ରମୋଦ କୁମାର ପଟ୍ଟନାୟକଙ୍କ ଦ୍ୱାରା ନେତାଜୀଙ୍କ ଜୀବନୀ ଉପରେ ଆଧାରିତ ବାଲୁକାକଳା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ।

# ଅନୁକମ୍ପାମୂଳକ ନିଯୁକ୍ତି ଦେବାକୁ ସ୍ୟାଟ୍‌ଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର :** ସରକାରୀ କର୍ମଚାରୀଙ୍କ ମୃତ୍ୟୁପରେ ତାଙ୍କ ବିଧବା ପତ୍ନୀ ବଞ୍ଚିଥିଲେ ପୁଅ କିମ୍ବା ଝିଅଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ଦିଆଯାଇପାରିବ ନାହିଁ ବୋଲି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ନାପସନ୍ଦ କରିଛନ୍ତି ଅଦାଲତ। ରୋଜଗାରକ୍ଷମ କର୍ମଚାରୀଙ୍କ ମୃତ୍ୟୁପରେ ତାଙ୍କ ପରିବାରର ଆର୍ଥିକ ଦୁରବସ୍ଥା ବିଷୟରେ ବିଚାରକୁ ନେଇ ଉତ୍ତରାଧିକାରୀଙ୍କ ମଧ୍ୟରୁ ଜଣଙ୍କୁ ନିଯୁକ୍ତି ଦେବା ଲାଗି ଆଇନରେ ବ୍ୟବସ୍ଥା ଥିବାବେଳେ ଏହା ତୁରନ୍ତ କାର୍ଯ୍ୟକାରୀ କରିବାକୁ ସ୍ୟାଟ୍ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ରାୟ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୩ ଜୁଲାଇରେ ଜଣେ ସରକାରୀ କର୍ମଚାରୀଙ୍କ ଅକାଳ ମୃତ୍ୟୁ ପରେ ତାଙ୍କ ବିଧବାପତ୍ନୀ ରୋଗାକ୍ରାନ୍ତ ଥିବାରୁ ଅବିବାହିତା ବଡ଼ ଝିଅ ପରିବାରର ସବୁ ସଦସ୍ୟଙ୍କ ସମ୍ମତି କ୍ରମେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅନୁକମ୍ପାମୂଳକ ନିଯୁକ୍ତି ଲାଗି ଆବେଦନ କରିଥିଲେ। ତାଙ୍କ ପରିବାର ଉତ୍କଟ ଆର୍ଥିକ ଦୁରବସ୍ଥା ମଧ୍ୟଦେଇ ଗତି କରୁଛି ବୋଲି ତହସିଲଦାରଙ୍କ ମାଧ୍ୟମରେ ତଦନ୍ତ କରି ଜିଲ୍ଲାପାଳ ରିପୋର୍ଟ ଦେଇଥିଲେ। କର୍ତ୍ତୃପକ୍ଷ ମୃତ କର୍ମଚାରୀଙ୍କ ବିଧବା ପତ୍ନୀଙ୍କ ସ୍ୱାସ୍ଥ୍ୟ ଠିକ୍ ଅଛି କି ନା ଜାଣିବା ପାଇଁ ମେଡିକାଲ ବୋର୍ଡ ଦ୍ୱାରା ଯାଞ୍ଚ କରାଇଥିଲେ। ମେଡିକାଲ ବୋର୍ଡ ତାଙ୍କୁ ସରକାରୀ ଚାକିରି ପାଇଁ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଅନୁପଯୁକ୍ତ ବୋଲି ଘୋଷଣା କରିଥିଲେ। ଏହାପରେ ଝିଅକୁ ନିଯୁକ୍ତି ଦେବା ପରିପ୍ରେକ୍ଷୀରେ କାହିଁକି ମା' ଥାଉ ଥାଉ ଝିଅ ଚାକିରି ପାଇଁ ଆବେଦନ କଲେ ବୋଲି ପ୍ରଶ୍ନ ଉଠାଇ କର୍ତ୍ତୃପକ୍ଷ ଚାକିରି ଆବେଦନକୁ ନାକଚ କରିଦେଇଥିଲେ। ଚାକିରି ଆଶାୟୀ ମୃତ କର୍ମଚାରୀଙ୍କ ଝିଅ ପଙ୍କଜିନୀ ସ୍ୟାଟ୍‌ରେ ଏଥିନେଇ ମାମଲା ରୁଜୁ କରିଥିଲେ। ସ୍ୟାଟ୍‌ର କାର୍ଯ୍ୟକାରୀ ଅଧ୍ୟକ୍ଷ ବି.କେ ଦାସ ଓ ପ୍ରଶାସନିକ ସଦସ୍ୟ ଏସ୍.କେ. ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ହୋଇଥିଲା। ଯେଉଁ ଯୁକ୍ତି ଆଧାରରେ କର୍ତ୍ତୃପକ୍ଷ ଆବେଦନକାରିଣୀଙ୍କୁ ଚାକିରି ଦେବେ ନାହିଁ ବୋଲି ଦର୍ଶାଇଛନ୍ତି ତାହାକୁ ନାକଚ କରିଦେବା ସହିତ ମାସକ ମଧ୍ୟରେ ଅନୁକମ୍ପାମୂଳକ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ମୋହନଙ୍କୁ ଜାତୀୟ ସାହସିକତା ପୁରସ୍କାର





**ନୂଆଦିଲ୍ଲୀ :** ଓଡ଼ିଶାର ମୋହନ ସେଠୀଙ୍କ ସମେତ ଦେଶବ୍ୟାପୀ ୨୫ ବାଳକ ବାଳିକାଙ୍କୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ସାହସିକତା ପୁରସ୍କାର ପ୍ରଦାନ କରିଛନ୍ତି। ଏହି ସାହସୀ ପିଲାମାନଙ୍କ ସହ ଆଲୋଚନା କରି ପ୍ରଧାନମନ୍ତ୍ରୀ କହିଲେ ଯେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଭଳି ଏକ ସ୍ମରଣୀୟ ଦିନରେ ସେମାନଙ୍କୁ ସମ୍ମାନିତ କରାଯାଉଛି। ସେମାନଙ୍କ କାର୍ଯ୍ୟ ସାହସିକତା ଓ ଦୃଢ଼ ପ୍ରତିଜ୍ଞା ବୋଧର ପରିଚୟ ଦେଇଛି। ଏହି ପୁରସ୍କାର ସେମାନଙ୍କ ଜୀବନକୁ ନୂତନ ସଙ୍କଳ୍ପରେ ଅନୁପ୍ରାଣିତ କରିବ। ଦେଶପାଇଁ ମହାନ କାର୍ଯ୍ୟ କରିଥିବା ନେତା, କ୍ରୀଡ଼ାବିତ୍ ଓ ଅନ୍ୟ ବ୍ୟକ୍ତିତ୍ୱମାନଙ୍କ ଆତ୍ମଜୀବନୀ ସମେତ ବିଭିନ୍ନ ପୁସ୍ତକ ପଢ଼ିବାକୁ ପିଲାମାନଙ୍କୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ। ପୁରସ୍କାର ବାବଦରେ ପ୍ରଧାନମନ୍ତ୍ରୀ ପିଲାମାନଙ୍କୁ ସାର୍ଟିଫିକେଟ, ପଦକ ଓ ଅର୍ଥରାଶି ପ୍ରଦାନ କରିଥିଲେ। ଏଥିପୂର୍ବରୁ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ଦିଲ୍ଲୀ ଉପରାଜ୍ୟପାଳ ସମସ୍ତ ସାହସୀ ପିଲାମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ସମସ୍ତ ସାହସୀ ବାଳକ ବାଳିକା ଦିଲ୍ଲୀ ରାଜପଥରେ ଜନରାଜ୍ୟ ଦିବସ ପରେଡରେ ଅଂଶଗ୍ରହଣ କରିବେ। ଏହି ପୁରସ୍କାର ପାଇଥିବା ଓଡ଼ିଶାର ମୋହନ ସେଠୀ(୧୧) କଟକ ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଅଡମ୍ବରୁ ଗାଁର କ୍ଷୀରୋଦ ଚନ୍ଦ୍ର ସେଠୀଙ୍କ ବଡ଼ପୁଅ। ସେ ଗତବର୍ଷ ଜୁନ୍ ୨୮ ତାରିଖରେ ଗେଙ୍ଗୁଟି ନଦୀରେ ବୁଡ଼ି ଯାଉଥିବା ତାଙ୍କର ବନ୍ଧୁ ସବ୍ୟସାଚୀଙ୍କୁ ଆପ୍ରାଣ ଉଦ୍ୟମ କରି ଉଦ୍ଧାର କରିଥିଲେ। ମୋହନ ଜଳକାସ୍ଥିତ ସଚ୍ଚିଦାନନ୍ଦ ବିଦ୍ୟାପୀଠର ସପ୍ତମ ଶ୍ରେଣୀ ଛାତ୍ର। ତାଙ୍କ ବାପା ଖବରକାଗଜ ବିକ୍ରି କରି ପରିବାର ଚଳାଇଥାନ୍ତି। ତାଙ୍କୁ ଜାତୀୟ ସାହସିକତା ପୁରସ୍କାର ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁପାରିସ କରାଯାଇଥିଲା। ଭବିଷ୍ୟତରେ ସେନାବାହିନୀରେ ଯୋଗ ଦେଇ ଜଣେ ଯବାନଭାବେ ଦେଶସେବା କରିବା ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି ମୋହନ।

# ଓଡ଼ିଶାରୁ ଚାରିଜଣଙ୍କୁ ପଦ୍ମଶ୍ରୀ









**ଭୁବନେଶ୍ୱର:** ଚଳିତ ବର୍ଷ ଦେଶର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଦେଶର ୮୯ ଜଣଙ୍କୁ ପଦ୍ମସମ୍ମାନ ଲାଗି ଯୋଗ୍ୟ ବିବେଚିତ କରାଯାଇଥିବା ବେଳେ ଓଡ଼ିଶାର ୪ ଜଣଙ୍କୁ ଏହି ମର୍ଯ୍ୟାଦାଜନକ ପଦ୍ମ ସମ୍ମାନ ମିଳିବ ବୋଲି ଘୋଷଣା କରାଯାଇଛି। ଏଥିପାଇଁ ସାରାରାଜ୍ୟରେ ଖୁସିର ମାହୋଲ୍ ଦେଖିବାକୁ ମିଳିଛି। ମନୋନୀତ ହୋଇଥିବା ଓଡ଼ିଶାର ୪ ଜଣ ହେଲେ କିଡନି ରୋଗ ବିଶେଷଜ୍ଞଙ୍କ ଡାକ୍ତର ମୁକୁଟ ମିଞ୍ଜ, ସିନେ ବ୍ୟକ୍ତିତ୍ୱ ସାଧୁ ମେହେର, ବିଶିଷ୍ଟ ସମ୍ବଲପୁର ଗାୟକ ଜିତେନ୍ଦ୍ର ହରିପାଲ ଓ ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଅରୁଣା ମହାନ୍ତି। ଡାକ୍ତର ମୁକୁଟ ମିଞ୍ଜ ବର୍ତ୍ତମାନ ଗଣ୍ଡୀଗଡ଼ ହସ୍ପିଟାଲରେ କାର୍ଯ୍ୟରତ ଅଛନ୍ତି। ନିକଟରେ ମିଞ୍ଜ ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ସଫଳ କିଡନୀ ପ୍ରତିରୋପଣ କରିଥିଲେ।

ସେହିପରି ସାଧୁ ମେହେର ବହୁ ଓଡ଼ିଆ ଓ ହିନ୍ଦୀ ସିନେମାରେ ଅଭିନୟ କରିବା ସହିତ ବହୁ ସିନେମାରେ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଅନ୍ୟପକ୍ଷରେ ରଙ୍ଗବତୀ ଫେମ୍ ଜିତେନ୍ଦ୍ର ହରିପାଲ ହଜାରେରୁ ଅଧିକ ସମ୍ବଲପୁରୀ ଗୀତରେ କଣ୍ଠଦାନ କରିଥିବା ବେଳେ ଅରୁଣା ମହାନ୍ତି ଦେଶ ଓ ବିଦେଶରେ ବହୁ ବାର ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ପ୍ରସିଦ୍ଧି ଲାଭ କରିଛନ୍ତି। ଏହି ସମ୍ମାନ ପାଇଁ ମନୋନୀତ ଚାରି ଜଣଙ୍କ ମଧ୍ୟରୁ ଡାକ୍ତର ମୁକୁଟ ମିଞ୍ଜ, ସାଧୁମେହେର, ଜିତେନ୍ଦ୍ର ହରିପାଲ ପଶ୍ଚିମ ଓଡ଼ିଶାର ହୋଇଥିବାରୁ ସେଠାରେ ଖୁସିର ଲହରୀ ଖେଳିଯାଇଛି।

# ଜୀବନ ହାରିଲେ କଏଦୀ

**କେନ୍ଦୁଝର :** କେନ୍ଦୁଝର ଜିଲ୍ଲା କାରାଗାରରେ କଏଦୀ ମକୁରୁ ମୁଣ୍ଡା(୩୨)ଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେଲକୋଇ ବ୍ଲକ ଶିବ ନାରାୟଣପୁର ଗୋଡ଼ା ଗ୍ରାମର ମକୁରୁ ଜଣେ ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୋଗରେ ୨୫ ଫେବୃୟାରୀରେ ଗିରଫ ହୋଇ ଜିଲ୍ଲା କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହି ଆସୁଥିଲେ। ସ୍ୱତନ୍ତ୍ର ଅଦାଲତ କେନ୍ଦୁଝରରେ ମାମଲାର ଚୂଡ଼ାନ୍ତ ବିଚାର କରାଯାଇ ଅଭିଯୁକ୍ତ ମକୁରୁଙ୍କୁ ୨୬ ସେପ୍ଟେମ୍ବର ୨୦୧୪ରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସାଙ୍ଗକୁ ୧୦ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ଏହାପରଠାରୁ କଏଦୀ ଭାବେ ଜିଲ୍ଲା କାରାଗାରରେ ସେ ରହି ଆସୁଥିଲେ। ଗତଦୁଇ ତଳେ ପ୍ରାୟ ସାଢେ ୬ଟାରେ ମକୁରୁ ଅଚେତ ଅବସ୍ଥାରେ ଥିବା ଦେଖି କାରାଗାର କର୍ତ୍ତୃପକ୍ଷ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। କଏଦୀ ମକୁରୁଙ୍କ ମୃତ୍ୟୁ ନେଇ କୌଣସି କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବକୁ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଜିଲ୍ଲା କାରାଗାର ଅଧରୀକ୍ଷକ ଦାୟିତ୍ୱରେ ଥିବା ଜେଲର ଏ.କେ ରାଉତରାୟ କହିଛନ୍ତି। ଶବ ବ୍ୟବଚ୍ଛେଦ ପରେ ମୃତ ମକୁରୁଙ୍କ ଭାଇ ରାଜୁ ପୂର୍ତ୍ତି ଓ ସମ୍ପର୍କୀୟ ଭାଇ ରାଇମଲ ହୋଙ୍କୁ ଶବ ହସ୍ତାନ୍ତର କରାଯିବା ସହ ଗାଁରେ ଶବ ପହଂଚିବା ନିମନ୍ତେ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବନ୍ଦୋବସ୍ତ କରି ଦିଆଯାଇଥିବା ଜେଲ୍‌ର ଶ୍ରୀ ରାଉତରାୟ କହିଛନ୍ତି।

## ମାର୍ଚ୍ଚ ୨୭ରୁ ବିଦେଶକୁ ଡାଇରେକ୍ଟ ଫ୍ଲାଇଟ୍

**ଭୁବନେଶ୍ୱର :** ଓଡ଼ିଶାବାସୀଙ୍କ ପାଇଁ ଖୁସି ଖବର। ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ଆସନ୍ତା ମାର୍ଚ୍ଚ ୨୭ ତାରିଖରୁ ଆରମ୍ଭ ହେବ ଆର୍ନ୍ତଜାତୀୟ ବିମାନ ସେବା। ପ୍ରଥମ ବିମାନ ଉଡ଼ିବ କୁଆଲାଲମ୍ପୁର ଅଭିମୁଖେ। ଏଥିପାଇଁ ଏୟାର ଏସିଆର ସିଟ୍ ବୁକିଂ ହୋଇଛି। ଏୟାରପୋର୍ଟସ୍ ଅଥରିଟି ଅଫ୍ ଇଣ୍ଡିଆର ଆଞ୍ଚଳିକ କାର୍ଯ୍ୟକାରୀ ନିର୍ଦ୍ଦେଶକ ସଞ୍ଜୟ ଜୈନ ଏ ସଂପକରେ ସୂଚନା ଦେଇ ନେଇ କହିଛନ୍ତି ଯେ ପ୍ରାରମ୍ଭିକ ପର୍ଯ୍ୟାୟରେ କୁଆଲାଲାମ୍‌ପୁରକୁ ବିମାନ ସେବା ଆରମ୍ଭ ହେବ। ପରେ ବ୍ୟାଙ୍କକ୍, ଦୁବାଇ ତଥା ମଧ୍ୟପ୍ରାଚ୍ୟ ଦେଶକୁ ଏହି ସେବାକୁ ବୃଦ୍ଧି କରାଯିବ। ସେହିପରି ଏଠାରେ ଇଣ୍ଟରନ୍ୟାସନାଲ ଏୟାର କାର୍ଗୋ ସେବା ଆରମ୍ଭ ହୋଇଛି। ଏହାଦ୍ୱାରା ବ୍ୟବସାୟୀମାନେ ଭୁବନେଶ୍ୱରରୁ ସିଧାସଳଖ ବିଦେଶକୁ ସାମଗ୍ରୀ ରପ୍ତାନୀ କରିପାରିବେ। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଏହି କାର୍ଗୋ ସେବାର ଶୁଭାରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଏଠାରୁ ମାଛ, ମସଲା ଓ ଲଘୁ ବନ୍ୟଜାତ ଦ୍ରବ୍ୟ ରପ୍ତାନୀ କରାଯିବ। ଏଥିପାଇଁ ବିମାନବନ୍ଦରରେ କଷ୍ଟମ ବିଭାଗ ପକ୍ଷରୁ ଆବଶ୍ୟକ ଭିତ୍ତିଭୂମିର ବ୍ୟବସ୍ଥା କରାଯାଇଛି।


# ଚାରିଦିଗରେ ୪ବସ୍ ଟର୍ମିନାଲ

**ଭୁବନେଶ୍ୱର :** ରାଜଧାନୀ ଦେଇ ଯାଇଥିବା ଜାତୀୟ ରାଜପଥରେ ଯାତ୍ରୀବାହୀ ବସ୍ ଅଟକିବନି। ଏଥିପାଇଁ ରାଜଧାନୀଠାରୁ କିଛି ଦୂରରେ ସ୍ୱତନ୍ତ୍ର ବସ୍ ଟର୍ମିନାଲ୍ ହେବ। ସେଠାରୁ ଯାତ୍ରୀମାନେ ସିଟି ବସ୍‌ରେ ରାଜଧାନୀ ଭିତରକୁ ଆସିବେ। କୌଣସି ଗଳିକନ୍ଦି ଅଞ୍ଚଳକୁ ଯିବାକୁ ଥିଲେ ଅଟୋରେ ଯିବେ। ଏହିଭଳି ଯୋଜନା ରାଜ୍ୟ ସରକାର କରିଥିବାବେଳେ ଏହାକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ବିଡିଏ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛି। ଏହି ଯୋଜନାକୁ ଆସନ୍ତା ଦୁଇ ବର୍ଷରେ ଚୂଡ଼ାନ୍ତ ରୂପ ଦିଆଯିବ। ସ୍ମାର୍ଟ ସିଟି ଭୁବନେଶ୍ୱରକୁ ଶିଶୁ ଉପଯୋଗୀ ସହର କରିବା, ରାଜଧାନୀର ଗମନାଗମନ ବ୍ୟବସ୍ଥା ବଦଳାଇବା ଓ ଦୁର୍ଘଟଣାମୁକ୍ତ ସହର କରିବା ପାଇଁ ଗୃହ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ଟ୍ରାଫିକ ମ୍ୟାନେଜମେଣ୍ଟ କମିଟି ଏଭଳି କେତେକ ନିଷ୍ପତ୍ତି ନେଇଛି। ଏହାକୁ ନେଇ ବିଡିଏ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଛି। ଆସନ୍ତା ୨୮ ତାରିଖରେ ସ୍ୱତନ୍ତ୍ର ସକିଟ ହାଉସ୍‌ରେ ବସିବାକୁ ଥିବା ଉଚ୍ଚସ୍ତରୀୟ ବୈଠକରେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ବିଡିଏର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ରାଜଧାନୀ ଏବେ ବଢୁଛି। ଏଠାକୁ ଦୈନିକ ଯାତାୟତ ଲୋକଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଏପରିକି ଦୈନିକ ୧ ଲକ୍ଷରୁ ଅଧିକ ଲୋକ ଭୁବନେଶ୍ୱର ଆସୁଛନ୍ତି ଓ ଯାଉଛନ୍ତି। ଯାହା ଆଗାମୀ ୫ ବର୍ଷରେ ୩୦ଲକ୍ଷ ଟପିଯିବ। ଆଉ ୨୦୩୦ ସୁଦ୍ଧା ପରିବର୍ଦ୍ଧିତ ଭୁବନେଶ୍ୱରର ଜନସଂଖ୍ୟା ୩୦ଲକ୍ଷ ଟପିବ। ତେଣୁ ପରିବର୍ଦ୍ଧିତ ଭୁବନେଶ୍ୱରକୁ ନଜରରେ ରଖି ରାଜଧାନୀକୁ ଆତଯାତ କରୁଥିବା ଲୋକଙ୍କୁ ବିଭିନ୍ନ ଦିଗରେ ବାଣ୍ଟିବାକୁ ଯୋଜନା କରୁଛି ବିଡିଏ। ଏଥିପାଇଁ ରାଜଧାନୀରେ ନିର୍ମାଣ ହେବ ୪ଟି ବସ୍ ଟର୍ମିନାଲ୍। ଏନେଇ ବିଡିଏ ସ୍ୱତନ୍ତ୍ର ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିଛି।

## କ'ଣ ମଳିବ ସୁବିଧା ସୁଯୋଗ

ମିଳିଥିବା ସୂଚନା ଅନୁଯାୟୀ, ଏହି ବସ୍ ଟର୍ମିନାଲଗୁଡ଼ିକରେ ଯାତ୍ରୀ ଓ ବସ୍ କର୍ମଚାରୀଙ୍କ ପାଇଁ ସମସ୍ତ ପ୍ରକାରର ସୁବିଧା ସୁଯୋଗ ରହିବ। ଏହାରେ ସଡ଼କ ପରିବହନ ମନ୍ତ୍ରଣାଳୟ ଗାଇଡଲାଇନ୍ ଅନୁଯାୟୀ ସମସ୍ତ ସୁବିଧା ଯୋଗାଇ ଦିଆଯିବ। ଏଠାରେ ବସ୍ ଟିକେଟ ବୁକିଂ, ରେଷ୍ଟୁରାଣ୍ଟ, ସପିଂ ମଲ, ସିନେମା ହଲ୍, ମାଗାଜିନ ସେଣ୍ଟର, ମନୋରଂଜନ ପାଇଁ ବିଜିନ୍ନ ସାମଗ୍ରୀ, ଗାଡ଼ି ପାର୍କିଂ, ନିକଟରେ ପାର୍କ ପାଇଁ ବ୍ୟବସ୍ଥା ରହିବ। ପ୍ରତି ବସ୍ ଯମିନାଲରେ ଅତି କମ୍‌ରେ ୪୦୦ରୁ ୫୦୦ ବସ୍ ରହିବା ଭଳି ବ୍ୟବସ୍ଥା ରହିବ। ଏହିପରି ୪ଟି ଯାକ ଟର୍ମିନାଲରେ ପ୍ରାୟ ୨ ହଜାର ବସ୍ ରହିବା ଭଳି ବ୍ୟବସ୍ଥା ରହିବ। ବିଳମ୍ବିତ ରାତିରେ ବି ମହିଳାମାନେ ଏଠାରେ ନିର୍ଭୟରେ ବସ୍‌କୁ ଅପେକ୍ଷା କରିପାରିବେ। ଏପରିକି ଲଜିଂ ବ୍ୟବସ୍ଥା ବି ରହିବ। ଯେକେହିବି ଭଡ଼ାରେ ରୁମ୍ ନେଇ ରହିପାରିବେ। ଏଠାରେ ଆବଶ୍ୟକ ଶୌଚାଳୟ ବ୍ୟବସ୍ଥା ରହିବ। ଯାତ୍ରୀଙ୍କ ପାଇଁ ଆଶୁ ଚିକିତ୍ସା, ପ୍ରିପେଡ୍ ଟ୍ୟାକ୍ସି ଆଦିର ବ୍ୟବସ୍ଥା ରହିବ।

# ଗୋଡ଼ରେ ଟାୟାର ଛନ୍ଦି ହେବାରୁ ଦନ୍ତା ଉତ୍ପାତ



ବନପାଳଙ୍କ ସମେତ ୭ ଆହତ

**ଆଠଗଡ଼ :** ଅପରେସନ୍ ଗଜରାଜ ଫେଲ୍ ମାରିଛି। ଟ୍ରାଙ୍କୁଲାଇଜର୍ ଦେଇ ହାତୀକୁ ଅଶକ୍ତ ଓ ବଶ କରାଯିବାର ଯୋଜନା ଥିଲା। ହେଲେ ତା ବଦଳରେ ଓଲଟା ହାତୀ ଅଧିକ ଉନ୍ମତ୍ତ ହୋଇଉଠିଛି। ବନ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରି ୭ ଜଣଙ୍କୁ ଆହତ ବି କରିଛି। ଗୋଡ଼ରେ ଟାୟାର୍ ପଶିଯାଇଥିବା ହେତୁ କଷ୍ଟ ପାଉଥିବା, ଚାଲି ପାରୁନଥିବା ଓ ରାଗି ସମଗ୍ର ଇଲାକାକୁ କୁଦୁଥିବା ଦଳଛଡ଼ା ଦନ୍ତାହାତୀର ଇଏ ହେଉଛି ଆଜିକାର ଉପଦ୍ରବର କାହାଣୀ। ଆଠଗଡ଼ ବନାଞ୍ଚଳରେ ବୁଲୁଥିବା ଏକ ଦନ୍ତାହାତୀର ବାମ ପଟ ଆଗ ଗୋଡ଼ରେ କିଛି ଦିନ ତଳେ ଏକ ମଟର ଟାୟାର ପଶି ଯାଇଥିଲା। ହାତୀଟି ଟାୟାରଟିକୁ କାଢ଼ିବାକୁ ଉଦ୍ୟମ କରିଥିଲେ ହେଁ ଏହା ସମ୍ଭବ ହୋଇନଥିଲା। ଅପରପକ୍ଷରେ ହାତୀର ଗୋଡ଼ରେ ଏହା କ୍ଷତ ସୃଷ୍ଟି କରିଥିଲା। ଏହାକୁ ନେଇ ସେ ଦଳରୁ ଅଲଗା ହୋଇ ଯାଇଥିଲା। ଗୋଟିଏ ପଟେ ଦଳରୁ ଅଲଗା ହେବା ଏବଂ ଅନ୍ୟପଟେ ଗୋଡ଼ରେ ପଶି ରହିଥିବା ଟାୟାର ଯୋଗୁଁ ଚାଲି ପାରିବା ହେତୁ ହାତୀଟି ହିଂସ୍ର ପାଲଟି ଯାଇଥିଲା। ହାତୀଟିର ଅବସ୍ଥା ସମ୍ପର୍କରେ ଖବର ପାଇ ବନ ବିଭାଗ ପକ୍ଷରୁ ଏହାର ଉପଚାର ନିମନ୍ତେ ଭୁବନେଶ୍ୱର ଓୟୁଏଟି ପ୍ରାଣୀ ବିଭାଗ ସହାୟତାରେ ଗଜରାଜକୁ ଟ୍ରାଙ୍କୁଲାଇଜର ଦେଇ ବଶୀଭୂତ କରି ତା ଗୋଡ଼ରୁ ଟାୟାର ବାହାର କରିବା ସହ କ୍ଷତ ଭଲ କରିବା ପାଇଁ ଯୋଜନା ହୋଇଥିଲା। ଏହିକ୍ରମରେ ଆଜି ଆରମ୍ଭ ହୋଇଥିଲା ହାତୀକୁ ବଶ କରିବାର ଉଦ୍ୟମ। ଅପରେସନ୍ ଗଜରାଜ। ଓୟୁଏଟି ପ୍ରାଣୀ ବିଜ୍ଞାନ ପ୍ରଫେସର ଇନ୍ଦ୍ରମଣି ନାଥ ତାଙ୍କ ଟିମ୍ ସହାୟତାରେ ହାତୀଟି ରହୁଥିବା ସୁକାସନ ଜଙ୍ଗଲକୁ ଯାଇ ତାକୁ ଟ୍ରାଙ୍କୁଲାଇଜର କରିବାକୁ ଉଦ୍ୟମ କରିଥିଲେ। ତେବେ ସେଥିରେ ଟିମ୍ ବିଫଳ ହୋଇଥିଲା। ଲୋକଙ୍କୁ ଦେଖି ହାତୀଟି ଅଧିକ ହିଂସ୍ର ହୋଇ ପଡ଼ିଥିଲା ଓ ବନ କର୍ମଚାରୀମାନଙ୍କୁ ଆକ୍ରମଣ କରିଥିଲା। ହାତୀଟି ବନରକ୍ଷୀ ପ୍ରମୋଦ କୁମାର ନାୟକଙ୍କ ଗୋଡ଼କୁ କୁଦି ଦେବା ସହିତ ରାଙ୍କ ମୁଣ୍ଡ ଓ ଛାତିକୁ ଆକ୍ରମଣ କରିଥିଲା। ଫଳରେ ବନରକ୍ଷୀଙ୍କର ଅବସ୍ଥା ଗୁରୁତର ହୋଇ ପଡ଼ିଥିଲା। ପୁନର୍ବାର ହାତୀଟି ରେଞ୍ଜର ଗୌର ଗୋପାଳ ସିଂଙ୍କ ସମେତ ଅନ୍ୟ କର୍ମଚାରୀମାନଙ୍କ ଉପରେ ଆକ୍ରମଣ କରିଥିଲା। ଏଥିରେ ରେଞ୍ଜରଙ୍କ ସମେତ ଆଉ ୭ଜଣ କର୍ମଚାରୀ ଆହତ ହୋଇଛନ୍ତି। ଶେଷରେ କର୍ମଚାରୀମାନେ ଗୁଳି ଫୁଟାଇ ହାତୀକୁ ଘଉଡ଼ାଇ ଦେଇଥିଲେ ଏବଂ ଗୁରୁତର ବନରକ୍ଷୀଙ୍କ ସମେତ ଆହତ କର୍ମଚାରୀମାନଙ୍କୁ ଜଙ୍ଗଲ ମଧ୍ୟରୁ କାନ୍ଧରେ ବୋହି ବିଭାଗୀୟ ଗାଡ଼ି ନିକଟକୁ ଆଣି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବନରକ୍ଷୀ ପ୍ରମୋଦଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସଂପ୍ରତି ହାତୀଟି ବେତଖୋଲି ନିକଟସ୍ଥ କାଜୁ ବଗିଚାରେ ରହିଛି। ୭ଜଣ ଲୋକଙ୍କୁ ଆହତ କରିବା ପରେ ସେ ଅଧିକ ହିଂସ୍ର ହୋଇପଡ଼ିଛି। ତେବେ ବନ ବିଭାଗ ପକ୍ଷରୁ ତା'ର ଗତିବିଧି ଉପରେ ନଜର ରଖାଯାଇଛି। ହାତୀଟି ଶାନ୍ତ ହେବା ପରେ ତାକୁ ଟ୍ରାଙ୍କୁଲାଇଜର ଦିଆଯାଇ ଗୋଡ଼ରୁ ଟାୟାରଟିକୁ ବାହାର କରିବା ପାଇଁ ଉଦ୍ୟମ କରାଯିବ ବୋଲି ରେଞ୍ଜର ଗୌରଗୋପାଳ ସିଂ ପ୍ରକାଶ କରିଛନ୍ତି। ଆଠଗଡ଼ ଅଂଚଳରେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗ୍ରାମକୁ ଆସି ଫସଲ ଖାଇବା ସହିତ ବହୁ ଫସଲ ନଷ୍ଟଭ୍ରଷ୍ଟ କରିବାର ବହୁ ନଜିର ରହିଛି। ତେବେ ଗୋଡ଼ରେ ଟାୟାର୍ ପଶିଯିବା ପରେ ଦନ୍ତାଟିଏ ଉତ୍ପାତ କରିବା ପ୍ରଥମ ବୋଲି କୁହାଯାଉଛି।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## ସମ୍ପର୍କର ରଙ୍ଗ ନଥାଏ

ମଣିଷ ସହ ମଣିଷର ପ୍ରକୃତ ସମ୍ପର୍କରେ କିଛି ରଙ୍ଗ ନ ଥାଏ। ନା ଥାଏ ବର୍ଣ୍ଣ, ଗନ୍ଧ ବା ସ୍ୱାଦ। ସଂପର୍କ ଏମିତି ଜିନିଷ, ଯାହାର ତୁଳନା କାହା ସହ କେଉଁଠାରେ ବି କରିହେବନାହିଁ। ଏହା ନିଷ୍କପଟ, ଖାଦଶୂନ୍ୟ ଗହଣା ପରି ଚିରକାଳ ଝଲମଲ। ଶାଶ୍ୱତ ଓ ଚିର ଜାଜ୍ୱଲ୍ୟ। ବ୍ୟକ୍ତି ସ୍ତରରେ ହେଉ ବା ରାଜନୀତିରେ, ଦେଶ ହେଉ ବା ବିଦେଶରେ। ଗୋଟିଏ ସଂପର୍କକୁ ସ୍ୱଚ୍ଛ ଓ ନିର୍ମଳ କରିବାର ମାନସିକତା ହିଁ ସଂପର୍କକୁ ଦୀର୍ଘସ୍ଥାୟୀ କରିଥାଏ। ତେଣୁ ବଂଧୁ ବାନ୍ଧିବା ଠାରୁ ବେଶୀ ଗୁରୁତ୍ୱପୂର୍ଣ୍ଣ ହେଉଛି, ଏହାକୁ ବଜାୟ ରଖିବା। କପଟ ଆଚରଣରେ ସୃଷ୍ଟି ହେଉଥିବା ବନ୍ଧୁତା ତେଣୁ ବେଶୀଦିନ ତିଷ୍ଠି ରହେନାହିଁ। ରାଜନୀତି କ୍ଷେତ୍ରରେ ମଧ୍ୟ ଏ କଥାର ଢ଼େର ଗୁରୁତ୍ୱ ରହିଛି। କାରଣ ପ୍ରତିଟି ନିର୍ବାଚନ ସମୟରେ ରାଜନେତାମାନେ ଭୋଟରଙ୍କ ସହ ଯେଉଁଭଳି ସଂପର୍କ ଯୋଡ଼ନ୍ତି, ନିର୍ବାଚନ ପରେ ଏହା ସେହିଭଳି ରହିନଥାଏ। ଯାହା ଫଳରେ ଭବିଷ୍ୟତ ଦିନ ମାନଙ୍କରେ ଏହାର ସୁଫଳ ଓ କୁଫଳ ଦେଖିବାକୁ ମିଳିଥାଏ। ସେହିଭଳି ଦେଶ-ବିଦେଶ ସଂପର୍କରେ ମଧ୍ୟ ଏଭଳି ଅନେକ ଘଟଣା ଘଟିଥାଏ, ଯାହା ପରସ୍ପର ମଧ୍ୟରେ କୁଟନୈତିକ, ବାଣିଜ୍ୟିକ ଓ ବିଭିନ୍ନ ବାବଦରେ ସଂପର୍କକୁ ପ୍ରଭାବିତ କରିଥାଏ। କେତେକ କ୍ଷେତ୍ରରେ ଏମିତି ବି ହୋଇଥାଏ ଯେ, କେହି କାହାରି ଉତ୍ଥାନକୁ ସହ୍ୟ କରିପାରନ୍ତି ନାହିଁ। ଯାହାଫଳରେ ପାରସ୍ପରିକ ବୁଝାମଣାରେ ମତପାର୍ଥକ୍ୟ ସୃଷ୍ଟି ହୋଇ ପରେ ଏହା ବିବାଦରେ ପରିଣତ ହୁଏ। ଯାହାର ଦୃଷ୍ଟାନ୍ତ ହେଉଛି ପଡ଼ୋଶୀ ଦେଶ ପାକିସ୍ତାନ ଓ ଚୀନ୍।

ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ଭାରତ- ପାକିସ୍ତାନ ସଂପର୍କରେ ସ୍ଥାୟୀ ସୁଧାର ଆସିପାରିନାହିଁ। ଫଳରେ ଚୀନ ପାକିସ୍ତାନକୁ ସମସ୍ତ ପ୍ରକାର ସହଯୋଗ ଦେଇ ଭାରତ ସହ କପଟ ମିତ୍ରତା ରଖିଆସିଛି। ଏହାର ଏକମାତ୍ର କାରଣ ହେଉଛି, ଭାରତର ପ୍ରଗତି ଚାହେଁନାହିଁ ଚୀନ୍। ତେଣୁ ଭାରତର ଶତ୍ରୁରାଷ୍ଟ୍ର ସହ ବନ୍ଧୁତା ରଖିଲେ ଭାରତର ବିକାଶରେ ଅନ୍ତରାୟ ସୃଷ୍ଟି କରିବା ଓ ବିଶ୍ୱରେ ଭାରତଠାରୁ ଚୀନ୍ ଯେ ସର୍ବୋତ୍ତମ ଏବଂ ଉନ୍ନତ ଏହା ଦର୍ଶାଇବା ହେଉଛି ଚୀନ୍‌ର ଲକ୍ଷ୍ୟ। ତେଣୁ ଏ କ୍ଷେତ୍ରରେ ଭାରତ ନିଜର ପୁରୁଣା ମିତ୍ରରାଷ୍ଟ୍ର ରୁଷ ସହ ଆମେରିକାକୁ ନୂତନ ବନ୍ଧୁ ଭାବେ ଉଭା କରିବାକୁ ଚାହେଁ। କୁଟନୀତିର ଏଭଳି ନୂଆଫର୍ଦ୍ଦରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ଭାରତକୁ ଉତ୍ତମ ବନ୍ଧୁର ମର୍ଯ୍ୟାଦା ଦେଇ ଏହି ସମ୍ପର୍କକୁ ବହୁ ପାଦ ଆଗକୁ ନେଇ ଯାଇଥିଲେ। ଫଳରେ ଭାରତ ସହ ଆମେରିକାର ବାଣିଜ୍ୟିକ, ଆର୍ଥିକ ଓ ପ୍ରତିରକ୍ଷା କ୍ଷେତ୍ରରେ ସମ୍ପର୍କ ବୃଦ୍ଧି ପାଇଛି। କାରଣ ଭାରତ ବିରୁଦ୍ଧରେ ପାକିସ୍ତାନ ଚଳାଇଥିବା ଆତଙ୍କବାଦକୁ ଆମେରିକା ବିରୋଧ କରେ। ତେଣୁ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ନୀତିକୁ ଓ ଓବାମା ପ୍ରଶାସନକୁ ଯଥେଷ୍ଟ ଗୁରୁତ୍ୱ ଦେଇ ଦୁଇଦେଶ ଭିତରେ ସମ୍ପର୍କକୁ ସୁଦୃଢ଼ କରିପାରିଥିଲେ। ଫଳରେ ପାକିସ୍ତାନ ପୂର୍ବଭଳି ଆମେରିକା ନିକଟରୁ ଭାରତ ଅପେକ୍ଷା କମ୍ ସହଯୋଗ ପାଇଥିଲା। କିନ୍ତୁ ବର୍ତ୍ତମାନ ପରିସ୍ଥିତି ବଦଳିଯାଇଛି। ଆମେରିକାର ନୂତନ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଗାଦିସୀନ ହୋଇଛନ୍ତି। କ୍ଷମତା ହାତକୁ ଆସିବା ପରେ ସେ ପୂର୍ବରାଷ୍ଟ୍ରପତି ଓବାମାଙ୍କ ବିଦେଶ ନୀତିକୁ ସମର୍ଥନ କରୁନଥିବା ଜଣାପଡ଼ିଛି। ଟ୍ରମ୍ପ ଆମେରିକାରେ ନିଜ ଦେଶର ଲୋକଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରାଧାନ୍ୟ ଦେଇ ନିଜକୁ ଅଧିକ ବିକଶିତ କରିପାରିବେ ବୋଲି ମନେ କରୁଛନ୍ତି। ଏମିତି ହେଲେ ଭାରତ ସହ ଓବାମା ଭଳି ଟ୍ରମ୍ପଙ୍କ ସଂପର୍କ ଭଲ ରହିବ କିମ୍ବା ଖରାପ ଆଡକୁ ଗତି କରିବ ତାକୁ ନେଇ ଆମେରିକାରେ ବସବାସ କରୁଥିବା ଭାରତୀୟମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ହେଲେ ଟ୍ରମ୍ପ ଆମେରିକାର ବିକାଶ ପାଇଁ ଯେଉଁଭଳି ସବୁ ଘୋଷଣା କରିଛନ୍ତି, ସେଥିରେ ଆମେରିକାରେ ଥିବା ଭାରତୀୟ ବିଶାରଦମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଆମେରିକାର ଭାରତ ନୀତିରେ ପରିବର୍ତ୍ତନ ନ ଘଟିଲେ ହିଁ ଏହା ସମ୍ଭବ ହୋଇପାରିବ ବୋଲି ଭାରତ ମନେକରୁଛି। ସେହିଭଳି ଟ୍ରମ୍ପଙ୍କ ଚୀନ ଓ ପାକିସ୍ତାନ ନୀତି କେଉଁଭଳି ହେବ ତାହା ମଧ୍ୟ ସ୍ପଷ୍ଟ ହୋଇନି। ଆମେରିକା ଯେବେ ଚୀନ୍ ସମ୍ପର୍କକୁ ସୁଦୃଢ଼ କରିବ, ତେବେ ଏହାର ଫାଇଦା ନେବ ପାକିସ୍ତାନ ଓ କ୍ଷତିଗ୍ରସ୍ତ ହେବ ଭାରତ। ଏ କ୍ଷେତ୍ରରେ ଭାରତ ସରକାର ବର୍ତ୍ତମାନ ମାପିଚୁପି ପଦକ୍ଷେପ ନେବାର ବେଳ। କାରଣ ଆମେରିକା ସହ ଭାରତର ସମ୍ପର୍କ ଅପରିବର୍ତ୍ତିତ ରହିଲେ ଦ୍ୱିପାକ୍ଷିକ ସଂପର୍କ ସୁଦୃଢ଼ ସହ ଭାରତ ଆଙ୍କିଥିବା ବିକାଶର ଚିତ୍ର ବେଶ୍ ପ୍ରଭାବୀ ଦିଶିବ। ଏନ୍‌ଏସ୍‌ଜି ହେଉ କି ଅନ୍ୟାନ୍ୟ ବୈଦେଶିକ ପ୍ରସଙ୍ଗରେ ଭାରତ ନିଶ୍ଚୟ ପୂର୍ବାପେକ୍ଷା ମଜବୁତ ସ୍ଥିତିରେ ରହିବ। ଆତଙ୍କବାଦ ବିରୋଧୀ ଲଢ଼େଇରେ ମଧ୍ୟ ଭାରତକୁ ରୁଷ, ଆମେରିକା ଓ ଫ୍ରାନ୍ସ ପରି ଦେଶ ମାନଙ୍କର ସହଯୋଗ ଆବଶ୍ୟକ। ତେଣୁ ସଂପର୍କରେ ଛଳନା ଓ ମିଛ ରଙ୍ଗ ରହିଲେ ଏହା ମଣିଷର ସବୁ କଳ୍ପନାକୁ ଧୂଳିସାତ୍ କରିଦିଏ। ଆଶା ନିରାଶାରେ ପରିଣତ ହୋଇ ଜୀବନଟା କେଉଁ ଦିଗକୁ ଗତି କରିବ ତାହା କଳ୍ପନା କରିହୁଏ ନାହିଁ। ତେଣୁ ନିର୍ଭେଜାଲ ସମ୍ପର୍କ ହିଁ ବନ୍ଧୁତାର ପାହାଚ ପରେ ପାହାଚ ଆଗକୁ ବାଟ କଢ଼ାଇନିଏ।

# ସ୍ୱାଧୀନତା ସଂଗ୍ରାମରେ ସାମ୍ୟବାଦୀ



ସୌମେନ୍ଦ୍ର ଜେନା

ନିକଟରେ କଟକ ସହରସ୍ଥିତ ଶାରଳାଭବନଠାରେ ରାଜ୍ୟର ପୁରୁଣା କଂଗ୍ରେସୀନେତା (ପରେ କମ୍ୟୁନିଷ୍ଟ) ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କ ଜନ୍ମଶତାବ୍ଦୀ ପାଳନ, ଗ୍ରନ୍ଥାବଳୀ ପ୍ରକାଶନ ଅବସରରେ ଏକ ସଭା ହୋଇଥିଲା । ସେଥିରେ ସର୍ବଭାରତୀୟ ସ୍ତରର କମ୍ୟୁନିଷ୍ଟନେତା ଡି ରାଜା ଯୋଗଦେଇ ନିଜ ଭାଷଣରେ ସ୍ୱାଧୀନତା ସଂଗ୍ରାମରେ ବିଜେପି ଓଆରଏସ୍‌ଏସର କୌଣସି ଭୂମିକା ନଥିବା କଥା ଉଲ୍ଲେଖ କରିଥିଲେ । ୧୯୮୦ରେ ଜନ୍ମିତ ବିଜେପି ଏବଂ ୧୯୨୫ରେ ଜନ୍ମିତ ସଂଗଠନ ଆରଏସଏସ୍‌ର ସ୍ୱାଧୀନତା ସଂଗ୍ରାମରେ ଭୂମିକା ଥିଲା କି ନାହିଁ ତାହା ଅନ୍ୟଏକ ଆଲୋଚନାର ପ୍ରସଙ୍ଗ । କିନ୍ତୁ ଦେଶର ସ୍ୱାଧୀନତା ସଂଗ୍ରାମରେ ସାମ୍ୟବାଦୀମାନଙ୍କର କିଭଳି ଭୂମିକା ରହିଥିଲା ତାହା ଏଠାରେ ଆଲୋଚନାର ବିଷୟ।

ତାସ୍‌କେଣ୍ଟଠାରେ ଭାରତର କମ୍ୟୁନିଷ୍ଟ ପାର୍ଟିକୁ ରଷିଆର ଲୋକେ ଏମ୍.ଏନ୍ ରାୟଙ୍କ ମାଧ୍ୟମରେ ଗଢାଇଥିଲେ । ତେବେ ୧୯୨୦ ଅକ୍ଟୋବର ୧୭ରେ ରଷିଆରେ ଭାରତର ୭ ଜଣ ସଦସ୍ୟଙ୍କୁ ନେଇ ଗଠିତ କମ୍ୟୁନିଷ୍ଟ ପାର୍ଟିର ନେତୃତ୍ୱ ଖୁବ୍ କମ୍ ଦିନ ପରେ ଇଂଲଣ୍ଡର ରଜନୀପାମ ଦତ୍ତଙ୍କ ହାତକୁ ଚାଲି ଯାଇଥିଲା। ରଷିଆର ଜିନୋଭିଏଭ୍‌ଙ୍କ ନିର୍ଦ୍ଦେଶରେ ଭାରତର କମ୍ୟୁନିଷ୍ଟ ଦଳ ବ୍ରିଟେନରୁ ନିୟନ୍ତ୍ରିତ ହେଲା। କମ୍ୟୁନିଷ୍ଟ ପାର୍ଟି ଅଫ୍ ଗ୍ରେଟ ବ୍ରିଟେନ ଭାରତର ଦଳକୁ ନିୟନ୍ତ୍ରଣ କଲା।

ଭାରତରେ ଦଳ ବିଶେଷ ବଢିନପାରିବାରୁ ପ୍ରଚାର ଓ ପ୍ରସିଦ୍ଧି ପାଇଁ କାନପୁର ବଲସେଭିକ୍ ଷଡଯନ୍ତ୍ର ହେଲା। ଏହି ଷଡଯନ୍ତ୍ର ବିଶେଷ ଫଳବତୀ ନହୋଇଥିଲେ ମଧ୍ୟ ଗଣମାଧ୍ୟମରେ ଅଧିକ ପ୍ରଚାର ହୋଇଥିଲା । ଏହି ଘଟଣାରେ ୪ଜଣ ଦଣ୍ଡପାଇଥିଲେ। ଜଣେ ସରକାରୀ ସାକ୍ଷୀ ହୋଇଥିଲେ, ଅନ୍ୟ ଜଣେ ଛାଡପାଇଥିଲେ । ଏହି ଷଡଯନ୍ତ୍ର ପଛରେ ଇଂରେଜ ସରକାରଙ୍କ ସମର୍ଥନ ରହିଥିଲା। ତା୧୧.୦୨.୧୯୨୪ରେ ଇଂରେଜ ସରକାରଙ୍କ ଘରୋଇ ସଦସ୍ୟ ମାଲକମ୍ ହେଲି ଆଇନ ଉପଦେଷ୍ଟା ଏସ୍.ଆର୍.ଦାସଙ୍କୁ ଲେଖିଥିଲେ- "ବନ୍ଦୀ ହୋଇଥିବା ବ୍ୟକ୍ତିମାନଙ୍କୁ କଠୋର ଦଣ୍ଡ ଦେବା ଆମ ସରକାରଙ୍କ ଉଦ୍ଦେଶ୍ୟ ନୁହେଁ, ବରଂ ସମ୍ପୂର୍ଣ୍ଣ ଷଡଯନ୍ତ୍ରର ସଫଳ ଅଗ୍ରଗତି ହିଁ ଆମ ସମସ୍ତଙ୍କର ପ୍ରଧାନ ଲକ୍ଷ୍ୟ।" ମାର୍ସାଲ ଉଇଣ୍ଡମିଲ ମଧ୍ୟ କମ୍ୟୁନିଜମ୍ ଇନ୍ ଇଣ୍ଡିଆ ପୁସ୍ତକରେ ୧୩୬ ପୃଷ୍ଠାରେ ଲେଖିଛନ୍ତି- "ଯେଉଁ ଜେଲଖାନାଗୁଡ଼ିକରେ ବିପ୍ଲବୀମାନଙ୍କୁ ରଖାଯାଇଥିଲା, ସେଠାକୁ ଇଂରେଜ ସରକାର ମାର୍କସବାଦୀ ସାହିତ୍ୟ ପଠାଇବା ଲାଗି ବ୍ୟବସ୍ଥା କରିଥିଲେ। ଏପରିକି ଆଣ୍ଡାମାନ ଜେଲକୁ ମଧ୍ୟ ଏଭଳି ସାହିତ୍ୟ ପ୍ରଚୁର ସଂଖ୍ୟାରେ ପଠାଯାଇଥିଲା।" ଏହାର କାରଣ ଥିଲା ଇଂରେଜ ସରକାର କମ୍ୟୁନିଷ୍ଟ ଦଳକୁ କଂଗ୍ରେସର ସ୍ୱାଧୀନତା ଆନ୍ଦୋଳନକୁ ବିଫଳ କରିବା ଲାଗି ସେଫ୍‌ଟି ଭାଲ୍‌ବ ଭାବେ ବ୍ୟବହାର କରୁଥିଲେ। ୧୩୬୨ ସାଲ ଭାଦ୍ର ମାସରେ ପ୍ରକାଶିତ ଆତ୍ମସ୍ମୃତି ପତ୍ରିକାରେ ଲେଖକ ସଜନୀକାନ୍ତ ଦାସ ଏ ସମ୍ପର୍କରେ 'ଶନିବାରେର ଚିଠି'ରେ ଲେଖିଥିଲେ "କଣ୍ଟକ ଦ୍ୱାରା କଣ୍ଟକ ଉଚ୍ଛେଦ ନୀତିର ସାହାଯ୍ୟେ ତଦାନୀନ୍ତନ ଇଂରେଜ ସରକାର ନାନାଭାବେ କମ୍ୟୁନିଜମ୍‌କେ ପ୍ରଶ୍ରୟ ଦିତେ ଥାକେନ୍।" ଭାରତରେ ଚାଲିଥିବା କ୍ରାନ୍ତିକାରୀମାନଙ୍କ ସ୍ୱାଧୀନତା ସଂଗ୍ରାମକୁ ବିଭ୍ରାନ୍ତ କରିବା ଲାଗି ଏହାକୁ ଶ୍ରେଣୀ ସଂଗ୍ରାମ ନାମରେ ଅନ୍ତର୍ଘାତୀ ଗୃହଯୁଦ୍ଧରେ ରୂପାନ୍ତରିତ କରିବାକୁ ଇଂରେଜମାନେ କମ୍ୟୁନିଷ୍ଟଙ୍କ ମାଧ୍ୟମରେ ଅନେକାଂଶରେ ସଫଳ ହୋଇଥିଲେ। ମୁଜାଫର ଅହମ୍ମଦ ପ୍ରମୁଖ ନେତା ୧୯୨୫ ଡିସେମ୍ବର ୨୬ ଦିନ କାନପୁର କମ୍ୟୁନିଷ୍ଟ ସମ୍ମିଳନୀରେ ଭାରତର କମ୍ୟୁନିଷ୍ଟ ଦଳରେ ଭାରତୀୟ ଚିନ୍ତାଧାରା ପଶିଯାଉଥିବାରୁ ତୀବ୍ର ସମାଲୋଚନା କରିଥିଲେ। ଖାଣ୍ଟି କମ୍ୟୁନିଷ୍ଟ ରଷିଆର ନେତୃତ୍ୱ ଓ ମାର୍ଗଦର୍ଶନକୁ କୌଣସି ପ୍ରକାରେ ଅସ୍ୱୀକାର କରିପାରିବେ ନାହିଁ ବୋଲି ସେ ପ୍ରକାଶ କରିଥିଲେ। (ଏସ୍. ଦତ୍ତ, ଇଲଷ୍ଟ୍ରେଟେଡ୍ ଉଇକ୍ଲି ତା ୯।୧।୧୯୭୭)

ସ୍ୱାଧୀନତା ସଂଗ୍ରାମରେ କମ୍ୟୁନିଷ୍ଟମାନେ ଦେଶପ୍ରେମୀ ଭାବେ ଅଗ୍ରଣୀ ଭୂମିକା ନେଇଥିବାର କହିଥାଆନ୍ତି। କିନ୍ତୁ ଭାରତର ବିଭାଜନ ପାଇଁ ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ମୁସଲିମ୍ ଲିଗ୍‌ର ଦାବିକୁ ମହାତ୍ମାଙ୍କ ସମେତ ପ୍ରତ୍ୟେକ ଦେଶଭକ୍ତ ନେତା ବିରୋଧ କଲାବେଳେ କମ୍ୟୁନିଷ୍ଟ ପାର୍ଟିର ବକ୍ତବ୍ୟ ଥିଲା 'ମୁସଲିମ୍‌ମାନଙ୍କର ଆତ୍ମନିୟନ୍ତ୍ରଣ ଦାବି ବା ପାକିସ୍ଥାନ ଗଠନର ଦାବୀ ଯଥାର୍ଥରେ ଏକ ପ୍ରଗତିଶୀଳ ଓ ଜାତୀୟବାଦୀ ଦାବୀ ଏବଂ ତାହା ସେମାନଙ୍କର ସ୍ୱାଧୀନତା ଓ ଗଣତନ୍ତ୍ରର ଇତିବାଚକ ପରିପ୍ରକାଶ।' (ଦି କେସ୍ ଫର୍ କଂଗ୍ରେସ ଲିଗ୍ ୟୁନିଟି, ସଜ୍ଜାଦ ଜାହିର, ପି.ପି.ଏଚ୍. ବମ୍ବେ)। କମ୍ୟୁନିଷ୍ଟ ନେତା ବି.ଟି. ରଣଦିଭେ ମଧ୍ୟ ଦଳର ମୁଖପତ୍ର 'ପିପୁଲସ୍ ୱାର' (୯.୮.୧୯୪୨)ରେ ସମାନ ମତ ଦେଇଥିଲେ। ଏପରିକି ୧୯୪୦ ମାର୍ଚ୍ଚ ମାସରେ ଲାହୋରଠାରେ ମୁସଲିମ୍ ଲିଗ୍‌ର ପ୍ରସ୍ତାବ ସମର୍ଥନରେ କମ୍ୟୁନିଷ୍ଟ ଦଳ ପକ୍ଷରୁ କୁହାଯାଇ ଥିଲା "ମୁସଲମାନ୍ ଦେଶ ଗଠନ ପାଇଁ ପାକିସ୍ଥାନ ଏକ ସାଧାରଣ ଦାବୀ। ନିଶ୍ଚିତ ମୃତ୍ୟୁ କବଳରୁ ମୁକ୍ତି ପାଇବା ପାଇଁ ସେମାନଙ୍କ ଆଗରେ ଏକମାତ୍ର ପରିଷ୍କାର ରାସ୍ତା ହେଉଛି ପାକିସ୍ଥାନ ଗଠନ।"

କମ୍ୟୁନିଷ୍ଟ ନେତା ପି.ସି.ଯୋଶୀ ଦଳର ମୁଖପତ୍ରରେ ଲେଖିଥିଲେ 'ସ୍ୱରାଜ ଯେପରି ଆମର ଜନ୍ମଗତ ଅଧିକାର, ପାକିସ୍ଥାନ ଗଠନର ଦାବୀ ମଧ୍ୟ ମୁସଲମାନଙ୍କର ଠିକ୍ ସେହିପରି ଏକ ଅବିଚ୍ଛେଦ୍ୟ ଅଧିକାର।' ପାକିସ୍ଥାନ ଗଠନ ନହେଲେ ସ୍ୱାଧୀନ ଭାରତର ଖ୍ୟାତି ବଢ଼ିବ ନାହିଁ ବୋଲି କୁହାଗଲା।

କେବଳ ସେମିତି ନୁହେଁ ଜିନ୍ନାଙ୍କ ମୁସଲିମ୍ ଲିଗ୍‌କୁ କମ୍ୟୁନିଷ୍ଟ ପାର୍ଟି 'ସେକୁଲାର' କହିବା ସହ ଭବିଷ୍ୟତରେ ପାକିସ୍ଥାନ ଏକ 'ସେକୁଲାର ରାଷ୍ଟ୍ର ହେବ' ବୋଲି କୁହାଗଲା। ଶିଖମାନେ ତାହା ଗ୍ରହଣ ନ କରିବାରୁ ସେମାନେ ମର୍ମାହତ ହୋଇ କହିଥିଲେ- 'ପାକିସ୍ଥାନକୁ ଚାଲିଯିବା ହିଁ ଶିଖମାନଙ୍କ ପକ୍ଷରେ ସର୍ବୋତ୍କୃଷ୍ଟ ପନ୍ଥା ହେବ। ସେଠାରେ ଶିଖମାନଙ୍କର ଭୟର କିଛି କାରଣ ନାହିଁ। କିନ୍ତୁ ଦୁର୍ଭାଗ୍ୟ, ଶିଖମାନେ ଏଭଳି ସୁନ୍ଦର ଚିନ୍ତାଧାରାକୁ ପସନ୍ଦ କରୁନାହାନ୍ତି।' ପୂର୍ବ ପାକିସ୍ଥାନ ଗଠନର ପ୍ରସ୍ତାବନାରେ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଏକ ମାନଚିତ୍ର ପ୍ରକାଶ ପାଇଥିଲା ଯେଉଁଥିରେ ସମଗ୍ର ନଦିୟା, ମୁର୍ସିଦାବାଦ, ମାଲ୍‌ଦା, ଦିନାଜପୁର ଏବଂ ତ୍ରିପୁରାକୁ ପାକିସ୍ଥାନର ଅନ୍ତର୍ଭୁକ୍ତ ବୋଲି ଦର୍ଶାଯାଇଥିଲା। ୧୯୪୨ ସେପ୍ଟେମ୍ବର ମାସରେ କମ୍ୟୁନିଷ୍ଟ ପାର୍ଟି ଏକ ପ୍ରସ୍ତାବ ଗ୍ରହଣ କରିଥିଲା। ସେଥିରେ ଭିନ୍ନ ଭିନ୍ନ ଭାଷାଭାଷୀ ଲୋକଙ୍କ ପାଇଁ ସ୍ୱାୟତ୍ତ ଶାସିତ ରାଜ୍ୟ ଗଠନର ଅଧିକାର ଦେବାକୁ ଏବଂ ଇଚ୍ଛା କଲେ ଭାରତଠାରୁ ଅଲଗା ହେବା ଲାଗି ଅଧିକାର ରହିବ ବୋଲି କୁହାଯାଇଥିଲା।

ସେଥିପାଇଁ କୋଲକତା ଗଣହତ୍ୟାର ଖଳନାୟକ ତଥା ମୁସଲିମ ଲିଗ୍‌ର ନେତା ସୁରାବର୍ଦ୍ଦି ଖାଁଙ୍କ ସହ ଭୂତପୂର୍ବ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଜ୍ୟୋତି ବସୁ ଗୋଟିଏ ମଞ୍ଚରେ ଛିଡ଼ା ହୋଇ ପାକସ୍ଥାନ ଗଠନର ଦାବି ଉଠାଇଥିଲେ। ସେହି ଘୃଣ୍ୟ ଭୂମିକା ସମ୍ପର୍କରେ ଇଣ୍ଡିଆନ ଏକ୍ସପ୍ରେସ୍ (୧୩.୦୭.୮୭)ରେ ଡ. ଜେ.ଡି. ସେଠି ଲେଖିଥିଲେ- "ପାକିସ୍ଥାନ ସୃଷ୍ଟି ସପକ୍ଷରେ ତାତ୍ତ୍ୱିକ ଯୁକ୍ତି ଉପସ୍ଥାପିତ କରିବା ହେଉଛି କମ୍ୟୁନିଷ୍ଟମାନଙ୍କର ଏ ଦେଶବାସୀଙ୍କ ପ୍ରତି ଚରମ ବିଶ୍ୱାସଘାତକତାର ଅତ୍ୟୁଜ୍ୱଳ ଦୃଷ୍ଟାନ୍ତ। ପାକିସ୍ଥାନ ଦାବି କରୁଥିବା ମୁସଲିମ୍ ଲିଗ୍ ସପକ୍ଷରେ ଜଣେ ହେଲେ ବୁଦ୍ଧିଜୀବୀ ନଥିଲେ। ଜାତିସତ୍ତାର ଷ୍ଟାଲିନୀୟ ତତ୍ତ୍ୱ ବୋଲି ପ୍ରଚାର କରି କମ୍ୟୁନିଷ୍ଟମାନେ ସେଦିନ ମୁସଲିମ୍ ଲିଗର ଏହି ଅନ୍ୟାୟ ଦାବୀକୁ ଦୃଢ଼ ସମର୍ଥନ ଜଣାଇଥିଲେ। ଦେଶ ବିଭାଜନ ନିହାତି ଆବଶ୍ୟକ ବୋଲି ଜିଦ୍ ଧରି ବସିଲେ। କିନ୍ତୁ ନିଜେ ଷ୍ଟାଲିନ ଏହି ତତ୍ତ୍ୱଟିକୁ ନିଜ ଦେଶରେ ପ୍ରଶ୍ରୟ ଦେଇ ନଥିଲେ।"

୧୯୩୫ରେ ନିଖିଳ ଭାରତ ଗୋର୍ଖାଲିଗ ଭାରତ ସହ ମିଶି ରହିବା ଲାଗି ଦାବୀ କରିଥିଲା ବେଳେ ୧୯୪୭ ଏପ୍ରିଲ ୬ ତାରିଖରେ କନ୍‌ଷ୍ଟିଚ୍ୟୁଏଣ୍ଟ ଏସେମ୍ବ୍ଲିରେ ଗୋର୍ଖାମାନଙ୍କ ପାଇଁ ଭିନ୍ନ ରାଜ୍ୟ ଗଠନର ପ୍ରସ୍ତାବ କମ୍ୟୁନିଷ୍ଟମାନେ ଉଠାଇଥିଲେ। ଶିଖ ଓ ଗୋର୍ଖାମାନଙ୍କୁ ଭାରତରୁ ଅଲଗା ହେବା ମତ ସପକ୍ଷରେ ବାମପନ୍ଥୀମାନେ ରହିଥିଲେ। ଐତିହାସିକ ଡକ୍ଟର ଏସ୍. କେ.ମଜୁମଦାର ତାଙ୍କର Advent of Independencର ପୁସ୍ତକର ୧୯୦ ପୃଷ୍ଠାରେ ଲେଖିଛନ୍ତି, "ଗୋର୍ଖାମାନଙ୍କର ସ୍ୱାର୍ଥରକ୍ଷା ପାଇଁ, ଶିଖମାନଙ୍କର ସ୍ୱାର୍ଥ ରକ୍ଷା ପାଇଁ ବା ପଠାଣମାନଙ୍କ ପାଇଁ, ଭାରତକୁ ଖଣ୍ଡ ଖଣ୍ଡ କରିବା ଲାଗି ଯେଉଁ ପ୍ରଚେଷ୍ଟା କମ୍ୟୁନିଷ୍ଟମାନେ କରୁଥିଲେ, ତା'ର ମୂଳ ଉଦ୍ଦେଶ୍ୟ ଥିଲା ଖଣ୍ଡ-ବିଖଣ୍ଡିତ ଜାତିଗୁଡ଼ିକ ମଧ୍ୟରେ କଳହର ସୁଯୋଗ ନେଇ କଂଗ୍ରେସକୁ ପରାସ୍ତ କରିବା ଓ ନିଜେ କ୍ଷମତା ଦଖଲ କରିବା।"

ବାମପନ୍ଥୀଙ୍କ ପାକିସ୍ଥାନ ଦାବିକୁ ୧୯୪୩ ଡିସେମ୍ବର ମାସର କରାଚୀ ଅଧିବେଶନରେ ଜିନ୍ନା କମ୍ୟୁନିଷ୍ଟମାନଙ୍କୁ ବିଶ୍ୱାସଘାତକ, ରଷିଆର ଦଲାଲ କହି ସମାଲୋଚନା କରିବା ସହ ମୀର୍ଜାଫରମାନଙ୍କୁ କେହି ବିଶ୍ୱାସ କରିବେ ନାହିଁ ବୋଲି ପ୍ରକାଶ କରିଥିଲେ।

୧୯୪୧ରେ କମ୍ୟୁନିଷ୍ଟମାନେ ଇଂରେଜମାନଙ୍କ ସହ ବୁଝାମଣା କରି ସେମାନଙ୍କ ସହ ସହଯୋଗ ବଢ଼ାଇ ଥିଲେ। କମ୍ରେଡ ଏସ୍.ଜି. ସରଦେଶାଇ ତାଙ୍କ ପୁସ୍ତକ 'ଇଣ୍ଡିଆ ଏଣ୍ଡ୍ ରଷିଆନ୍ ରିଭୋଲ୍ୟୁସନ'ର ୯୯ ପୃଷ୍ଠାରେ ଏହାର ପ୍ରମାଣ ଦେଇ ଲେଖିଛନ୍ତି- "ଏ ବିଷୟରେ ସାମାନ୍ୟତମ ସନ୍ଦେହର ଅବକାଶ ନାହିଁ ଯେ ଭାରତର ଅଧିକାଂଶ ଦେଶପ୍ରେମୀ ଅନୁଭବ କରନ୍ତି ଯେ ସମଗ୍ର ଦେଶ ଯେତେବେଳେ ଇଂରେଜଙ୍କୁ ବିତାଡ଼ିତ କରି ସ୍ୱାଧୀନତା ଆଣିବା ପାଇଁ ବ୍ୟଗ୍ର, ସେତେବେଳେ କମ୍ୟୁନିଷ୍ଟମାନଙ୍କର ବ୍ୟଗ୍ରତା ଥିଲା ପୂରାପୂରି ତା'ର ବିପରୀତ।"


ଦେଶର ସ୍ୱାଧୀନତା ସଂଗ୍ରାମ ସମୟରେ କମ୍ୟୁନିଷ୍ଟଙ୍କ ସୁବିଧାବାଦୀ ପରିବର୍ତ୍ତନଶୀଳ ଆଭିମୁଖ୍ୟ ଯୋଗୁ ସେମାନେ ସମାଲୋଚିତ ହୋଇଛନ୍ତି। ଏକଦା ସିପିଆଇର ସାଧାରଣ ସମ୍ପାଦକ ସି.ରାଜେଶ୍ୱର ରାଓ ଏହା ସ୍ୱୀକାର କରି ଲେଖିଥିଲେ- "ସ୍ୱାଧୀନତା ଆନ୍ଦୋଳନ ସମୟରେ ଏପରି କେତୋଟି ସନ୍ଧିକ୍ଷଣ ଆସିଛି, ଯେତେବେଳେ କି କମ୍ୟୁନିଷ୍ଟ ପାର୍ଟି ବିରାଟ ଭୁଲ କରିଛି। ଏପରିକି କେତେଜଣ ବରିଷ୍ଠ ସର୍ବମାନ୍ୟ ଦେଶପ୍ରେମୀ ନେତାଙ୍କ ବିରୋଧରେ ସମାଲୋଚନା କରିବା ମଧ୍ୟ ଭୁଲ ହୋଇଥିଲା।"(ବ୍ଲିଜ୍, ୧୭.୧୨.୧୯୭୫)।

'ତରୀ ହତେ ତୀର' ପୁସ୍ତକର ୩୩୭ ପୃଷ୍ଠାରେ କମ୍ୟୁନିଷ୍ଟ ନେତା ହୀରେନ ମୁଖାର୍ଜୀ ନିଜ ଭୂମିକା ବିଶ୍ଳେଷଣ କରିବା ବେଳେ ସ୍ୱୀକାର କରିଛନ୍ତି- '୧୯୪୨ରେ ଆମର କର୍ମପଦ୍ଧତି ବା ଚିନ୍ତାଧାରା କ'ଣ ଥିଲା ପ୍ରତ୍ୟେକ ବ୍ୟକ୍ତି ଥରେ ଭାବନ୍ତୁ ! ଆମର କଥା ଓ କାମ ଭିତରେ ସାମଞ୍ଜସ୍ୟ ନଥିଲା। ସୁଭାଷ ଚନ୍ଦ୍ର ବୋଷଙ୍କୁ ଆମେ କହିଥିଲୁ ଫାସୀବାଦର ସହାୟକ ଓ ତାଙ୍କ ଉପରେ ପ୍ରଚଣ୍ଡ ଆକ୍ରମଣ କରିଥିଲୁ। ସ୍ୱାଧୀନତା ସଂଗ୍ରାମୀ ନେତାଜୀ ବ୍ରିଟେନ ବିରୋଧୀ ଶକ୍ତି ଜର୍ମାନୀଠାରୁ ଜାପାନ ଯାଏ ସହଯୋଗ ଓ ସାହାଯ୍ୟ ପାଇଁ ଗସ୍ତ କଲାବେଳେ ଦେଶର ବାପପନ୍ଥୀମାନେ ତାଙ୍କୁ ଜାପାନର ଏକଛତ୍ରବାଦୀ 'ତୋଜୋଙ୍କ କୁକୁର' ଏବଂ ହିଟଲରର ପ୍ରଚାରମନ୍ତ୍ରୀ ଗୋଏବଲଙ୍କ ବିଲେଇ ବୋଲି ବର୍ଣ୍ଣନା କରି କାର୍ଟୁନ ଛାପିଥିଲେ। ସେମାନେ କହନ୍ତି 'ଯିଏ ଦେଶରେ ଶତ୍ରୁ, ସିଏ ବିଶ୍ୱରେ ବନ୍ଧୁ। (Our national enemy is our internationalally) ଅର୍ଥାତ୍ ସେତେବେଳେ ବ୍ରିଟେନ ଭାରତର ଶତ୍ରୁ ଥିଲା ଅଥଚ ବିଶ୍ୱରେ କମ୍ୟୁନିଷ୍ଟମାନଙ୍କ ବନ୍ଧୁଥିବା ହେତୁ କମ୍ୟୁନିଷ୍ଟମାନେ ଭାରତରେ ଇଂରେଜ ସରକାରଙ୍କୁ ସାହାଯ୍ୟ କରୁଥିଲେ।

ଶେଷରେ ଭାରତର କମ୍ୟୁନିଷ୍ଟମାନଙ୍କ ସମ୍ପର୍କରେ 'ରଷିଆର ଡାଏରୀ' ପୁସ୍ତକରେ ବଙ୍ଗଳା ଲେଖକ ପ୍ରବୋଧ କୁମାର ସାନ୍ୟାଲଙ୍କ ଉଦ୍ଧୃତି ଉଲ୍ଲେଖନୀୟ- "ସେମାନେ ଯେତେବେଳେ ଷ୍ଟାଲିନଙ୍କ ଛବି କାନ୍ଧରେ ପକାଇ ସାହି ସାହି ବୁଲି ହୋ'ହଲ୍ଲା କରୁଥାନ୍ତି, ସେତେବେଳେ ସେମାନଙ୍କର ଏହି ବିଜାତୀୟ, ବିଧର୍ମୀୟ ଏବଂ ଅଶ୍ରଦ୍ଧେୟ ଆଚରଣକୁ ଲକ୍ଷ୍ୟ କରି ଭାରତୀୟମାନଙ୍କ ମନ କୌତୁକ ଓ ଘୃଣାରେ ଭରି ଉଠୁଥିଲା। କିନ୍ତୁ ଦୋଳ ପୂର୍ଣ୍ଣମୀ ରାତିରେ ଅବିରର ରଙ୍ଗ ବଦଳରେ ଦଳେ ମଦୁଆ ମାତାଲ ଯେପରି ନିଶାରେ ବିଭୋର ହୋଇ ନର୍ଦ୍ଦମାର କାଦୁଅରେ ହୋରି ଖେଳି ଆତ୍ମତୃପ୍ତି ଲାଭ କରନ୍ତି, ମାତ୍ର ପରଦିନ ସକାଳେ ନିଶା କଟିଗଲେ ନିଜ ଦେହରୁ ବାହାରୁଥିବା ନର୍ଦ୍ଦମାର ଦୁର୍ଗନ୍ଧରେ ନିଜେ ନିଜେ ଅପମାନିତ ହୁଅନ୍ତି; ଆମ ଦେଶର କମ୍ୟୁନିଷ୍ଟମାନଙ୍କର ସେହି ଦୁର୍ଦ୍ଦଶା ଦେଖି ଭାରତବାସୀ ମାର୍ମିକ ଯନ୍ତ୍ରଣା ଓ ଅବ୍ୟକ୍ତ କରୁଣାରେ ମୂକ ହୋଇ ସ୍ନେହସିକ୍ତ ଭାବେ ହସି ଉଠନ୍ତି।"

ଏଲ୍/୩୮
ବରମୁଣ୍ଡା ହାଉସିଂବୋର୍ଡ଼ କଲୋନୀ
ଭୁବନେଶ୍ୱର-୩

# ନେତା, ନୀତି ଓ ଦୁର୍ନୀତି



ସୁଧାଂଶୁ ଶେଖର ମହାପାତ୍ର

ଆଗେ ସମାଜର ବହୁ ପ୍ରତିଷ୍ଠିତ ଲୋକେ ନିଚ୍ଛକ ଜନସେବା କରିବା ନିମନ୍ତେ ରାଜନୀତି ମଧ୍ୟକୁ ପ୍ରବେଶ କରୁଥିଲେ। ସେମାନେ ନିଜ ସ୍ୱାର୍ଥକୁ ଛାଡ଼ି, ଜନକଲ୍ୟାଣ ଦିଗରେ ମନେ ନିବେଶ କରୁଥିବା ହେତୁ, ସାଧାରଣ ଲୋକଙ୍କର ସେମାନଙ୍କ ଉପରେ ବଡ଼ ଭରସା ରହିଥିଲା ଏବଂ ସେମାନେ ନେତାଙ୍କୁ ସମ୍ମାନ ମଧ୍ୟ ଦେଉଥିଲେ। ନେତାମାନେ ନିଜକୁ ଜନତା ଜନାର୍ଦ୍ଦନଙ୍କର ସେବକ ବୋଲି ବିବେଚନା କରି ଜନସେବାରେ ନିଜକୁ ନିୟୋଜିତ କରୁଥିଲେ, ତେଣୁ ଲୋକପ୍ରତିନିଧି ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ସମ୍ପର୍କ ବଢୁଥିଲା,ଏବଂ ରାଜନୀତିରେ ମଧ୍ୟ ମୂଲ୍ୟବୋଧ ରହିଥିଲା। ନେତାମାନେ ଲୋକଙ୍କୁ ଯେଉଁ ପ୍ରତିଶ୍ରୁତି ନିର୍ବାଚନରେ ଦେଇ ଭୋଟ ପାଉଥିଲେ, ତାହାକୁ ପାଳନ ମଧ୍ୟ କରୁଥିଲେ। ତେଣୁ ସାଧାରଣରେ ସେମାନଙ୍କର ଭାବମୂର୍ତ୍ତୀ ଅକ୍ଷୁର୍ଣ୍ଣ ରହୁଥିଲା ମାତ୍ର ଏବେ ରାଜନୀତିକୁ ଏକ ଭଲ ବ୍ୟବସାୟ ଭାବରେ ଧରିନେଇ ଅସାଧୁ, ଦୁର୍ନୀତିଗ୍ରସ୍ତମାନେ ଏହାମଧ୍ୟକୁ ବିପୁଳ ସମ୍ପଂତି ଆହରଣ କରିବା ନିଶାରେ ପ୍ରବେଶ କରୁଛନ୍ତି। ନିଜର ଅର୍ଥ ଓ ବାହୁବଳ ପ୍ରୟୋଗ କରି ନିର୍ବାଚନରେ ଭୋଟଜିଣି, କ୍ଷମତାରେ ରହିପାରୁଛନ୍ତି ଏବଂ କ୍ଷମତାର ଅପବ୍ୟବହାର କରି ବିପୁଳ ଧନର ମାଲିକ ହୋଇଯାଉଛନ୍ତି। ସେମାନେ ଲୋକଙ୍କର ସେବକ ବଦଳରେ ପ୍ରଭୁ ବୋଲି ନିଜକୁ ବିବେଚନା କରୁଛନ୍ତି। ତ୍ୟାଗକୁ ଛାଡି ଭୋଗ ପଛରେ ଧାଉଁଛନ୍ତି। ଆଡମ୍ବରପୂର୍ଣ୍ଣ ଜୀବନଯାପନ ପ୍ରତି ଆଗ୍ରହୀ ହୋଇ, କେବଳ ଧନ ଠୁଳରେ ନିର୍ବାଚନରେ ଲୋକଙ୍କୁ ଦେଉଥିବା ପ୍ରତିଶ୍ରୁତିକୁ ମନରୁପାଶୋରି ଦେଉଛନ୍ତି। ଏପରିକି ଭୋଟ ଦେଇ ସେମାନଙ୍କୁ କ୍ଷମତାରେ ବସେଇଥିବା ଲୋକ ଆଉ ସେମାନଙ୍କର ମନେପଡୁନାହାଁନ୍ତି। ଲୋକଙ୍କୁ ସୁହାଇବା ଭଳି କାମ ନକରି, ନିଜର ଫାଇଦା ରହିଥିବା କାମ କରୁଛନ୍ତି, ଯାହାଫଳରେ ସାଧାରଣ ଲୋକେ ନେତାଙ୍କ ଉପରେ ଭରସା ରଖିପାରୁନାହାଁନ୍ତି ନେତାମାନେ ସମସ୍ୟା ଖୋଜି ସମାଧାନ କରିବାତ ଦୂରର କଥା ଲୋକେ ଦୃଷ୍ଟି ଆକର୍ଷଣ କରୁଥିବା ସମସ୍ୟାକୁ ମଧ୍ୟ ଆଖିବୁଜି ଦେଇଛନ୍ତି। ଯାହାଫଳରେ ସାଧାରଣ ଲୋକେ ସେମାନଙ୍କ ସୁବିଧା, ସୁଯୋଗରୁ ବଂଚିତ ହେଉଛନ୍ତି। ମାଳ ମାଳ ଯୋଜନା ଚାଲିବ ମାତ୍ର ଏହାର ସୁଫଳ ଲୋକଙ୍କ ପାଖରେ ପହଂଚି ପାରୁନାହିଁ। ଯୋଜନା ବାବଦୀୟ ଅର୍ଥ ଦୁର୍ନୀତି ଓ ବାଟମାରଣା ବାଟେ ଚାଲିଯାଉଛି। ଭୋଟ ପାଇବା ନିଶା ମନରେ ଏତେ ଜୋର୍‌ରେ ଘାରୁଛି ଯେ, ଯେତେ ତଳକୁ ଖସିବାରେ ମଧ୍ୟ କୁଣ୍ଠାପ୍ରକାଶ ନାହିଁ। ରାଜନୀତିରେ ଯିଏ ଯେତେ ଅଧିକ ଧନ ରୋଜଗାର କରୁଛି ସେ ସେତେ ପ୍ରତିଷ୍ଠିତ ବୋଲି ଡିଣ୍ଡିମ ପିଟୁଛି। ରାଜ୍ୟର ଧନକୁ ହଡ଼ପ କରି ଧନ ଠୁଳ କରିବା ଆଶାବଢୁଛି। ନୀତି, ଆଦର୍ଶ, ବିଚାର ଓ ମୂଲ୍ୟବୋଧ, ବଂର୍ତମାନର ରାଜନୀତିରେ ଏବେ ଆଉ ଦେଖିବାକୁ ମିଳୁନାହିଁ। ଯେଉଁ ରାଜନୈତିକ ଦଳ ଥରେ କ୍ଷମତାର ସ୍ୱାଦ ଚାଖି ରଖିଛି ସେ ଆଉ ଛାଡିବାକୁ ଚାହୁଁନାହିଁ। ଯେଉଁ ନେତାମାନେ ତୁଣ୍ଡରେ ସ୍ୱଚ୍ଛତା କଥା କହୁଛନ୍ତି ସେମାନେ ଦୁର୍ନୀତିରେ ବୁଡିଯିବା ଦେଖିବାକୁ ମିଳୁଛି। ସ୍ୱଚ୍ଛତା କେବଳ ସ୍ଲୋଗାନରେ ରହିଯାଇଛି। ବଂର୍ତମାନ ସମୟର ନେତାମାନେ ଲୋକଙ୍କଠାରୁ ଆଗଭଳି ସମ୍ମାନ ପାଉନାହାଁନ୍ତି। ନେତାମାନେ ବିଭିନ୍ନ ସଂସ୍ଥାକୁ ସଂସ୍ଥାକୁ ଅନୁକମ୍ପା ପ୍ରଦର୍ଶନ କରିବା ସହ ସେମାନଙ୍କ ଠାରୁ ବିପୁଳ ଅର୍ଥ ଆଦାୟ କରୁଛନ୍ତି। ଫଳରେ ବଡ଼ବଡ଼ ଘରୋଇ ସଂସ୍ଥାଗୁଡ଼ିକ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ ଦିଗରେ ଅବହେଳା କରୁଛନ୍ତି। ବ୍ୟବସାୟୀ ଗୋଷ୍ଠୀ, ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେବା ହେତୁ, ମନଇଚ୍ଛା ଦର୍ ବଢେଇ ଚାଲିଛନ୍ତି। ଯାହାଫଳରେ ସାଧାରଣ ଗ୍ରାହକମାନେ ହନ୍ତସନ୍ତ ମଧ୍ୟ ହେଉଛନ୍ତି। ଦୁର୍ନୀତି ଓ ବାଟମାରଣା ଖୋଲାମେଲାରେ ଉଚ୍ଚସ୍ତରରେ ଚାଲିବ, ଯାହାର ପ୍ରଭାବ ଜଳସ୍ତରରେ ମଧ୍ୟ ଦେଖିବାକୁ ମିଳୁବ। କ୍ଷମତାସୀନ ଲୋକେ ନିଜେ ଓ ନିଜର ଜ୍ଞାତିକୁଟୁମ୍ବଙ୍କୁ କିପରି ଲାଭବାନ କରିବେ ସେ ଦିଗରେ ଧ୍ୟାନ ଦେଉଛନ୍ତି। ଅର୍ଥ ଓ ବାହୁବଳ ହିଁ ଆଜିର ରାଜନୀତିରେ ସବୁକିଛି ପାଲଟିଯାଇଛି। ତେଣୁ ଅର୍ଥ ଓ ବାହୁବଳୀମାନେ ରାଜନୀତିରେ ପ୍ରବେଶ କରି ରାତାରାତି ବଡ଼ନେତା ବନିଯାଉଛନ୍ତି। ସାଧାରଣ ଲୋକଙ୍କର ଦାରିଦ୍ର୍ୟର ସୁଯୋଗ ନେଇ ସେମାନଙ୍କ ଭୋଟ ଅଧିକାରକୁ ଅର୍ଥବଳରେ କିଣି ନିର୍ବାଚନରେ ଜିଣୁଛନ୍ତି। ଅପରାଧୀମାନଙ୍କ ହାତରେ କ୍ଷମତା ରହିଲେ ସେମାନଙ୍କଠାରୁ କିଛି ଭଲ ଆଶା କରିହେବକି ? ରାଜନୀତିର ଅବସ୍ଥାକୁ ଦେଖି, ନୀତିବାନ୍, ଆଦର୍ଶବାଦୀ, ବିଚାରବନ୍ତ ଓ ମୂଲ୍ୟବୋଧି ଲୋକେ ଏହା ମଧ୍ୟକୁ ପ୍ରବେଶ କରିବାକୁ ଇଚ୍ଛା କରୁନାହାଁନ୍ତି। ରାଜନୀତିରେ ସେବା ବଦଳରେ ଆତ୍ମସେବା ବଡ଼ ହୋଇଯାଇଛି। ନିର୍ବାଚନରେ କୁଢକୁଢ ଅର୍ଥ ଖର୍ଚ୍ଚ କରାଯାଉଛି। ତେଣୁ ଲୋକେ ନଚାହୁଁଥିବା ପ୍ରାର୍ଥୀମାନେ ମଧ୍ୟ ଅର୍ଥ ଖର୍ଚ୍ଚ କରି ନିର୍ବାଚନ ଜିଣିଯାଉଛନ୍ତି। ନେତାମାନେ ସାଧାରଣ ଲୋକଙ୍କ ସ୍ୱାର୍ଥ ଅପେକ୍ଷା ନିଜର ସ୍ୱାର୍ଥକୁ ଆଗେ ଦେଖିଛନ୍ତି। ତେଣୁ ସାଧାରଣ ଲୋକଙ୍କର ଦୁର୍ଦ୍ଦଶା ବଢୁଛି। କେତେକ ରାଜନେତା ଆୟବର୍ହିଭୂତ ସମ୍ପଂତି ଠୁଳ ଅଭିଯୋଗରେ ଆଇନ୍ ଜାଲରେ ଛନ୍ଦି ହୋଇ ଜେଲବରଣ କଲେ ମଧ୍ୟ ଅନ୍ୟମାନଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁନାହିଁ। ରାଜନୀତି ଏବେ ସାହାଣମେଲା ହୋଇଯାଇଛି। ଯିଏ ଚାହିଁଲା ଏଥିରେ ପ୍ରବେଶ କରିବାରେ କୌଣସି ବାଧାନାହିଁ, ତେଣୁ ଏହା କଳୁଷିତ ହୋଇଯାଇଛି। ରାଜନୀତିରେ ପ୍ରବେଶ କରି ଅସାଧୁମାନେ ନିଜର କେଳେଙ୍କାରୀ ବୃଦ୍ଧି ଲାଗି ସୁଯୋଗ ପାଉଛନ୍ତି। ସାଧାରଣ ଲୋକଙ୍କର କଷ୍ଟୋର୍ଜିତ ଧନକୁ ହଡ଼ପ କରିବା ଭଳି ନେତା ମଧ୍ୟ ରାଜନୈତିକ ଦଳରେ ରହିଛନ୍ତି। ରାଜନୈତିକ ଦଳଗୁଡ଼ିକ ମଧ୍ୟରେ କ୍ଷମତା ପାଇଁ କନ୍ଦଳ ସୃଷ୍ଟି ହେଉଛି। ପଦ ପଦବୀର ନିଶା, ନେତାମାନଙ୍କୁ ଘାରିବା ଫଳରେ ସେମାନେ ନୀତି ଓ ଆଦର୍ଶକୁ ମଧ୍ୟ ଛାଡିଦେବାକୁ ସାମାନ୍ୟ ପଛଘୁଂଚା ଦେଉନାହାଁନ୍ତି। ନେତାମାନେ ସେମାନଙ୍କର ଚେଲାଚାମୁଣ୍ଡାଙ୍କର ଅପରାଧକୁ ଘଂଟ ଘୋଡେଇ ଚାଲିଛନ୍ତି। ଫଳରେ ସମାଜରେ ଅପରାଧ ବଢିଚାଲିଛି ଏବଂ ସାଧାରଣ ଲୋକେ ନ୍ୟାୟ ପାଇବାରୁ ବଂଚିତ ହେଉଛନ୍ତି। ଅସାଧୁ, ଦୁର୍ନୀତିଗ୍ରସ୍ତ ଏବଂ ଭ୍ରଷ୍ଟାଚାରୀମାନେ ରାଜନୀତିର ଆଗଧାଡ଼ିକୁ ଅକ୍ତିଆର କରି ବିଭିନ୍ନ ସୁବିଧା, ସୁଯୋଗ ହାତେଇ ଚାଲିଛନ୍ତି। ଭୋଟ ପାଇଁ ବିପୁଳ ଅର୍ଥ ଦରକାର ପଡୁଥିବାରୁ ସେମାନେ ବେନିୟମ ଭାବରେ ବିପୁଳ ଅର୍ଥଠୁଳ କରିବାକୁ ଅଂଟା ଭିଡୁଛନ୍ତି। ତେଣୁ ସାମାଜିକ ସ୍ତରରୁ ଦୁର୍ନୀତି ଓ ବାଟମାରଣା ହଟିବାର ନାଁ ଗନ୍ଧ ଦେଖିବାକୁ ମିଳୁନି। ରାଜନୀତିରେ ପଶି ନିର୍ବାଚନ ଜିଣିବା ପରେ ପଦ ପଦବୀ ପାଇଁ ଲାଳସା ବଢିବ ଏବଂ ଭଲପଦ ମିଳିଗଲେ ଅର୍ଥରୁ ସୁଅ ଛୁଟୁଛି। ଗଣତନ୍ତ୍ରରେ ସାଧାରଣ ଲୋକଙ୍କୁ ନିଜର ଉଂତମ ପ୍ରତିନିଧି ବାଛିବାକୁ ସୁଯୋଗ ଦିଆଯାଇଛି। ମାତ୍ର ଲୋକଙ୍କ ଉପରେ ଅସାଧୁ ଏବଂ ଦୁର୍ନୀତିଗ୍ରସ୍ତ ପ୍ରାର୍ଥୀଙ୍କୁ ଲଦି ଦିଆଯାଉଛି। ଯାହା ଫଳରେ ପ୍ରାର୍ଥୀ ନିର୍ବାଚନରେ ବିଜୟୀ ହେବା ପରେ ଲୋକଙ୍କ ସ୍ୱାର୍ଥକୁ ନଦେଖି, ନିଜେ କିପରି କଳାଧନର କୁବେର ପାଲଟିବେ ସେହି ଚିନ୍ତାରେ ବୁଡିଯାଉଛନ୍ତି। ନୀତି ନଥିବା ଲୋକେ ନେତା ହେବା ଫଳରେ ଲୋକଙ୍କର କଲ୍ୟାଣ କାର୍ଯ୍ୟ ବାଧାପାଉଛି। ଆଜିର ନିର୍ବାଚନ ଖର୍ଚ୍ଚବହୁଳେ ହୋଇଯାଇଛି, ଯାହାଫଳରେ ଦୁର୍ନୀତିବାଟରେ ନେତାମାନେ ଧନ ଅର୍ଜି ନିର୍ବାଚନରେ ଖର୍ଚ୍ଚ କରୁଛନ୍ତି। ରାଜନୈତିକ ଦଳଗୁଡ଼ିକରେ ପଦ ପଦବୀକୁ ନେଇ ବିବାଦ ଘନିଭୂତ ହେଉଛି। ପରସ୍ପର ପରସ୍ପରର ଗୋଡ଼ି କଟାକଟିରେ ଧ୍ୟାନ ଦେଉଛନ୍ତି। ସାଧାରଣ ଲୋକଙ୍କ ପାଇଁ ଶାସନ ଚାଲିଥିଲେ ମଧ୍ୟ ସେମାନେ ଗୌଣ ହୋଇଯାଇଛନ୍ତି। କ୍ଷମତାସୀନ ଲୋକେ, ସେମାନଙ୍କର ଜ୍ଞାତିକୁଟୁମ୍ବ ଏବଂ ଚେଲାଚାମୁଣ୍ଡାମାନେ ସବୁ ପ୍ରକାର ସୁବିଧା ସୁଯୋଗ ଉପଭୋଗ କରୁଛନ୍ତି। ସ୍ୱାଧୀନତାର ଦୀର୍ଘ ଦିନ ପରେ ମଧ୍ୟ। ଦାରିଦ୍ର ସୀମାରେଖା ତଳେ ପଡିରହିଥିବା ଲୋକେ ଉପରକୁ ଉଠିପାରୁନାହାଁନ୍ତି। କାରଣ କ୍ଷମତାସୀନ ଲୋକଙ୍କର ଢିଲା ପଣିଆ ଏବଂ ଇଚ୍ଛାଶକ୍ତିର ଅଭାବ ପାଇଁ ସାଧାରଣ ଲୋକେ ସମସ୍ୟା ମୁକ୍ତ ଜୀବନ ବିତାଇବାରୁ ବଂଚିତ ହେଉଛନ୍ତି। ଶାସନ ଉପରୁ ଲୋକଙ୍କର ଭରସା ତୁଟିଗଲାଣି। ସ୍ୱାଧୀନତା ପରଠାରୁ ଅନେକ ନିର୍ବାଚନ ଆସିଛି, ଯାଇଛି ଅନେକ ସରକାର ଶାସନକୁ ଆସିଛି। ମାତ୍ର ସାଧାରଣ ଜନତାଙ୍କର ଦୁର୍ଦ୍ଦଶାର ଅନ୍ତଃ ଘଟିନାହିଁ।

ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର-୨୧


ଆମ ଠିକଣା
ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭, ଧର୍ମବିହାର
ଖଣ୍ଡଗିରି, ଭୁବନେଶ୍ୱର-୩୦

# ବେଦନାର ବେଦ-୨

ଧାରାବାହିକ ଉପନ୍ୟାସ



**କ୍ଷୀରୋଦ ଦାସ**
ମୋ : ୯୪୩୭୧୬୩୦୦୨
ମେଲ୍ : khirod65@gmail.com



ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।

ଥମିଗଲାଣି କୋହ। ଅନେକ ବେଳରୁ ଆଖିରୁ ଶୁଖିଗଲାଣି ଲୁହ। ଗାଲରେ ହାତଦେଇ, ମୁହଁରେ ମୁକଭଳି ଦୁଃଖ ଇଦି ଚମ୍ପା କାହୁଁ ଆସିବାପରି ଚୁପ୍‌ଚାପ୍ ବସି ରହିଥିଲା ଟ୍ରେନ୍ ଭିତରେ। ଅପଲକ ଦୃଷ୍ଟିରେ ଚାହିଁ ରହିଥିଲା ଟ୍ରେନ୍ ଝରକା ଦେଇ ବାହାରକୁ। ବାହାରେ କାର୍ଯ୍ୟବ୍ୟସ୍ତ ଅପରିଚିତ ପୃଥିବୀ। ଜୀବନରେ କେବେ ଦେଖିନଥିବା ଅଜଣା ମୂଲକ। ବାହାରୁ ଦୃଷ୍ଟି ଫେରାଇ ସେ ଚାହିଁଲା ଚନ୍ଦନକୁ ଚାହିଁବାମାତ୍ରେ ତା' ଛାତି ଭିତରଟା ପୁଣି ମନ୍ଥି ହୋଇଗଲା। ପ୍ରବଳ ଏକ ଆତୁରତାରେ। ଅନେକବେଳୁ ଶୁଖିଯାଇଥିବା ଲୁହଧାର ପୁଣିଥରେ କୂଳ ଲଘିଲା। ଛାତି ଭିତରୁ ତୁହାକୁ ତୁହା କୋହ ଉଠି ଆସୁଥିଲା। ସେ ନିଜକୁ ନିୟନ୍ତ୍ରଣ କରିପାରିଲାନି।

ଚକ୍ରଧର ଚାହିଁଲା ଚମ୍ପା ମୁହଁକୁ। ସେ ଚାହାଣୀରେ ରାଗ ରୋଷ କି ଆକଟ ନଥିଲା। ବରଂ ସ୍ତ୍ରୀ ପାଇଁ ଭରି ରହିଥିଲା ପୋଷପୋଷ ଅନୁକମ୍ପା। ସେଇ ଚାହାଣୀରେ ଚାହାଣୀରେ ସେ କହୁଥିଲା- " ମୁଁ ଜାଣେ, ତୋ ମା' ମନ ଜମା ଥୟଧରି ରହିପାରୁ ନଥିବ ପୁଅର ଏଭଳି ଅବସ୍ଥା ଦେଖି। ଏଭଳି ସମୟରେ ଯେତେ ବୁଝାଇଲେ, ଯେତେ ସାନ୍ତ୍ୱନା ଦେଲେ ମଧ କେବେବି ବନ୍ଦ ହେବନି ତୋ ଲୁହ ଓ କୋହ। ତୁ ଟିକେ ସବୁର୍ କରି ଯା'। ଆଉ ଅଳ୍ପ ସମୟ ଥୟଧରି ବସିଯା! ଆଉ ମାତ୍ର କେଇଘଂଣ୍ଟା ବାଦ୍ ଆମେ ପହଂଚିଯିବା ଦୁନିଆର ସବୁ ରୋଗକୁ, ଅସୁସ୍ଥତାକୁ, ଅସହାୟତା ଓ କଷ୍ଟକୁ ପାଣିଫୋଟକା ପରି ମିଳାଇଦେଇ ଭଲ କରିଦେଉଥିବା ବଡ଼ ଡାକ୍ତରଖାନାରେ। ଥରେ ସେଠି ପହଂଚିଗଲା ପରେ ଆଉ ଭୟ କ'ଣ? କେତେ ବଡ଼ ବଡ ନାମକରା ଡାକ୍ତର ଅଛନ୍ତି ସେଠି। ଡାକ୍ତର ନୁହନ୍ତି ତ ସାକ୍ଷାତ ଈଶ୍ୱର! ସେମାନଙ୍କ ସୁନାହାତ ପୁଅର ଦେହରେ ବାଜିଲେ, ସେମାନଙ୍କ ସୁ' ନଜର ଥରେ ପୁଅ ଉପରେ ପଡିଲେ, ଦେଖିବୁ ରହ, ଆଖିପିଛୁଳାକେ କୁଆଡେ ଉଭାନ ହୋଇଯିବ ରୋଗ। ପୁଅ ଆମର ଝାଡିଝୁଡ଼ି ହୋଇଉଠିବ। ଚାଲିବ, ଦୌଡିବ, ବହିବସ୍ତାନୀ ଧରି କେନାଲ ବନ୍ଧେ ବନ୍ଧେ ଇସ୍କୁଲ ଯିବ। ପାଠ ପଢିବ, ବଡ ହବ, ବାହାସାହା ହୋଇ ସଂସାର ଆପିବ। ତୁ ନିଜ ମନକୁ ଟିକେ ବୁଝା। ଥୟ ଧର। ସବୁ ଠିକ୍ ହୋଇଯିବ।"

ଏସବୁ ସାନ୍ତ୍ୱନା ଚକ୍ରଧର ମନକୁ ମନ ଚମ୍ପା ଉଦ୍ଦେଶ୍ୟରେ କହିଥିଲା ସିନା, ମା' କୋଳରେ ଘାଲେଇ ପଡିଥିବା ଛ' ବର୍ଷର ରୋଗୀଣା ପୁଅର ମୁହଁକୁ ଚାହିଁଦେଇ ସେ ନିଜେ ଧସ୍‌କି ପଡିଲା। ଖୁବ୍ ଗୁଡାଏ ବାଟ ସତେକି ଏକମୁହାଁ ହୋଇ ସେ ଦୌଡି ଦୌଡି ଆସିଛି, ସେହିପରି ଉଠ୍‌ପଡ ହେଉଥିଲା ପୁଅର ଛାତି ଓ ପେଟ। ତା' ମୁହଁ ଉପରେ ସ୍ପଷ୍ଟ ଲେଖିହୋଇ ରହିଥିଲା ଯନ୍ତ୍ରଣାର ନିର୍ଭୁଲ ହସ୍ତାକ୍ଷର।

ପାଟିରେ ମୁଠାଏ ମୁଢି ପୁରାଇଥିବା ପରି ଅସ୍ପଷ୍ଟ କଣ୍ଠରେ, ଅନେକ କଷ୍ଟରେ ଚନ୍ଦନ ଡାକିଲା- " ବୋଉ, ପାଣି ଦେ! ଭାରି ଶୋଷ ଲାଗିଲାଣି।" ଗାଁରୁ ଆସିବାବେଳେ, ବାଟରେ କୋଉଠି କାଳେ ମିଳିବ କି ନମିଳିବ, ଆଗପଛ ଚିନ୍ତା କରି ଦି'ଟା ଲିଟିରିକିଆ ପ୍ଲାଷ୍ଟିକ୍ ବୋତଲରେ ଦୁଇ ବୋତଲ ନଳକୂଅ ପାଣି ଭର୍ତ୍ତିକରି ସାଙ୍ଗରେ ନେଇ ଆସିଥିଲା ଚମ୍ପା। ବ୍ୟାଗର୍ ଷ୍ଟିଲ୍ ଗ୍ଲାସ୍ ବାହାର କରି ସେ ଦୁଇ ଚାରି ଢୋକ ପାଣି ପିଆଇଦେଲା ପୁଅକୁ। ପାଣି ପିଇସାରି ଚନ୍ଦନ ପୁଣି ଘାଲେଇ ପଡିଲା ମା' କୋଳରେ। ଚକ୍ରଧରର ଛାତି ଦୋହଲାଇ ଗୁଡାଏ ଦୀର୍ଘଶ୍ୱାସ ବାହାରି ଆସିଲା। ତା' ଆଖି ମଧ ଟଳମଟଳ ହୋଇଯାଉଥିଲା ଲୁହରେ। ଏତେଦିନ ପରେ ବିଧାତା ସେମାନଙ୍କୁ ଦେଇଥିଲା ଛୁଆଟିକଟେ। କି ଦୋଷ କରିଥିଲା ସେ? ସ୍ୱପ୍ନରେ ସୁଧା କାହାର ଅନିଷ୍ଟ ଚିନ୍ତା କରିଛି? ରାଗିକି ହାତ ଉଠାଇବା ତ ଦୂରର କଥା, ମନକୁ ଆଘାତ ଦେବାପରି ଟାଣୁଆ କଥାପଦେ କାହାକୁ କେବେ କହିଛି କି ସେ? ସେ ତ ସବୁବେଳେ ବୁଡିରହିଲା ନିଜ ଦୁଃଖ ଧନ୍ଦାରେ! ତାକୁ ଅବା ଫୁର୍ସତ କାହିଁ କାହା ସାଙ୍ଗରେ ଝଗଡା କି ମନୋମାଳିନ୍ୟ କରିବାକୁ? ତା' ବଳଦ ହଳକ ଭଲ ସେ ଭଲ। ତା' ବାଡି ପୋଖରୀର ମାଛ, ସଜନାଗଛର ଛୁଇଁ, ପୋଖରୀହୁଡାର କଦଳୀଗଛ, ଫଳନ୍ତି ନଡିଆଗଛ ଭଲ ତ ସେ ଭଲ! ତେବେ? କ'ଣ ପାଇଁ, କୋଉ ଜନ୍ମର ପାପ ପାଇଁ ଦଇବ ତାକୁ ଏପରି ଦଣ୍ଡ ଦଉଛି? ଏଡିକି ବକଟେ ଏଣ୍ଡୁଅ ଛୁଆପରି ଛୁଆଟି ଆଜି ବଡ଼ମେଡିକାଲ ଦେଖିବ! ବାପା ମା ହୋଇ କେମିତି ସହିବ ସେମାନଙ୍କ ଛାତି? ଛାତି ଫାଟିଯିବନି! ନିଶ୍ୱାସ ପ୍ରଶ୍ୱାସ ବନ୍ଦ ହୋଇଯିବନି? ରକ୍ତ ପାଣିହୋଇ ଯିବନି? ହେ ଭଗବାନ......!!!

ଚମ୍ପା! ତା' ସ୍ତ୍ରୀ। ନାକକାନ୍ଦୁରୀ ସ୍ତ୍ରୀ। ଡେଙ୍ଗୀ ନୁହଁ କି ଗେଡ଼ି ନୁହଁ କି କାଳି ନୁହଁ। ପତଳୀ ନୁହଁ। ବେଳେ ଚୁପ୍‌ଚାପ୍, ଜୀବିକାକୁ ଭଲ ଓ କାନ୍ଦକୁ, ଯନ୍ତ୍ରଣା ପ୍ରତିବାଦରେ ନିରବରେ ବରଣ କରିନେଉଥିବା ଏ ସ୍ତ୍ରୀଲୋକଟି ଚକ୍ରଧରର ସ୍ତ୍ରୀ। ପିଲାବକଟେ ପାଇଁ କେତେ ଓଷାବ୍ରତ ନ କରିଛି! କେତେ ଅଧିଆ ଉପବାସ ନ ଭୋଗିଛି। କେତେ ଡାକ୍ତର କବିରାଜଙ୍କ ଶରଣ ନ ପଶିଛି! କେତେ ସାଧୁମହନ୍ତଙ୍କ ଦ୍ୱାରସ୍ଥ ନ ହୋଇଛି!!

ହେଲେ ଯେଉଁ କଥାକୁ ସେଇ କଥା। ବର୍ଷ ବର୍ଷ ହୋଇ ଏଗାର ବର୍ଷ ପୂରିଗଲାଣି ସେତେବେଳେକୁ ସେମାନଙ୍କର ବାହାଘର। ଚକ୍ରଧର ସାଙ୍ଗରେ ବାହା ହୋଇଥିବା ଗଉଡଘର ନିମାଇଁର ଦି'ଟା ପିଲା। ଆଠବର୍ଷର ପୁଅଟିଏ। ପାଂଚବର୍ଷର ଝିଅଟିଏ। ମହାନ୍ତି ଘର ପୂରିଆର ତ ତିନିଟା ଛୁଆ। ଦି' ପୁଅ ଗୋଟିଏ ଝିଅ। ତ'। ପିଲାମାନେ ବେଗବସ୍ତାନୀ ଧରି ଇସ୍କୁଲ ମାଟି ମାଡିଲେଣି। କ' ବ' ପାଠ ପଢିଲେଣି। ସଞ୍ଜବେଳେ ଏଡ଼େ ପାଟିରେ ପ୍ରାର୍ଥନା ବୋଲୁଥିବେ ଯେ ଦାଣ୍ଡ କମ୍ପୁଥିବ।

ଅଥଚ ଚମ୍ପାର କୋଳ ଶୂନ୍ୟ। ଯେଁ ଶୂନ୍ୟତାକୁ ସେଇ ଶୂନ୍ୟତା। ଖାଁ ଖାଁ ନିର୍ଜନ ମରୁଭୂମି। ଟାଙ୍ଗରା ଭୂଇଁ। ସେଠି ଗଛପତ୍ର କିଛି ବି କଅଁଳୁ ନାଇଁ। ଚକ୍ରଧର ବାପ ମା' ଛେଉଣ୍ଡ। ଆଠବର୍ଷର ହୋଇଥିଲା ମା' ମରିଗଲା ଡାଇରିଆରେ। ସେତେବେଳର କଥା ଆଉ ଭଲଭାବେ ମନେ ନାଇଁ ତା'ର। ଆଗକାଳେ ଆଖପାଖରେ କୋଉଠି ଡାକ୍ତରଖାନା ନଥିଲା। ଯାବତୀୟ ରୋଗ- ବୈରାଗ ପାଇଁ ଅବ୍ୟର୍ଥ ଔଷଧ ଥିଲା ଚେରମୂଳି କିମ୍ବା ଝଡାଫୁଙ୍କା। ରୋଗୀର ଭାଗ୍ୟ ଟାଣଥିଲେ, ଆୟୁଷ ବଳ ଥିଲେ ବଂଚିବ, ନଇଲେ ନାଇଁ। ବାପା ମଲାବେଳକୁ ଚକ୍ରଧରକୁ ଚଉଦବର୍ଷ। ସେତେବେଳର କଥା ସ୍ପଷ୍ଟ ମନେଅଛି ତା'ର। ପାଠଶାଠ ପଢିବା ପାଇଁ ତ ଆଖପାଖରେ ଚାହାଳୀ କି ଇସ୍କୁଲ ନଥିଲା। ତାଙ୍କର ଗରିବ ମଲିମୁଣ୍ଡିଆ ଘର। ବାପା ପରଘରେ ମୂଲଲାଗି ଯାହା ଆଣୁଥିଲା ପରିବାରର ସମସ୍ତେ ସେଇଆକୁ ଅନେଇଥିଲେ। ସେ ବର୍ଷ ଅକ୍ଷିତୃତୀୟା ପରେ ପରେ ଜମି ହେଉଥାଏ। ପ୍ରଧାନଘରର ମୁଖ୍ୟ ହଳିଆ ଥିଲା ତା' ବାପା। ଦିନେ ଜମିରେ ହଳ ଚାଲିଥାଏ। ଅଚାନକ ଅଦିନିଆ ବର୍ଷା ମାଡିଆସିଲା। ତା' ସହିତ ଘଡ଼ଘଡ଼ି ମଧ। ବାପା ତରତର ହୋଇ ହଳ ଫିଟାଇଦେଇ, ବଳଦ ଦି'ଟାକୁ ଆଗ ଖୋଲି ପଠାଇଦେଲେ ଗାଁ ଭିତରକୁ। ବର୍ଷାପବନ ମାଡ଼ ଖାଇ ଖାଇ ବଳଦ ଦି'ଟା ଏକମୁହାଁ ହୋଇ ଧାଇଁଲେ ପ୍ରଧାନ ଘରକୁ। ବାପା ଆସିପାରିଲା ନାଇଁ। ବର୍ଷପବନ ଦାଉରୁ ରକ୍ଷା ପାଇବା ପାଇଁ ରାଇସକୁଳ ଦଣ୍ଡାମଝିରେ ଥିବା ପ୍ରକାଣ୍ଡ ବରଗଛ ମୂଳେ କୁଙ୍କୁରି କାଙ୍କୁରି ଠିଆ ହୋଇଥିବାବେଳେ ମାରିଲା ଗୋଟେ ପ୍ରଚଣ୍ଡ ଘଡ଼ଘଡ଼ି। ଏକାବେଳକେ ସଫା। ଠିଆ ଠିଆ ଜଳିଗଲା ଏତେବଡ଼ ମଣିଷଟା।

ଘରେ କେବଳ ଜେଜେମା ବୁଢୀ। ସେଇ ହିଁ ଚକ୍ରଧରକୁ କୋଳରେ ଜାକି, ତା' ଭୋକିଲା ମୁହଁରେ ଆହାର ଦେଇ ଏଡ଼େରୁ ଏଡୁଟିଏ କଲା। ଏବେଯାଏ ନବେ ବର୍ଷର ବୁଢୀଟା ମେରୀ ଖୁଂଟଭଳି ବସିଛି ଜୀବନକୁ ଆବୋରି। ଚକ୍ରଧରର ସେ ବଡ ସାହାରା। ବୟସ ଅଧିକ ଯୋଗୁଁ ବୁଢୀଟା ଭାରି ଚିଡ୍‌ଚିଡ଼ା, ଏକଜିଦିଆ ହୋଇଯାଇଚି ସିନା, ହେଲେ ଚକ୍ରଧରକୁ ଘଡ଼ିଏ ନ ଦେଖିଲେ ତା' ମୁଣ୍ଡ ବାତଚକ୍ର। ହାଉଳି ଖାଇ କମ୍ପେଇବ ଖଣ୍ଡମଣ୍ଡଳ। ସିଧାହୋଇ ଚାଲିପାରେନା। ଅଂଟା ନଇଁ ଗଲାଣି। ଦୁଇ ଆଖିରେ ବୋଝେଲେଖା ପରଳ ମାଡିଗଲାଣି ଯେ ଅଧାରୁ ଅଧିକ ଅନ୍ଧ। ନଇଁ ନଇଁ ଦରାଣ୍ଡି ଦରାଣ୍ଡି ଚାଲିଗଲାବେଳେ ବାର ଜାଗା ଝୁଣ୍ଟେ। କଚଡ଼ା ଖାଏ। ସବୁବେଳେ ଗରଗର ହୋଇ କପାଳକୁ ନିନ୍ଦେ- ' ସେ ନିଆଁଗିଲା ବାଡିପିଶା ଦଇବ ମତେ କାଇଁକି ବଂଚେଇ ରଖିଚି କେଜାଣି?

କ୍ରମଶଃ...

ଅଣୁଗଳ୍ପ

# ଆଧାର

**ଅନ୍ତର୍ଯ୍ୟାମୀ ମିଶ୍ର**

ତହସିଲ୍ ଅଫିସ୍ ପାଖ ଗଛକୁ ଆଉଜି ଛାଇରେ ବସିଥିଲା ନଟିଆ ସାହୁ। ତା ସ୍ତ୍ରୀ ମଇନା ସହିତ। ମଇନା କଇଲା ଯାଉନୁ ଦେଖିବୁ କବାଟ ଖୁଲିଲାଣିନା, ତୋର ଚିନ୍ତା ନାହିଁ ବୋଧେ କିମିତି 'ଆଧାର' କାର୍ଡଟା ହବ...।

କିଏ କଇଲା ଚିନ୍ତା ନାଇଁ ବୋଲି ନଟିଆ ସାହୁର ତିନିତିନିଟା ପୁଅ ଗୁଜୁରାଟରେ; ତାଙ୍କ ସଂସ୍ଥା କରି ମାଇପ, ଛୁଆଙ୍କୁ ଧରି ରହିଲେ। ବାପା ମାଆକୁ ତ କେହି ପଚାରିଲେନି ଘରଦୁଆର କଥା କ'ଣ ବା ବୁଝିବେ। ବାଡ଼ିପଟ କାନ୍ଥ ପଡ଼ିଗଲାଣି, ଚାଳରୁ ଖଣ୍ଡେ



ଉଡ଼ିଯାଇଛି ଝଡରେ; ପଲିଥିନି ଖଣ୍ଡେ ବନ୍ଧାଯାଇଛି ଚାଳରେ। ସରପଞ୍ଚ□ପାଖକୁ ଗଲାରୁ ରିଲିଫ୍ ପାଇଁ, ସେ କଇଲା ତୋର ଆଧାର ନାହିଁ, ଯା ବୁଢ଼ୀକୁ ନେଇକି ସାଙ୍ଗ ସୁଙ୍ଗା ହୋଇ ତହସିଲିରେ ଫଟୋ ଉଠେଇ ଆସିବୁ...।

ଥରେ ଅଧେ ନୁହେଁ ଏଇଟାକୁ ଲଗେଇ ଚାରିଥର ହବ; ମଇନାକୁ ଧରି ତହସିଲ୍ ଆଇଲାଣି ନଟିଆ ସାହୁ...। ଅଫିସ ଖୋଲିଲା ପରେ ଧାଡ଼ି ଧାଡ଼ି ହୋଇ ପଶିଗଲେ ଶହଶହ ଲୋକ; ଠେଲିପେଲି ଭିତରେ ପହଞ୍ଚିଲା ନଟିଆ। ଫଟୋଉଠାବାଲା କଇଲେ ତମର ଆଜି ହେଇପାରିବନି, ଯାଅ କାଲିକି ଆସିବ...।

ବୁଢ଼ାବୁଢ଼ୀ ହେଲୁଣି ଆଜ୍ଞା! ପାଦ ଛିଣ୍ଡିଗଲାଣି ଦୌଡ଼ି ଦୌଡ଼ି। ଆଧାର ପାଇଁ କ'ଣ ଟିକେ ସାହାଯ୍ୟ କର ପୁଅ। ତମର ମଙ୍ଗଳ ହବ -ନଟିଆ କହିଲା...।

ଫଟୋଉଠାବାଲା ଦି'ଜଣଙ୍କ ଭିତରୁ ଜଣେ କଇଲା, ଅଫିସ୍ ପଛପଟରେ ଧୋତି/ପଞ୍ଜାବୀପିନ୍ଧା ମଉସା ଜଣେ ବସିଛନ୍ତି ତାଙ୍କୁ ଦେଖାକରିବ ଯା...। ଧୋତିପିନ୍ଧା ମଉସାଜଣକ ନଟିଆ କାନ ପାଖରେ କଇଲା ଦେଖ୍, ୨୦୦ ଦେଇଦେ; ସାଙ୍ଗେ ସାଙ୍ଗେ ଉଠେଇ ଦେବେ। ନଟିଆ ଅମଙ୍ଗ ହଉଥିଲା। ମଇନା କଇଲା, ଯୋଉଟି ଶୋଉଛୁ ସେ କାନ୍ଥ ପଡ଼ିବ ପଡ଼ିବ ହଉଚି। କୋଉଦିନ ପରାଣ ପଳେଇବ କେଜାଣେ। ବାବୁ ମାଗୁଛି ତ ଦଉନୁ। ଆମେ ଟିକିଏ ଭଲରେ ରଅନ୍ତେ। ହଉ ହଉ କହି ନଟିଆ ଅଣ୍ଟାରୁ ୨୦୦ ଟଙ୍କା କାଢ଼ିନେଇ ଧୁତିପିନ୍ଧା ମଉସାଟିକୁ ଦେଲା...। ମଉସାଜଣକ କଇଲା ଆଉ ୨୦୦ ଦେଲୁ, ପରେ ଆଉ କିଛି ଦବୁ। ନଟିଆ କହିଲା, ବିଲବାଡ଼ି ବନ୍ଧାପକେଇ ଆଣିଥିଲି... ଆଉ ଟଙ୍କା କୋଡ଼ିଏଟା ବଳିଛି, ଆମେ ଦିହେଁ ଘରକୁ ଯିବୁ....।

ଫଟୋ ଉଠେଇ ଘରକୁ ଫେରିଲା ନଟିଆ, ତା ସ୍ତ୍ରୀକୁ ନେଇ। ମାସେ ଦି'ମାସ ଗଲା ହେଲେ କାର୍ଡଟା ଆସିଲାନି। ନଟିଆ ପୁଣି ଦୌଡ଼ିଲା ତହସିଲ୍ ଅଫିସ୍; ଆଉ ଟଙ୍କା ୧୦୦ ଦେଇ ଆଇଲା...। କେତେଦିନ ପରେ ଯାଇ ଡାକରେ କାର୍ଡଟା ଆଇଲା, କିନ୍ତୁ 'ଆଧାର'କୁ ଅନେଇ ଅନେଇ ଗଲା ରାତିରେ କାନ୍ଥଟା ଶୋଇପଡ଼ିଲା; ନଟିଆ ଓ ତା' ସ୍ତ୍ରୀ ମଇନା ଉପରେ...।

**ବାସୁଦେବପୁର, ଭଦ୍ରକ**

# ଶରଶେଯ

**ଦୁର୍ଗା ଚରଣ ଷଡ଼ଙ୍ଗୀ**

ସେଦିନ ହାସ୍‌ପାତାଳର ଖଟ ଉପରେ
ତୁମକୁ ଦେଖି ବାପା ଖୁବ୍ ଡରିଗଲି
ଯେମିତି ଭୟାର୍ତ୍ତ ଶିଶୁ ମା' କାନ୍ଦିଲେ
ରାହା ଧରି କାନ୍ଦେ
କିଏ ତା' ମା'କୁ କାଳେ ନେଇଯିବ ବୋଲି।
ଖୋଲା ପଡ଼ିଆରେ ଠିଆ ହୋଇ
ଆକାଶକୁ ନିର୍ବାକେ ଚାହିଁଲି
ଫିକା ଦିଶୁଥିଲା ତା' ଦେହର ନୀଳ ରଙ୍ଗ
ସବୁଜ ଛନ ଛନ ଘାସର ପଡ଼ିଆ
ଅକସ୍ମାତ ହୋଇଗଲା ଉଦାସ
ହଳଦୀ ବର୍ଣ୍ଣର।
ମୁଁ ତ ଚପଳ ଜାଣି ନଥିଲି ଯେ
ଏମିତି କାଳେ ହୋଇଥିବ
ଜୀବନରୁ ମୃତ୍ୟୁର ରହସ୍ୟ
କେତେ ଦୀର୍ଘ ଜୀବନର ଆୟୁଷ
ଅବା କେବେ ହୁଏ ପ୍ରାଣର ବିନାଶ।
ଆଖି ଲୁହରେ ଭିଜି ଯାଇଥିଲା
ପିନ୍ଧା କୁର୍ତ୍ତା ମୋର
ସାହସ ନଥିଲା ପଚାରିବି ବୋଲି ବାପା
କ'ଣ ହେଲା ଏ ତୁମର?
ଆଉ କ'ଣ ପୂର୍ବ ପରି ମୋ ପାଇଁ
କିଣିଦେବନି କି କଲମ ଦୁଆତ
ନଈପାଣିରେ ଦୁଷ୍ଟ ହୋଇ ପହଁରିଲେ
କିଛି ନ ଖାଇ
କ'ଣ ଜଗି ବସିବନି କି ବାପା ହାତରେ ଧରି ବେତ?
ଛୋଟ ହସଟିରେ ଥରି ଉଠୁଥିବା ଓଠ
ଆଖି କଣରେ ଜମି ଯାଇଥିବା ଲୁହକୁ ଦେଖି
ଜାଣିଗଲି ମୁଁ ସେଦିନ
ଚାଲିଯିବା ପୂର୍ବରୁ ସଂସାରକୁ ଛାଡ଼ି ବାପା
ଏ ଥିଲା ତୁମର ଶରଶେଯ।

*କାର୍ଯ୍ୟନିର୍ବାହୀ ସମ୍ପାଦକ, କଥାକଳିକା*
*କୋ-ଅପରେଟିଭ କଲୋନୀ*
*ଚନ୍ଦ୍ରଶେଖରପୁର ଥାନା ପଛ, ଭୁବନେଶ୍ୱର*

# ଆସିଛ ! ସତରେ ଆସିଛ !

**ସୁନନ୍ଦା ତ୍ରିପାଠୀ**

ଯେମିତି ଅନ୍ଧାର ବହଳ ହୁଏ
ତା'ପରେ ଧୀରେ ଧୀରେ ପତଳା ହୋଇ
ଖୋଲିଦିଏ ଦ୍ୱାର ଆଲୁଅର,
ସେମିତି କିଛି ଅହେତୁକ ଘୃଣା
କିଛିକାଳ ଦାନା ବାନ୍ଧିବା ପରେ
ଛାତି ତଳେ
ପୁଣି ମିଳେଇ ଯାଇ
ଉନ୍ମୋଚିତ କଲା ଫାଟକ
ଆଉ ଏକ ସବୁଜ ଉପତ୍ୟକାର।
ସେ ଉପତ୍ୟକାରେ ଯେବେ
ଥାପିଲି ମୁଁ ମୋର ଦ୍ୱିତୀୟ ପାଦ,
ନିଜେ ହିଁ ସେ ପାଛୋଟି ନେଲା,
ହାତ ଧରି।
ଓ କହିଲା-
'ଆସିଛ ? ସତେ କେତେ ଡେରିରେ ଆସିଛ!!
ଗୋଟାଏ ଦଶନ୍ଧି ପୂର୍ବରୁ ଯଦି ଆସିଥା'ନ୍ତ
ଲାଗିଥା'ନ୍ତ, ସତେ ଅବା
ଜହ୍ନ ରାତିର ଡ୍ରାଇଭ୍‌ରେ
ରାତ୍‌କୀରାନୀର ମହକ।।"

*ଅଧ୍ୟାପିକା, ପିପିଲି କଲେଜ*
*ପିପିଲି, ପୁରୀ*

# ପ୍ରହେଳିକା

**ଭାଗିରଥୀ ବେହେରା**

ସାତ ପୁରୁଷର ସାତଟି ଯୁଗ
ଅଗ୍ନିର ସାକ୍ଷୀ
ଆଉ ତେତିଶି କୋଟି ଦେବତାଙ୍କ
ଆର୍ଶୀବାଦ
ମୋ ଭାଗ୍ୟରେ ଥାଇ ବି ନାହିଁ।।
ଜୀବନର ଫୁଲହାର
ତୁମେ ଆଉ କାହାକୁ ଦେଇଛ
ମୁଁ ରହିଗଲି
କେବଳ ତୁମ ବାଟ ଚାହିଁ।।
ମୁଁ ଏବେ ଆଉ କାହାର ଭାଗ୍ୟ
ଆଉ କାହା ବାହୁରେ ଆବଦ୍ଧ
ସମ୍ପୂର୍ଣ୍ଣା ମୁଁ ଏକ
କିନ୍ତୁ ତୁମର ସାନ୍ନିଧ ନାହିଁ।।
ଖାଁ ଖାଁ ଜୀବନର
ତୁମେ ଏକ ଜୀବନ୍ତ ପ୍ରହେଳିକା
ମୋ କଥା ରହିଗଲା
ଅକଥା ହୋଇ।।

*ଲଙ୍ଗଳେଶ୍ୱର, ଗଞ୍ଜାମ*

# ଶୂନ୍ୟ ପାନ୍ଥଶାଳା

**ଜୟନ୍ତୀ ବେହେରା**

ପାନ୍ଥଶାଳା ମୋ ଆଜି
ବିରହ ବିଧୁରା ସାଜି
ଆଖିର ଝରଣା ଦେଇ
ହୃଦୟେ ଗୀତି ଗାଇ।
ଆତିଥି ମୋ ଗଲା ଚାଲି

ଅଭିମାନ ବନ୍ଧ ତୋଳି
ଶୂନ୍ୟ ମୋ ପାନ୍ଥଶାଳା
ଅସଜଡ଼ା ଗଲା ହୋଇ।।
ଶିଶିର ଛଳରେ ଲୁହ
ଲୁଚକାଳି ଖେଳେ ନିତି
କାକର ବିନ୍ଦୁରେ କୋହ
ଝଲସି ଉଠଇ ସ୍ମୃତି।
ପ୍ରତୀକ୍ଷାରେ ବିତେ ଦିନ
ଉଜାଗରେ ଯାଏ ରାତି
ଅନନ୍ତ ଶୂନ୍ୟତା ସାଥେ
ନିଃସଙ୍ଗେ ମରଇ ପ୍ରୀତି।।
ନ୍ୟାୟ ମାଗେ ପାନ୍ଥଶାଳା
ଧର୍ମ ଛାଡ଼ି ଗଲା କାହିଁ?
ଅତିଥି ମୋ ଗଲା ବାହୁଡ଼ି
ପଥ କି ଓଗାଳେ ନାହିଁ।
ପ୍ରୀତିଭରା ହୃଦୟ ଘରେ
ପଥର କି ରଖେ ପାରି?
ଅତିଥିକୁ ଖୋଜେ ସଦା
ତା' ବିରହେ ଝୁରେ ମରି।।
ପାନ୍ଥଶାଳା ଜୀବନ ସାଥେ
ଅତିଥି ଅଭାବ ନାହିଁ
ତଥାପି ପ୍ରାଣ ପ୍ରିୟ ଅତିଥିକୁ
ପାନ୍ଥଶାଳା ଝୁରେ କାହିଁ?
ଅସଜଡ଼ା ପାନ୍ଥଶାଳା ପଥେ
ଦିନରେ ଆଲୋକ ସାଥି
କଣ୍ଟକିତ ମଧୁଶଯ୍ୟା ସଙ୍ଗେ
ରାତିରେ ଅନ୍ଧକାର ପ୍ରୀତି।।
ଡରେ ମୋ ପାନ୍ଥଶାଳା
ଆଲୋକ ସାଥେ ଦେବାକୁ
ପଛଘୁଂଚା ଦେଲାଣି ସେ
ସତ୍ୟ ପଥେ ଚାଲିବାକୁ
ହସ ଯଦି ସାଥେ ନାହିଁ
ଲୁହ କାହିଁ ସତ୍ୟ ଅଟେ?
ମିଳନ ଯଦି ଭାଗ୍ୟେ ନାହିଁ
ବିରହ ପଥେ କାହିଁ ଝୁଣ୍ଟେ??

*ଆଙ୍କୁଲି, ବ୍ରହ୍ମପୁର*
*ଗଞ୍ଜାମ-୧୦*

ଏକମାତ୍ର
ଅନୁସନ୍ଧାନ ପରେ ଖବର





# ହୀରାଖଣ୍ଡ ଏକ୍ସପ୍ରେସ୍ ଦୁର୍ଘଟଣା ପଛରେ ଆଇଏସ୍ଆଇ !

**ଭୁବନେଶ୍ୱର :** ହୀରାଖଣ୍ଡ ଏକ୍ସପ୍ରେସ୍ ଲାଇନଚ୍ୟୁତ ହେବା ଘଟଣା ପଛରେ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇର ହାତ ରହିଥିବା ତଦନ୍ତକାରୀ ସଂସ୍ଥା ସନ୍ଦେହ କରିଛି। ଏନେଇ କିଛି ସୁରାକ୍ ତଦନ୍ତକାରୀ ସଂସ୍ଥା ହାତରେ ଲାଗିବା ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହାର ଏନ୍ଆଇଏ କେବଳ ଏହି ଘଟଣାର ନୁହେଁ ବରଂ ନିକଟରେ ଉତ୍ତରପ୍ରଦେଶର କାନପୁରଠାରେ ହୋଇଥିବା ରେଳ ଦୁର୍ଘଟଣା ଏବଂ ବିହାରର ଘୋରାସହାନ ଘଟଣାର ମଧ୍ୟ ତଦନ୍ତ କରିବାକୁ ନିର୍ଦ୍ଦେଶ ପାଇଛି। ବିହାରର ଘୋରାସହାନ ରେଳ ଧାରଣା ନିକଟରୁ ଏକ ଆଇଇଡି ମିଳିବା ପରେ ଦେଶର ୩ ପ୍ରମୁଖ ଟ୍ରେନ୍ ଦୁର୍ଘଟଣା ପଛରେ ସୁକଳ୍ପିତ ଷଡ଼ଯନ୍ତ୍ର ରହିଛି ବୋଲି ସନ୍ଦେହ ଉପୁଜିଥିଲା। ଅନ୍ତର୍ଘାତୀ କାର୍ଯ୍ୟର ପ୍ରମାଣ ମିଳିବା ପରେ ଏହାର ପର୍ଦ୍ଦାଫାସ କରିବା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଗତକାଲି ଏନ୍ଆଇଏକୁ ତଦନ୍ତ ପାଇଁ ସବୁଜ ସଙ୍କେତ ଦେଇଥିଲା। ବୁଧବାରଠାରୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଘୋରାସହାନ୍ ଟ୍ରେନ୍ ଟ୍ରାଜେଡିର ତଦନ୍ତଭାର ଏନ୍ଆଇଏକୁ ଦେଇଥିବା ବେଳେ ଗୁରୁବାର କାନପୁର ଏବଂ କୁନେରୁଠାରେ ହୀରାଖଣ୍ଡ ଟ୍ରେନ୍ ଦୁର୍ଘଟଣାର ତଦନ୍ତ ମଧ୍ୟ ଏନ୍ଆଇଏ କରିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏନ୍ଆଇଏ



ତଦନ୍ତକାରୀ ଦଳର ନେତୃତ୍ୱ ନେବେ ଜଣେ ଆଇଜି ପାହ୍ୟା ଅଫିସର୍। ଫରେନ୍ସିକ ଟିମ୍ ମଧ୍ୟ ଏହି ତଦନ୍ତକାରୀ ଟିମ୍‌ରେ ସାମିଲ ହେବେ। ସେମାନେ ପ୍ରଥମେ ବିହାର ଯାଇ ଘୋରାସହାନ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ବିହାର ପୁଲିସ୍ ଏହି ଘଟଣାରେ ଗିରଫ କରିଥିବା ୩ ଅଭିଯୁକ୍ତ ଜନୈକ ନେପାଳ ନାଗରିକ ବ୍ରିଜେଶ ଗିରିଙ୍କଠାରୁ ୩ଲକ୍ଷ ଟଙ୍କା ନେଇ ଏଭଳି କାଣ୍ଡ ଘଟାଇଥିବା ସ୍ୱୀକାର କରିଛନ୍ତି। ବ୍ରିଜେଶ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇର ଯୋଗାଯୋଗରେ ଥିବାବେଳେ ଆଇଏସ୍ଆଇର ଦୁବାଇ ଏଜେଣ୍ଟ ଜରିଆରେ ଟଙ୍କା କାରବାର ହୋଇଥିଲା ବୋଲି ଜଣାପଡ଼ିଛି। ତେଣୁ ଅନ୍ୟ ୨ଟି ଦୁର୍ଘଟଣା ପଛରେ ଆଇଏସ୍ଆଇର ହାତ ଥାଇପାରେ ବୋଲି ସନ୍ଦେହ କରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହି ନିଷ୍ପତ୍ତି ନେଇଛି। କାନପୁର ଦୁର୍ଘଟଣାରେ ୧୫୦ ଲୋକ ଓ ହୀରାଖଣ୍ଡ ଲାଇନ୍‌ଚ୍ୟୁତ ହେବା ଘଟଣାରେ ୪୧ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା।

### ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

## ୪୭ ଗ୍ୟାସ୍ ସିଲିଣ୍ଡର ଜବତ

**ନିମାପଡ଼ା :** ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଭାଟବନ୍ଧ ମୁରୁଡ଼ି ଗ୍ରାମରେ ଉଜ୍ଜଳା ଯୋଜନାରେ ହିତାଧିକାରୀଙ୍କୁ ଗ୍ୟାସ ବଣ୍ଟନ କରାଯାଉଥିବା ବେଳେ ଆଚରଣବିଧି ଉଲ୍ଲଂଘନ ନେଇ ଅଭିଯୋଗ ହେବାରୁ ପୁଲିସ ୪୭ ଗ୍ୟାସ ଭର୍ତ୍ତି ସିଲିଣ୍ଡର ଓ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରିବା ସହିତ ଗ୍ୟାସ ଏଜେନ୍ସିର ୨ଜଣ କର୍ମଚାରୀଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ଆଜି ମଧ୍ୟାହ୍ନରେ ମୁରୁଡ଼ି ଗ୍ରାମରେ ଅଡ଼ଶପୁରଠାରେ ଥିବା ଉଦୟନାଥ ଭାରତ ଗ୍ୟାସ ତରଫରୁ ଉଜ୍ଜ୍ୱଳା ଯୋଜନାରେ ହିତାଧିକାରୀମାନଙ୍କୁ ସିଲିଣ୍ଡର ବଣ୍ଟନ କରାଯାଉଥିଲା। ଆଚରଣବିଧି ଉଲ୍ଲଂଘନ ନେଇ ନିର୍ବାଚନ ଅଧିକାରୀ ତଥା ନିମାପଡ଼ା ବିଡିଓଙ୍କ ନିକଟରେ ଟେଲିଫୋନ ମାଧ୍ୟମରେ ଅଭିଯୋଗ ହେବାରୁ ଏ ସମ୍ପର୍କରେ ସେ ପୁଲିସକୁ ଜଣାଇଥିଲେ।

ଘଟଣାସ୍ଥଳରେ ଏବିଡିଓ ବେଣୁଧର ସେଠୀ ଓ ପୁଲିସ ପହଞ୍ଚି ଟାଟାଏସି ଗାଡ଼ି ସହ ୪୭ଟି ଗ୍ୟାସ ଭର୍ତ୍ତି ସିଲିଣ୍ଡର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲେ ଏବଂ ସଂପୃକ୍ତ ସଂସ୍ଥାର ୨ଜଣ କର୍ମଚାରୀଙ୍କୁ ଥାନାରେ ଅଟକ ରଖିଛନ୍ତି। ଏସମ୍ପର୍କରେ ନିର୍ବାଚନ ଅଧିକାରୀ ତଥା ବିଡିଓ କ୍ଷୀରୋଦ୍ର ପ୍ରଧାନଙ୍କୁ ପଚାରିବାରେ ତଦନ୍ତ ଜାରି ରହିଛି। ତଦନ୍ତରୁ ଆଚରଣବିଧି ଉଲ୍ଲଂଘନ ହେବା ଜଣାପଡ଼ିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଡାକ୍ତରୀ ଛାତ୍ରୀଙ୍କୁ ନିର୍ଯାତନା ମାମଲା : ଅଭିଯୁକ୍ତଙ୍କୁ ହେବ ଜେରା

**କଟକ :** ସିନେମା ହଲ୍‌ରେ ଅଶୋଭନୀୟ ଆଚରଣ। ପରେ କଲେଜ ଅଡିଟୋରିୟମରେ ଭୟଙ୍କର ନିର୍ଯାତନା। ଏସ୍‌ସିବି ମେଡିକାଲ କଲେଜର ଏମ୍‌ବିବିଏସ୍ ବିଭାଗର ଚତୁର୍ଥ ଓ ପଞ୍ଚମବର୍ଷ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉପୁଜିଥିବା ଏହି ବିବାଦ ଏବେ ଉଗ୍ରରୂପ ନେଇଛି। ଘଟଣା ସମ୍ପର୍କରେ ମଙ୍ଗଳାବାଗ ଥାନାରେ ଚତୁର୍ଥବର୍ଷର ଜଣେ ଛାତ୍ରୀଙ୍କ ଏତଲାକ୍ରମେ ୪ଜଣ ପଂଚମବର୍ଷ ଛାତ୍ରଙ୍କ ବିରୋଧରେ ୨୭/୧୭ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଭାରତୀୟ ପିଙ୍ଗଳ କୋଡ୍‌ର ଦଫା ୩୪୧, ୨୯୪, ୩୫୪, ୫୦୯ ଓ ୩୪ ଅନୁଯାୟୀ ଏହି ମାମଲା ରୁଜୁ କରାଯାଇଥିବା ଆଇଆଇସି ଅରୁଣ କୁମାର ସ୍ୱାଇଁ କହିଛନ୍ତି। ଛାତ୍ରୀ ଜଣକ ନିଜ ଏତଲାରେ ୩ଜଣ ଛାତ୍ରଙ୍କ ନାମ ଉଲ୍ଲେଖ କରିଥିବା ବେଳେ ଜଣେ ଛାତ୍ରଙ୍କ ନାମ ଜାଣି ନଥିବା ଦର୍ଶାଇଛନ୍ତି। ଘଟଣା ସମ୍ପର୍କରେ ମହିଳା ଥାନାର ସବ୍ ଇନ୍ସପେକ୍ଟର ଦୁର୍ଗେଶ ନନ୍ଦିନୀ ସମ୍ପୃକ୍ତା ଛାତ୍ରୀଙ୍କଠାରୁ ବୟାନ ରେକର୍ଡ କରିଛନ୍ତି। ଘଟଣାର ପ୍ରତ୍ୟେକ୍ଷଦର୍ଶୀ ଥିବା ୧୨ଜଣ ସାକ୍ଷୀଙ୍କୁ ପୋଲିସରେ ହାଜର ହେବାକୁ କୁହାଯାଇଛି। ସାକ୍ଷୀମାନଙ୍କଠାରୁ ବୟାନ ସଂଗ୍ରହ କରାଯିବା ପରେ ମାମଲାଭୁକ୍ତ ୪ଜଣ ଛାତ୍ରଙ୍କୁ ନୋଟିସ କରାଯିବ ବୋଲି ଆଇଆଇସି ସ୍ୱାଇଁ କହିଛନ୍ତି। ଅନ୍ୟପକ୍ଷରେ ମେଡିକାଲ କଲେଜର ଇଣ୍ଟରନାଲ କମ୍ପେଲଣ୍ଟ କମିଟି(ଆଇସିସି) ପକ୍ଷରୁ ଶୁକ୍ରବାର ଏ ସମ୍ପର୍କରେ ଏକ ବୈଠକ ଡକାଯାଇଥିଲା। ବୈଠକରେ ଛାତ୍ରୀଙ୍କ ସମେତ ତାଙ୍କ ଅବିଭାବକ ଓ ପ୍ରତିପକ୍ଷ ଛାତ୍ରମାନେ ଉପସ୍ଥିତି ଥିଲେ। ବୈଠକରେ ଆଲୋଚନା କରାଯାଇ ଏହାର ସମାଧାନ କରାଯାଇଥିବା ମେଡିକାଲର ପ୍ରଶାସନିକ ଅଧିକାରୀ ପ୍ରତାପ କୁମାର ମିଶ୍ର ସୂଚନା ଦେଇଛନ୍ତି। କିନ୍ତୁ ସମାଧାନ ନେଇ ପୋଲିସ ପାଖରେ କୌଣସି ସୂଚନା ନ ଥିବା ଡିସିପି ସଞ୍ଜୀବ ଆରୋରା କହିଛନ୍ତି। ଗତ ୨୫ ତାରିଖରେ ଘଟିଛି ଏହି ଘଟଣା। ଏମ୍‌ବିବିଏସ୍ ପାଠ୍ୟକ୍ରମର ଛାତ୍ରଛାତ୍ରମାନେ କଲେଜର ଅଡିଓ ଭିଜୁଆଲ ସୋସାଇଟି ଅଧୀନରେ ବୃନ୍ଦାବନ ସିନେମା ହଲକୁ କାବିଲ ସିନେମା ଦେଖିବାକୁ ଯାଇଥିଲେ। ସିନେମା ଚାଲିଥିବା ବେଳେ ଏକ ବଳାତ୍କାର(ରେପ୍) ଦୃଶ୍ୟ ସମୟରେ ପଂଚମବର୍ଷର ୪ଜଣ ଛାତ୍ର ବଡ଼ପାଟିରେ ଅଶାଳୀନ ଭାଷା ପ୍ରୟୋଗ କରିଥିଲେ। ଏହାକୁ ଚତୁର୍ଥବର୍ଷର ସମ୍ପୃକ୍ତା ଛାତ୍ରୀ ଜଣକ ବିରୋଧ କରିବା ସହିତ ଲାଇଟ ଲଗାଇବାକୁ ପାଟି କରିଥିଲେ। ମାତ୍ର ଛାତ୍ର ୪ଜଣ ଯାକ ଏଥିରେ ଅଧିକ ଉତ୍କ୍ଷିପ୍ତ ହୋଇ ଆହୁରି ଖରାପ ଭାଷା ପ୍ରୟୋଗ କରିଥିଲେ। ଏହାପରେ ହଷ୍ଟେଲକୁ ଫେରିବା ପରେ ପଂଚମବର୍ଷର କେତେଜଣ ଛାତ୍ର ଚତୁର୍ଥବର୍ଷର ସମସ୍ତ ପିଲାଙ୍କୁ କଲେଜ ଅଡିଟୋରିୟମକୁ ଡକାଇଥିଲେ। ୧ଘଣ୍ଟା କାଳ ସେମାନେ ଚତୁର୍ଥବର୍ଷର ପିଲାମାନଙ୍କୁ ଗାଳିଗୁଲଜ କରିବା ସହିତ ଆଣ୍ଠେଇବାକୁ କହିଥିଲେ। ଏପରି କି ପାଖାପାଖି ୨୦୦ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ସମ୍ପୃକ୍ତା ଛାତ୍ରୀଙ୍କୁ ଆଗକୁ ଆସିବାକୁ ମଧ୍ୟ ସେମାନେ ବାଧ କରିଥିଲେ। ଉଚ୍ଚ ଶ୍ରେଣୀର ଛାତ୍ରଙ୍କ ଏଭଳି ବ୍ୟବହାରରେ ଛାତ୍ରୀଜଣକ ମାନସିକ ସ୍ତରରେ ଭାଙ୍ଗି ପଡ଼ି ଥାନାର ଦ୍ୱାରସ୍ଥ ହୋଇଥିଲେ। ଶେଷ ସୂଚନା ଅନୁସାରେ ଏହି ମାମଲାର ଆପୋଷ ସମାଧାନ କରାଯିବାକୁ କୁହାଯାଉଥିଲେ ମଧ୍ୟ ଏସବୁ ସତ୍ତ୍ୱେ ପୋଲିସ ଅଭିଯୁକ୍ତଙ୍କୁ ଜେରା କରିବ ବୋଲି ଜଣାପଡ଼ିଛି।

# ପ୍ରଶଂସା ସାଉଁଟିଲା 'ନବକଳେବର'

**ଭୁବନେଶ୍ୱର :** ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଓ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଚିତ୍ର ନିର୍ମାତା-ନିର୍ଦ୍ଦେଶକ ନୀଳମାଧବ ପଣ୍ଡାଙ୍କ ପ୍ରାମାଣିକ ଚିତ୍ର 'ନବକଳେବର' ରୁ ଆରମ୍ଭ ହୋଇଛି ଜେଡି ସେ□ର ଅଫ୍ ମାର୍ଟର ଏକାଦଶ ଆନ୍ତର୍ଜାତିକ କଳା-କଳାକାର ପ୍ରାମାଣିକ ଚଳଚ୍ଚିତ୍ର ଉତ୍ସବ। ଇଡକଲ ଅଡିଟୋରିୟମରେ ଶୁକ୍ରବାର ପୂର୍ବାହ୍ଣରେ ଏହି ଉତ୍ସବ ଉଦ୍‌ଘାଟିତ ହୋଇଥିବାବେଳେ ପ୍ରଂଶସା ସାଉଁଟିଛି 'ନବକଳେବର' ପ୍ରାମାଣିକ ଚିତ୍ର। ୧୮ ମିନିଟ୍ ଅବଧିର ଏହି ଚିତ୍ରରେ ଓଡ଼ିଆ ଲୋକଙ୍କ ସହ ଭଗବାନଙ୍କ ଆଧ୍ୟାତ୍ମିକ ସମ୍ପର୍କକୁ ଭିନ୍ନ ଢଙ୍ଗରେ ଉପସ୍ଥାପିତ କରି ନୀଳମାଧବ ପ୍ରଶଂସାର ପାତ୍ର ହୋଇଛନ୍ତି। ଏହି ଚିତ୍ରକୁ ଅଧିକ ମର୍ମସ୍ପର୍ଶୀ କରିଛି ବିଗ୍ ବି ଅମିତାଭ ବଚ୍ଚନଙ୍କ ଅମାୟିକ କଣ୍ଠସ୍ୱର। ଆଜି ପ୍ରେକ୍ଷାଳୟର ଉପସ୍ଥିତ ଅତିଥି, ବ୍ୟକ୍ତିବିଶେଷଙ୍କୁ ଏହି ପ୍ରାମାଣିକ ଚିତ୍ର ବେଶ୍ ପ୍ରଭାବିତ କରିଥିଲା।

ଉତ୍ସବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରି ଆମ ସମୃଦ୍ଧ କଳା, ସଂସ୍କୃତି, ନୃତ୍ୟ, ସଙ୍ଗୀତ ତଥା ଐତିହ୍ୟ ଆମ ପରିଚୟ। ଏହାକୁ ବଂଚାଇ ରଖିବା ପାଇଁ ଆମେ ସବୁସ୍ତରରେ ଉଦ୍ୟମ କରିବା ଦିଗରେ ସହାୟତାର ହାତ ବଢାଇବେ ବୋଲି କହିଥିଲେ।

### ଆନ୍ତର୍ଜାତିକ ଫିଲ୍ମ ଫେଷ୍ଟିଭାଲ

ସମ୍ମାନିତ ଅତିଥି ପୂର୍ବତନ ବୈଦେଶିକ ସଚିବ ଲଳିତ ମାନସିଂହ କହିଥିଲେ ଜେଡିସିଏ ଓଡ଼ିଶାରେ ସାଂସ୍କୃତିକ ବିପ୍ଲବ ଆରମ୍ଭ କରିଛି। ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ଅଦୂର ଗୋପାଳ କ୍ରିଷ୍ଣନ୍ ଉତ୍ସବର ସଫଳତା କାମନା କରିଥିବାବେଳେ ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ଆରତୀ ଆହୁଜା କହିଥିଲେ ଉତ୍ସବକୁ ସଫଳ କରିବା ନିମନ୍ତେ ବିଭାଗ ଜେଡିସିଏ ସହ ମିଳିତଭାବେ କାର୍ଯ୍ୟ କରିବ।

ଜେଡିସିଏର ପ୍ରତିଷ୍ଠାତା, ବିଶିଷ୍ଟ ଚିତ୍ରଶିଳ୍ପୀ ଯତୀନ ଦାସ ଅନୁଷ୍ଠାନର ସୁଦୀର୍ଘ ଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ ଓଡ଼ିଶା ମୋ ଜନ୍ମମାଟି। ଏ ମାଟି ପାଇଁ କିଛି କରିବାର ନିଶାରେ ଏପରି ଉତ୍ସବର ପରିକଳ୍ପନା ଓ ଆୟୋଜନ। ସେ ଓଡ଼ିଶାର ଘରୋଇ ତଥା ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକୁ ଐତିହ୍ୟର ସୁରକ୍ଷା ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ନିର୍ଦ୍ଦେଶିକା ଅରୁଣା ବାସୁଦେବ ଏହି ଉତ୍ସବ କଳା, ସଂସ୍କୃତିର ବିକାଶ ପାଇଁ ସହାୟ ହେଉଥିବା କହିଥିଲେ। ଉତ୍ସବର ସହଯୋଗୀ ନିର୍ଦ୍ଦେଶକ, ଟ୍ରଷ୍ଟି ବୀରେନ ଦାସ ପ୍ରଥମ ଚିତ୍ର 'ନବକଳେବର' ଓ ନିର୍ଦ୍ଦେଶକ ନୀଳମାଧବଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ଆନିମେସନ ଚିତ୍ର 'ଉଇ ମେକ୍ ଇମେଜେସ୍', 'ଶୈବ,' 'ଏକ୍ସଟ୍ରାପୋଲେଟ' ସହିତ ପଲିସ ଚଳଚ୍ଚିତ୍ର 'ସୁପରୟୁନିଟ୍,' ୩ଟି ଜାପାନୀ ଚଳଚ୍ଚିତ୍ର, କାମ୍ବୋଡ଼ିଆର ସ୍ଥାପତ୍ୟ ଶିଳ୍ପୀ ଭାନ୍ ମଲିଭାନ୍‌ସଙ୍କ ଅନନ୍ୟ ଶୈଳୀକୁ ନେଇ ନିର୍ମିତ 'ଦି ମ୍ୟାନ୍ ହୁ ବିଲଟ୍ କାମ୍ବୋଡ଼ିଆ', ମୁମ୍ବାଇରେ ଅବସ୍ଥାପିତ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଓଡ଼ିଆ ସ୍ଥପତି ପି.କେ ଦାସଙ୍କ 'ପରସପେକ୍ଟିଭ୍‌ସ ଅନ ଅଲଟରନେଟ୍ ଆର୍କିଟେକ୍‌ଚୁରାଲ ପ୍ରାକ୍ଟିସ୍' ପ୍ରଭୃତି ଦର୍ଶକଙ୍କୁ ପ୍ରଭାବିତ କରିଥିଲା। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଫଟୋଗ୍ରାଫର ରଘୁ ରାୟ ଏହି ଅବସରରେ ଫଟୋଗ୍ରାଫି ଉପରେ ଚମତ୍କାର ଅଭିବ୍ୟକ୍ତି ପ୍ରଦାନ କରିଥିଲେ।

ଚଳିତ ବର୍ଷ ଉତ୍ସବର ପ୍ରସଙ୍ଗ 'ସ୍ଥାପତ୍ୟ କଳା' ରହିଥିବାବେଳେ ଏଥିରେ କଳା, ସ୍ଥାପତ୍ୟ ଓ ଡିଜାଇନ୍ ଆଧାରିତ ୪୦ଟି ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ଏଥିସହ ଭାରତ ଓ ୟୁରୋପରୁ ଆସିଥିବା ବକ୍ତାଙ୍କ ସହ ସ୍ଥାପତ୍ୟ କଳା, ଫଟୋଗ୍ରାଫି ଓ ଚଳଚ୍ଚିତ୍ର ସମ୍ପର୍କିତ ଆଲୋଚନା ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି। ଓଡ଼ିଶାର ପାରମ୍ପରିକ କଳା, ହସ୍ତଶିଳ୍ପ ପ୍ରଦର୍ଶନୀ ମଧ୍ୟ ଏହି ଉତ୍ସବର ଅନ୍ୟତମ ଆକର୍ଷଣ ହୋଇଛି। ଏହି ଉତ୍ସବ ୨୯ ତାରିଖରେ ଉଦ୍‌ଯାପିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

## ଆଦିବାସୀ ମେଳାରେ ଭିଡ଼ ଜମୁଛି

**ଭୁବନେଶ୍ୱର :** ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ୟୁନିଟ୍-୧ ଆଦିବାସୀ ପଡ଼ିଆରେ ଜାନୁୟାରୀ ୨୬ ତାରିଖରୁ ଚାଲିଥିବା ଆଦିବାସୀ ମେଳାରେ ବେଳକୁ ବେଳ ଭିଡ ଜମୁଛି। ଲୋକଙ୍କୁ ଆକୃଷ୍ଟ କରିଛି କନ୍ଧମାଳର ହଳଦୀ। ବର୍ଷକ ପାଇଁ ହଳଦୀ କିଣୁଛନ୍ତି ରାଜଧାନୀବାସୀ। ଏହି ମେଳାକୁ ବୁଲି ଆସୁଥିବା ଲୋକେ ହଳଦୀ, ଫୁଲ ଝାଡୁ, ସୋରଷ, ମହୁ, କାନ୍ଦୁଲ ଆଦି ମଧ୍ୟ ବେଶ୍ ବିକ୍ରି ହେଉଛି। ସେହିପରି କେନ୍ଦୁଝରେ ବଡିର ମଧ୍ୟ ଚାହିଦା ରହିଛି। ବିଭିନ୍ନ ଷ୍ଟଲ୍‌ରେ ବହୁ ବନଜାତ ମୁଖ୍ୟତଃ ୯ଟି ବିଭାଗରେ ବିଭକ୍ତ କରାଯାଇଛି। ଆଦିବାସୀ ହାଟ, ଆଦିବାସୀ ଗ୍ରାମ, ଆଦିବାସୀ ହସ୍ତଶିଳ୍ପ, ସରକାରୀ ଷ୍ଟଲ୍, ଆଦିବାସୀ ଖାଦ୍ୟ ବଜାର, ଆଦିବାସୀ ନୃତ୍ୟ, ବୟନ କଳା ମଣ୍ଡପ, ଚିତ୍ରକଳା ମଣ୍ଡପ ଇତ୍ୟାଦି। ଏଥର ଆଦିବାସୀ ହାଟରେ ବିଭିନ୍ନ ଆଦିବାସୀ ଓ ଜଙ୍ଗଲଜାତ ସାମଗ୍ରୀର ବିକ୍ରିବଟା ବ୍ୟବସ୍ଥା ହୋଇଛି। ୩୦ଟି ପିଣ୍ଡିରେ ଆଇଟିଡିଏ ଓ ମାଇକ୍ରୋ ପ୍ରୋଜେକ୍ଟ ଅଞ୍ଚଳର ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟମାନେ ନିଜଦ୍ୱାରା ପ୍ରସ୍ତୁତ ଓ ଉତ୍ପାଦିତ ସାମଗ୍ରୀ ବିକ୍ରୟ କରିପାରୁଛନ୍ତି। ଏଠାରେ ସୋରିଷ, ହଳଦୀ, ଅଦା,କାନ୍ଦୁଲ, ମହୁ, ଝୁଣା, ରାଶି, ଫେଶି, ପାଳୁଅ ଆଦି ବନଜାତ ଦ୍ରବ୍ୟ ଉପଲବ୍ଧ ହେଉଛି। ବଣ୍ଡା ଉନ୍ନୟନ ସଂସ୍ଥା ମୁଦୁଲିପଡ଼ା, ମାଲକାନଗିରି, ବନଜା ବାଣିଜ୍ୟ ସଂଘ, କୁଟିଣ୍ଡା, ସମ୍ବଲପୁର ଚକୋଟିଆ ଉନ୍ନୟନ ସଂସ୍ଥା ଆଦି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବ୍ରିକୟ କରୁଛନ୍ତି। ଚଳିତବର୍ଷ ମେଳାର ମୋଟ ୧୮୫ଟି ଷ୍ଟଲ୍ ନିର୍ମାଣ କରାଯାଇଛି। ଅପରାହ୍ନ ୨ଟାରୁ ଖୋଲା ରହୁଥିବା ଏହି ମେଳା ମଞ୍ଚରେ ପ୍ରତି ସନ୍ଧ୍ୟାରେ ଜନଜାତିଙ୍କ ପାରମ୍ପରିକ ନୃତ୍ୟ, ସଙ୍ଗୀତ, ନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେଉଛି।

## ଓଡ଼ିଶାକୁ ସିଏସ୍ଆଇ-ନିହିଲେ ପୁରସ୍କାର

ଭୁବନେଶ୍ୱର : କୋଷାଗାର ପରିଚାଳନା ପଦ୍ଧତିରେ ଉତ୍ତମ କାର୍ଯ୍ୟ ସ୍ୱୀକୃତ ସ୍ୱରୂପ ଓଡ଼ିଶାକୁ ମିଳିଛି ସିଏସ୍ଆଇ ନିହିଲେ ପୁରସ୍କାର। ଗତ ୨୪ ତାରିଖରେ ତାମିଲନାଡୁର କୋଏମ୍ବାଟୁରଠାରେ ୨୦୧୬ ବର୍ଷ ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଅତିରିକ୍ତ ସଚିବ ଅଜୟ କୁମାର ଏହି ପୁରସ୍କାର ପ୍ରଦାନ କରିଥିଲେ ଏବଂ ଓଡ଼ିଶା ପକ୍ଷରୁ ଏନ୍‌ପିଏସ୍ ଏଣ୍ଡ ଟିଏସ୍‌ର ଉପନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଉପ ନିର୍ଦ୍ଦେଶିକା ପ୍ରଣତି ଛୋଟରାୟ, ସମନ୍ୱିତ ଆର୍ଥିକ ପରିଚାଳନା ପଦ୍ଧତି ନିର୍ଦ୍ଦେଶକ ଓ ଉପନିର୍ଦ୍ଦେଶକମାନେ ଏହି ପୁରସ୍କାର ଗ୍ରହଣ କରିଥିଲେ। ରାଜ୍ୟ ସରକାରଙ୍କ ଇ-ଗଭର୍ଣ୍ଣାନ୍ସ ପଦକ୍ଷେପକୁ ଉନ୍ନୀତ ଓ ନିରନ୍ତର କରିବା ଉଦ୍ଦେଶ୍ୟରେ ୨୦୦୯ ମସିହା ପରଠାରୁ କୋଷାଗାର ଓ ଆର୍ଥିକ ପ୍ରଶାସନକୁ ସ୍ୱୟଂଚାଳିତ କରିବା ଯୋଗୁଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟ ସମୂହ ଓ କେନ୍ଦ୍ର ସରକାରଙ୍କ ସହ ଇଲେକ୍ଟ୍ରୋନିକ୍ସ ପ୍ରକ୍ରିୟାରେ ସରକାରୀ ଜମା, ପ୍ରାପ୍ତି, ହିସାବ ରଖାଯିବା କ୍ଷେତ୍ରରେ ଓଡ଼ିଶା ଏକ ଆଦର୍ଶ ରାଜ୍ୟ ଭାବରେ ବିବେଚିତ ହୋଇଛି। ନିକଟରେ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ମଣିପୁର, ତ୍ରିପୁରା, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ରାଜସ୍ଥାନ ପରି ଅନେକ ପ୍ରଦେଶର କର୍ମଚାରୀ ଓଡ଼ିଶାରେ କୋଷାଗାର ପରିଚାଳନା ପଦ୍ଧତିକୁ ଅନୁଧ୍ୟାନ କରିଛନ୍ତି।

## ପେଣ୍ଠପାଳ ପଞ୍ଚାୟତ : ଖୋଲିଲା ବିଧାୟକଙ୍କ ପୋଲ୍

**କେନ୍ଦ୍ରାପଡ଼ା :** ପଞ୍ଚାୟତ ନିର୍ବାଚନରେ ନିଜ ପତ୍ନୀଙ୍କୁ ଠିଆକରି ଅଡୁଆରେ ପଡ଼ିଥିବା କେନ୍ଦ୍ରାପଡ଼ା ବିଧାୟକ କିଶୋର ତରାଇ ଏଥିରୁ ବର୍ତ୍ତିବା ପାଇଁ ନୂଆ ଚାଲ୍ ଖେଳିଛନ୍ତି। ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ହୋଇଥିବା ତାଙ୍କ ପତ୍ନୀ ବବିତା ତରାଇ ନିର୍ବାଚନୀ ଫଳାଫଳ ଘୋଷଣା ହେବା ପରେ ଇସ୍ତଫା ଦେବେ ବୋଲି ଶ୍ରୀ ତରାଇ କହିଛନ୍ତି। ତେବେ ଏହା କହି ସେ ବିରୋଧୀଙ୍କ ମୁହଁ ବନ୍ଦ କରିବାକୁ ଯୋଜନା କରିଥିବା ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ତେବେ ଏହାକୁ ନେଇ ପୁଣି ନୂଆ ରାଜନୀତି ଆରମ୍ଭ ହୋଇଯାଇଛି। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଏହି ଉକ୍ତି ବାଢ଼ି ଶ୍ରୀ ତରାଇ ନିଜ ଦୋଷ ସ୍ୱୀକାର କରିନେଇଛନ୍ତି। ଅର୍ଥାତ୍ ନିଜ ପତ୍ନୀଙ୍କୁ ଅପ୍ରତିଦ୍ୱନ୍ଦ୍ୱୀ କରିବା ପାଇଁ ସେ ବିଡିଓଙ୍କ ସହ କୁଷଡ଼ଯନ୍ତ୍ର କରିଥିଲେ। ତେଣୁ ଯଥାଶୀଘ୍ର ସେ ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି। ସେହିପରି ବିଜେପି କହିଛି ଯେ ବିଧାୟକ ଯଦି ଏବେ ନୈତିକତାର ଦୁହାଇ ଦେଉଛନ୍ତି, ତେବେ ନିଜ ପତ୍ନୀ ପାଇଁ ବିଡିଓଙ୍କ ସହ ମିଶି ଚକ୍ରାନ୍ତ କଲା ବେଳେ ଏହି ନୈତିକତା କୁଆଡ଼େ ଗଲା ବୋଲି ପ୍ରଶ୍ନ କରାଯାଇଛି। ତେବେ ଶେଷ ଖବର ସୁଦ୍ଧା ବିଧାୟକ ନିଜ ପତ୍ନୀଙ୍କ ସମେତ ପିତାଙ୍କ ନାମ ଦୁଇପ୍ରକାର ଦର୍ଶାଇଥିବା ଜଣାପଡ଼ିଛି।



### ସରିଲା ବିଚ୍ କାର୍ଣ୍ଣିଭାଲ

## ଗୋବିନ୍ଦାଙ୍କ ସହ ନାଚିଲେ ଜିଲ୍ଲାପାଳ

ପୁରୀ : ସ୍ୱର୍ଣ୍ଣିମ ବେଳାଭୂମି ପୁରୀରେ ବିଚ୍ କାର୍ଣ୍ଣିଭାଲ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବର ଶେଷସନ୍ଧ୍ୟାରେ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ ହିନ୍ଦୀ ଚଳଚ୍ଚିତ୍ର ଅଭିନେତା ଗୋବିନ୍ଦା। ତାଙ୍କୁ ଦେଖିବାକୁ ବେଳାଭୂମିରେ ଲୋକଙ୍କ ପ୍ରବଳ ଭିଡ଼ ହୋଇଥିଲା। ଗୋବିନ୍ଦା ତାଙ୍କ ମନଛୁଆ ଡାଏଲଗରେ ଦର୍ଶକଙ୍କୁ ମତୁଆଲା କରିଥିବା ବେଳେ ନିଜେ ନାଚି ପର୍ଯ୍ୟଟକଙ୍କୁ ନଚାଇଥିଲେ। ଏମିତିକି ଏଥିରୁ ବାଦ୍ ପଡ଼ିନଥିଲେ ପୁରୀ ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲ। ଗୋବିନ୍ଦା ଜିଲ୍ଲାପାଳଙ୍କ ହାତଧରି ମଞ୍ଚ ମଝିରୁ ତାଙ୍କୁ ଟାଣି ନେଇଥିଲେ ଏବଂ ନାଚିବାକୁ ଅନୁରୋଧ କରିଥିଲେ। ସୁପରଷ୍ଟାର ଗୋବିନ୍ଦାଙ୍କ ପାଦରେ ପାଦ ମିଳାଇ ଶ୍ରୀ ଅଗ୍ରୱାଲ ନାଚୁଥିବା ଦେଖି ସମସ୍ତେ ଉତ୍ସାହିତ ହେବା ସହ ବିମୋହିତ ହୋଇଥିଲେ। ଆଉ ଏଥିରେ ଉତ୍ସାହିତ ହୋଇ ଉପସ୍ଥିତ ଆଉକିଛି ଅଫିସର ନାଚରେ ନିଜକୁ ହଜାଇ ଦେଇଥିଲେ। ବିଚ୍ କାର୍ଣ୍ଣିଭାଲ ମଞ୍ଚରେ ଗୋବିନ୍ଦାଙ୍କ ସହ ଜିଲ୍ଲାପାଳଙ୍କ ନୃତ୍ୟ, କାର୍ଯ୍ୟକ୍ରମକୁ ଅଧିକ ରୋମାଞ୍ଚକର କରିଥିଲା। ସମବେତ ଜନତା ତାହାକୁ ମନଖୋଲି ଉପଭୋଗ କରିଥିଲେ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରସାଦଙ୍କ ପ୍ରତିଶ୍ରୁତି...

ଶବବୁହା ଘଟଣା ରାଜ୍ୟକୁ ନିନ୍ଦିତ କରିଛି। ଯାହାଫଳରେ ଏଠାରେ ବ୍ୟବସ୍ଥା ଭୁଶୁଡ଼ିଯାଇଛି। କଂଗ୍ରେସ ହିଁ ଏହି ବ୍ୟବସ୍ଥାକୁ ସକ୍ରିୟ କରିବା ସହିତ ରାଜ୍ୟର ବିକାଶ କରିପାରିବ ବୋଲି ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଇସ୍ତାହାର ଘୋଷଣା ବେଳେ ଏହା କହିଛନ୍ତି ପିସିସି ସଭାପତି ପ୍ରସାଦ ହରିଚନ୍ଦନ। ବେକାର ଯୁବକଙ୍କ ପାଇଁ ଏସ୍ଏଚ୍‌ଜି, ପ୍ରତି ପଞ୍ଚାୟତରେ ଜରା ସ୍ୱାସ୍ଥ୍ୟଶିବିର ବିପିଏଲ୍ ପରିବାରର କନ୍ୟା ବିବାହ ପାଇଁ ୫୦ ହଜାର ଟଙ୍କା ସହାୟତା, ଭିନ୍ନକ୍ଷମ ଭତ୍ତାର ପରିମାଣ ବୃଦ୍ଧି, ଅଶିତୀପରଙ୍କ ପାଇଁ ମାସିକ ୨ ହଜାର ଟଙ୍କା ଭତ୍ତା ଏବଂ ଚାଷୀମାନଙ୍କ ପାଇଁ ମାସିକ ୫ ହଜାର ଟଙ୍କାର ପେନସନ୍ ଭଳି ବହୁ ଆକର୍ଷଣୀୟ ପ୍ରତିଶ୍ରୁତି ଦିଆଯାଇଛି ଏହି ଇସ୍ତାହାରରେ। ଏଥିସହ ଆମ ରାଜ୍ୟରେ ଲୋକଙ୍କ ପାଖରେ କ୍ଷମତା ବଦଳରେ ଅଫିସର ଓ ଅମଲାଙ୍କ ପାଖରେ କ୍ଷମତା ଠୁଳ ହୋଇଥିବା କହିଛନ୍ତି ଶ୍ରୀ ହରିଚନ୍ଦନ। ତେଣୁ ବିଜେଡିକୁ ବିତାଡ଼ିତ କରି ପୁଣିଥରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ କଂଗ୍ରେସ ହିଁ ସଜାଡ଼ିପାରିବ ବୋଲି ନିଜ ଆଭିମୁଖ୍ୟରେ ଦର୍ଶାଯାଇଛି।

### ଘର ଘର ବୁଲିବେ...

ଦିନ ଆଗେଇବାରେ ଲାଗିଛି। ମାତ୍ର ରାଜ୍ୟରେ ଏହାର ଓଲଟଗତି ଚାଲିଛି। ବିଜେଡି ସରକାରର ଅପାରଗତା ଓ ସ୍ଥାଣୁତା ଯୋଗୁଁ ରାଜ୍ୟର ମହିଳାମାନେ ନିଜ ଘରେ ମଧ୍ୟ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ତେଣୁ ଆଗାମୀ ଦିନରେ ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ଘର ଘର ବୁଲି ଏହି ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇବେ। ନାରୀ ଶିକ୍ଷିତ ଓ ସୁରକ୍ଷିତ ରହିଲେ, ସମାଜ ଆଗକୁ ବଢ଼ିପାରିବ ବୋଲି ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାନେତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ନାରୀସମାଜର ସାମଗ୍ରୀକ ବିକାଶ ପାଇଁ ବିଜେଡି ସରକାରକୁ ତଡ଼ି ରାଜ୍ୟରେ ବିଜେପି ସରକାର ଆଣିବାକୁ ସେମାନେ ମହିଳାମାନଙ୍କୁ ଜଣାଇବା ଏବଂ ମହିଳାମାନଙ୍କୁ ଜାଗ୍ରତ କରିବା ମୋର୍ଚ୍ଚାର ପ୍ରଥମ କାର୍ଯ୍ୟ ହେବ ବୋଲି ସେ କହିଛନ୍ତି।

### ନୋଟ୍‌ବନ୍ଦୀ...

ବିତର୍କ ଓ ଆଇନ ପ୍ରଣୟନ କରିବା ପରିବର୍ତ୍ତେ ବିଧାନପାଳିକା ଅଧିବେଶନ ବର୍ଜନ କରିବା ଓ ବାଧାଦେବା ଫଳରେ ଏହା ଅଟକି ରହୁଛି। ସମ୍ବିଧାନ ଲାଗୁହେବା ସମୟରେ ଭାତୃତ୍ୱ, ବ୍ୟକ୍ତିର ସମ୍ମାନ ଏବଂ ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବାକୁ ସମସ୍ତେ ପ୍ରତିଶ୍ରୁତି ବଧ ହୋଇଥିଲେ। ଦେଶ ସ୍ୱାଧୀନ ସମୟରେ ମାତ୍ର ୩୬କୋଟି ଥିବା ଭାରତର ଜନସଂଖ୍ୟା ଏବେ ୧୩୦କୋଟିକୁ ଟପିଲାଣି। ବିଗତ ବର୍ଷମାନଙ୍କରେ ଦେଶରେ ବହୁମହତ୍ତ୍ୱପୂର୍ଣ୍ଣ ଘଟଣା ଘଟିଯାଇଛି। ଦେଶ ବହୁ ଉତ୍‌ଥାନ ଓ ପତନକୁ ସାମ୍ନା କରି ଏଯାଏଁ ପହଂଚିଛି। ଦେଶ ସ୍ୱାଧୀନ ସମୟରେ ଦେଶବାସୀ ଆମଦାନୀ ଶସ୍ୟରେ ବଂଚୁଥିବା ସମୟରେ ଏବେ ଆମ ଦେଶରୁ ଶସ୍ୟ ରପ୍ତାନୀ କରାଯାଉଛି। ବିମୁଦ୍ରୀକରଣ ପରେ ଯଦିଓ ସାମୟିକ ଭାବେ ଅର୍ଥନୀତିର ଗତି ଧିମା ହୋଇଛି ତଥାପି ଏହାର ସୁଦୂରପ୍ରସାରୀ ସୁଫଳ ମିଳିବା ସମ୍ଭାବନା ରହିଛି। ଏଥିସହ ରାଷ୍ଟ୍ରପତି ଦେଶ ପାଇଁ ପ୍ରାଣବିସର୍ଜନ କରିଥିବା ଯବାନମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ସୁରକ୍ଷା ପାଇଁ...

ଧ୍ୟାନରେ ରଖି ଏକ ସ୍ୱତନ୍ତ୍ର ମାଉଣ୍ଟେନ କର୍ପସ ଗଠନ କରୁଥିବାରୁ ତା' ପାଇଁ ବି ଏହି ବଙ୍କରଗୁଡ଼ିକ ସହାୟକ ହେବ। ଉଲ୍ଲେଖଯୋଗ୍ୟ ଯେ, ଭାରତ ଗତ କିଛି ବର୍ଷ ମଧ୍ୟରେ ଚୀନ୍ ସଂଲଗ୍ନ ସୀମାରେ ନିଜର ସାମାଜିକ ଶକ୍ତି ସୁଦୃଢ କରିବାକୁ ଅନେକ ପଦକ୍ଷେପ ନେଇଛି। ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଭାରତୀୟ ବାୟୁସେନା ସୁଖୋଇ ଯୁଦ୍ଧ ବିମାନ ମୁତୟନ କରିଥିଲାବେଳେ ଚୀନ୍ ସଂଲଗ୍ନ ସୀମାରେ ଛାମୁଆ ବାୟୁସେନା ଘାଟି ତିଆରି କରିଛି। ସେହିପରି ଅରୁଣାଚଳ ପ୍ରଦେଶରେ ବ୍ରହ୍ମୋସ କ୍ଷେପଣାସ୍ତ୍ର ମୁତୟନ କରିବାକୁ ବି ନରେନ୍ଦ୍ର ମୋଦି ସରକାର ସ୍ଥିର କରିଛନ୍ତି। କେନ୍ଦ୍ର ସରକାର ମଧ୍ୟ ସୀମାବର୍ତ୍ତୀ ଅଞ୍ଚଳରେ ସଡ଼କ ଓ ରେଳପଥର ବିକାଶ କରୁଛନ୍ତି। ଯାହାଦ୍ୱାରା କୌଣସି ବିଶେଷ ପରିସ୍ଥିତିରେ ତ୍ୱରିତ ବେଗରେ ତଥା ଅତି ସହଜରେ ସେସବୁ ଅଞ୍ଚଳକୁ ସୈନ୍ୟ ପ୍ରେରଣ କରାଯାଇପାରିବ।

### ବଜେଟରେ...

୨୦୧୬-୧୭ରେ ସରକାର ସେବା ଟିକସରୁ ୨ଲକ୍ଷ ୩୧ ହଜାର କୋଟି ଟଙ୍କା ଆଦାୟ ଲକ୍ଷ୍ୟ ରଖିଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ସେବା ଟିକସରେ ଯଥେଷ୍ଟ ବୃଦ୍ଧି ଘଟିଛି। ୨୦୧୫-୧୬ରେ ସେବା ଟିକସ ହାର ୧୨.୩୬ ପ୍ରତିଶତରୁ ୧୪ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା। ପରେ ଏହା ଉପରେ ୦.୫ ପ୍ରତିଶତ ସ୍ୱଚ୍ଛ ଭାରତ ସେସ୍ ଏବଂ ଚଳିତ ବର୍ଷ ୦.୫ ପ୍ରତିଶତ କୃଷି କଲ୍ୟାଣ ସେସ୍ ଲାଗୁ କରିଛନ୍ତି। ଫଳରେ ସେବା ଟିକସ ୧୫ ପ୍ରତିଶତକୁ ବୃଦ୍ଧି ପାଇଛି।

### ନିଆରା ବାହାଘର...

ବାସୁଦେବ ବାଜା, ବାଣ, ବରଯାତ୍ରୀ ଧରି ଶୋଭାଯାତ୍ରାରେ ଆସିଥିଲେ। ଆଉ ନୂଆପଲ୍ଲୀ ଦୁର୍ଗାପୂଜା ମଣ୍ଡପଠାରେ ବଧୂବେଶରେ ତାଙ୍କୁ ଅପେକ୍ଷା କରିଥିଲେ ଖଣ୍ଡଗିରି ନିକଟ ଭରତପୁରର ମେଘନା। ଓଡ଼ିଆ ଘରର ପରମ୍ପରା ଅନୁଯାୟୀ ବୈଦିକ ରୀତିରେ ଉଭୟଙ୍କର ହାତଗଣ୍ଠି ପଡ଼ିଥିଲା। ସୂଚନାଯୋଗ୍ୟ ଯେ ବାସୁଦେବଙ୍କ ଘର ଜଟଣୀରେ। ସେ ରାଜଧାନୀର ପଳାସପଲ୍ଲୀରେ ତାଙ୍କ ଭାଇ, ଭାଉଜ ଏବଂ ୪ ବର୍ଷର ପୁଅ ସହିତ ରହୁଛନ୍ତି। ୬ ବର୍ଷ ତଳେ ସେ ବିବାହ କରିଥିଲେ। ବିବାହର କିଛିଦିନ ପରେ ତାଙ୍କର ଗୋଟିଏ ପୁଅ ମଧ୍ୟ ହୋଇଥିଲା। ହେଲେ ପୁଅ ହେବାର କିଛିଦିନ ପରେ ତାଙ୍କ ପତ୍ନୀ ଅନ୍ୟଜଣେ ପୁରୁଷଙ୍କ ହାତଧରି ଚାଲିଯାଇଥିଲେ। ବର୍ତ୍ତମାନ ବାସୁଦେବଙ୍କର ବୟସ ଏବେ ୩୧ ଓ ପତ୍ନୀଙ୍କଠାରୁ ଧୋକା ଖାଇବା ପରେ ଆଉ ଜଣେ ମହିଳାଙ୍କୁ ଆପଣେଇବାକୁ ଇଚ୍ଛା ନାହିଁ। ଏପଟେ ତାଙ୍କ ପୁଅକୁ ମା' ସ୍ନେହରୁ ମଧ୍ୟ ବଞ୍ଚିତ କରିବାକୁ ଚାହୁଁ ନଥିଲେ। ତେଣୁ ସେ ଜଣେ ଭଲ ମଣିଷକୁ ନିଜର ଜୀବନସାଥୀ କରିବାକୁ ଚାହୁଁଥିଲେ। ଏମିତି ସ୍ଥିତିରେ ଦିନେ ବାସୁଦେବଙ୍କର ଭେଟ ହୋଇଥିଲା କିନ୍ନର ମେଘନାଙ୍କ ସହ। କିଛିଦିନ ମିଳାମିଶା ପରେ ସେ ମେଘନାଙ୍କୁ ମନର କଥା କହିଥିଲେ। ସବୁଦିନ ପାଇଁ ବିବାହ ବନ୍ଧନରେ ଯୋଡ଼ିହେବାକୁ ପ୍ରସ୍ତାବ ମଧ୍ୟ ଦେଇଥିଲେ। ପରେ ସେ ମେଘନାଙ୍କ ଗୁରୁ ମୀରାଙ୍କୁ ଭେଟି ତାଙ୍କ ମଧ୍ୟସ୍ଥତାରେ ଉଭୟେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବାପା, ମା' କେହି ନଥିବାରୁ ବାସୁଦେବଙ୍କୁ ମୀରା ପରିଡ଼ା ପୁଅ ହିସାବରେ ଗ୍ରହଣ କରି ସେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ମେଘନା ଏବେ ଭରତପୁରରେ ରହୁଛନ୍ତି ଓ ସେ ଅଲ୍ ଓଡ଼ିଶା କିନ୍ନର ଏବଂ ତୃତୀୟଲିଙ୍ଗୀ ସଂଘର ସମ୍ପାଦକ ଅଛନ୍ତି।





# ବିଦେଶ ଯାତ୍ରା ପାଇଁ ଭିସା ମନ୍ଦିର

ଉପସ୍ଥାପନା : ଜାହ୍ନବୀସୂତ

ଦକ୍ଷିଣ ଭାରତର ହାଇଦ୍ରାବାଦ ସହର। ସବୁବେଳେ ଖୁବ୍ ଚଳଚଞ୍ଚଳ ରହିଥାଏ ଏ ସହର। ଶିକ୍ଷା, ସଂସ୍କୃତି ଆଦି ସବୁ କ୍ଷେତ୍ରରେ ଏ ସହରର ଖୁବ୍ ଖ୍ୟାତି ରହିଛି। ଏହି ସହରରେ ଏକ ପୁରାତନ ମନ୍ଦିର ରହିଛି, ଯାହାକୁ ଭିସା ମନ୍ଦିର ବୋଲି କୁହାଯାଏ। ମାନେ ଆପଣ ଯଦି ବିଦେଶରେ ଚାକିରୀ ଖୋଜୁଥାନ୍ତି ତା' ହେଲେ ଏହି ମନ୍ଦିରରେ ପୂଜାର୍ଚ୍ଚନା କଲେ ଆପଣ ବିଦେଶ ଯିବା ପାଇଁ ଭିସା ପାଇବେ ଏହା ହେଉଛି ଲୋକବିଶ୍ୱାସ। ସତରେ କେତେ ରହସ୍ୟମୟ ଏ ଲୋକବିଶ୍ୱାସ! ଆଉ ଭକ୍ତମାନଙ୍କର ଏ ବିଶ୍ୱାସ ଏତେ ଦୃଢ଼ ଯେ ସମୟକ୍ରମେ ଏ ମନ୍ଦିରକୁ ଭିସାମନ୍ଦିର ଆଖ୍ୟା ମଧ୍ୟ ଦିଆଯାଇଛି। ପ୍ରତିଦିନ ଶହଶହ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି ନିଜ ବିଦେଶଯାତ୍ରାର ମନସ୍କାମନା ନେଇ। ଏହି ମନ୍ଦିରଟି ରହିଛି ହାଇଦ୍ରାବାଦର ଓସ୍‌ମାନ ସାଗର ନିକଟରେ। ଏହା ଏକ ପ୍ରାଚୀନ ହିନ୍ଦୁ ମନ୍ଦିର। ଏଠାରେ ବାଲାଜୀଙ୍କୁ ପୂଜା କରାଯାଏ। ଏହି ମନ୍ଦିର ଅକନ୍ନା ଓ ମଦନାଙ୍କ ଦ୍ୱାରା ନିର୍ମିତ। ଏ ଦୁଇଜଣ ହେଉଛନ୍ତି ଭକ୍ତ ରାମଦାସଙ୍କ ମାମୁଁ। ଏକ କିମ୍ବଦନ୍ତୀ ଅନୁସାରେ ଥରେ ଜଣେ ଭକ୍ତ ତିରୁପତି ବାଲାଜୀଙ୍କ ଦର୍ଶନ ପାଇଁ ଯାଉଥିଲେ। ଆଉ ତିରୁପତି ବାଲାଜୀ ତାଙ୍କୁ ସ୍ୱପ୍ନାଦେଶ ଦେଲେ ଯେ ସେ ନିକଟରେ ଏକ ଜଙ୍ଗଲ ଭିତରେ ରହିଛନ୍ତି ଆଉ ସ୍ୱପ୍ନାଦେଶ ଅନୁସାରେ ଭକ୍ତଜଣକ ସେହି ସ୍ଥାନରେ ପହଞ୍ଚି ଦେଖେ ତ ଏକ ମାଟିଗଦା ସେହି ସ୍ଥାନରେ ରହିଛି। ସେ ସେହି ସ୍ଥାନକୁ ଖୋଳିବାରେ ଲାଗିଲା, ଆଉ ଶେଷରେ ଦେଖିବା ବେଳକୁ ଭଗବାନ ବାଲାଜୀ ସେହି ମାଟି ଭିତରେ ଅଛନ୍ତି। ଆଉ ତାଙ୍କ ଦେହରୁ ରକ୍ତ ଝରୁଛି। ଆଉ ଭଗବାନଙ୍କ ନିର୍ଦ୍ଦେଶରେ ସେହି ମାଟି ମିଶ୍ରିତ ଭଗବାନଙ୍କୁ ଗାଈକ୍ଷୀରରେ ଧୋଇବା ପରେ ଏକ ସ୍ୱୟମ୍ଭୁ ଭଗବାନ ବାଲାଜୀ ଭୁଦେବୀ ଓ ଶ୍ରୀଦେବୀଙ୍କ ସହ ଦେଖା ଦେଇଥିଲେ। ତେଣୁ ସେହିଠାରେ ସେହି ଦେବପ୍ରତିମାଙ୍କୁ ପ୍ରତିଷ୍ଠା କରାଯାଇଥିଲା। ଆଉ ସେହିଦିନଠାରୁ ଚିଲକୁର ବାଲାଜୀ ନାମରେ ଏହି ଦେବପୀଠ ପ୍ରସିଦ୍ଧି ଲାଭ କଲା। ଏହି ସ୍ଥାନରେ ଭଗବାନ ବାଲାଜୀ ପ୍ରତ୍ୟକ୍ଷ ଭାବେ ବିରାଜମାନ କରିଥିବା ବିଶ୍ୱାସ କରାଯାଏ। ପ୍ରତିଦିନ ଶହଶହ ଭକ୍ତ ଏହି ମନ୍ଦିରକୁ ଆସିଥାନ୍ତି ନିଜ ମନସ୍କାମନା ନେଇ। ଆଉ ତା' ଭିତରେ ରହିଥାଏ କେବଳ ସେମାନଙ୍କର ବିଶ୍ୱାସ। ଆମେ ବିଜ୍ଞାନୀ ମଣିଷ ଏହାକୁ କହିଥାଉ ଅନ୍ଧବିଶ୍ୱାସ। ଆଉ ଏହି ମାନସିକ ଲଢ଼େଇରେ କେବଳ ମିଳିଥାଏ ରହସ୍ୟ।



ଦକ୍ଷିଣଭାରତର ହାଇଦ୍ରାବାଦ ସହର। ଏହି ସହରରୁ ଅନେକ ବିଦେଶରେ ଚାକିରୀ କରିଥିବେ ନିଶ୍ଚୟ। ଆଉ ଏହି ସହରରେ ଏବେ ବେଶି ଚର୍ଚ୍ଚା ହେଉଛି ଭିସା ଦେବତା ଚିରକୁର ବାଲାଜୀଙ୍କର। ଭଗବାନ ବାଲାଜୀଙ୍କ ଏହି ଲୀଳାକ୍ଷେତ୍ରର ଚର୍ଚ୍ଚା ସବୁଆଡ଼େ। ଯିଏ ବିଦେଶ ଯିବାକୁ ଇଛା କରୁଛି ସେ ଶରଣାପନ୍ନ ହେଉଛି ଚିଲକୁର ବାଲାଜୀଙ୍କ। ସବୁଠାରୁ ବଡ଼କଥା ହେଲା ନିଜ ମନସ୍କାମନା ପୂର୍ଣ୍ଣ ହେବା ପରେ ଭକ୍ତମାନେ ମନ୍ଦିରର ଚାରିପଟେ ୧୦୮ ଥର ପରିକ୍ରମା କରିବାର ବିଧି ରହିଛି। ଚିଲ୍‌କୁର ବାଲାଜୀଙ୍କ ମନ୍ଦିରକୁ ବର୍ଷର ସବୁ ସମୟରେ ଭକ୍ତ ଓ ଶ୍ରଦ୍ଧାଳୁ ଆସିଥାନ୍ତି। ଆଉ ଏବେ ତ ଏକ ଅଜଣା ଆର୍କଷଣ ଭକ୍ତମାନଙ୍କୁ ଆକର୍ଷଣ କରୁଛି। ତାହା ହେଉଛି ବିଦେଶ ଯିବାର ଇଚ୍ଛା। ଯିଏ ବିଦେଶ ଯିବାକୁ ଇଚ୍ଛା କଲା ସେ ଶରଣାପନ୍ନ ହେଲା ଚିଲକୁର ବାଲାଜୀଙ୍କର। ତେବେ ଏହି ଅଜଣା ଲୋକବିଶ୍ୱାସର କେବେ ଆରମ୍ଭ ହେଲା ସେ ସମ୍ପର୍କରେ ସେମିତି କିଛି ତଥ୍ୟ ନାହିଁ କହିଲେ ଚଳେ। କିନ୍ତୁ ବିଶ୍ୱାସ ତ ମଣିଷର ମନର କଥା ତେଣୁ ଆତ୍ମତୃପ୍ତିରେ ମଣିଷ ଏମିତି ଅନେକ ବିଶ୍ୱାସକୁ ଜାବୁଡ଼ି ଧରିଛି। ହାଇଦ୍ରାବାଦ ସହରର ଏହି ପୁରୁଣା ଦେବପୀଠ ଚିଲ୍‌କୁର ବାଲାଜୀଙ୍କ ମନ୍ଦିର ଅନେକ ଧର୍ମବିଶ୍ୱାସୀ ମଣିଷମାନଙ୍କର ଆସ୍ଥାର ପ୍ରତୀକ ସାଜିଛି। ବିଦେଶରେ ଯାଇ ଚାକିରି କରି ଅଧିକ ଅର୍ଥ ରୋଜଗାର ପାଇଁ ମଣିଷ ସାହାଯ୍ୟ ଲୋଡ଼ିଥାଏ ଚିଲକୁର ବାଲାଜୀଙ୍କର। ତେବେ ଏଠାରେ ପ୍ରଶ୍ନଉଠେ ସତରେ କଣ ଚିଲ୍‌କୁର ବାଲାଜୀଙ୍କୁ ଉପାସନା କଲେ ବିଦେଶରେ ଚାକିରୀ ମିଳିଥାଏ? ଏଇ ପ୍ରଶ୍ନ ସାଧାରଣ ମଣିଷର ମନକୁ ଆସିଲେ ମଧ୍ୟ ଦେବତାମାନଙ୍କ ଉପରେ ଥିବା ସେମାନଙ୍କ ବିଶ୍ୱାସ ଆଜି ଟାଣିଆଣିଛି ଦେବପୀଠକୁ। ଓସମାନ ସାଗର ନିକଟରେ ପ୍ରତିଷ୍ଠିତ ଏହି ଦେବପୀଠ ଆଜି ଅନେକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଆଶା ସଞ୍ଚାର କରୁଛି। ଅନ୍ୟପଟେ ମଣିଷର ଅନୁସନ୍ଧିତ୍ସୁ ମନ ଏହା ପଛର ରହସ୍ୟ ଖୋଜିବାରେ ବ୍ୟସ୍ତ। ତେବେ ସେ ଯାହାହେଉ ହେଉ ନା କାହିଁକି ହାଇଦ୍ରାବାଦର ଚିଲକୁର ବାଲାଜୀ ମନ୍ଦିର ସବୁବେଳେ ରହସ୍ୟମୟ। ବିଦେଶ ଯାତ୍ରା ପାଇଁ ମଣିଷ ମନରେ ଥିବା ଆଗ୍ରହର ଏକ ନିଛକ ଚିତ୍ର ଏହି ମନ୍ଦିରର ଉପାସନା ଶୈଳୀରୁ ଦେଖିବାକୁ ମିଳିଛି।

# ବୁଲିଯାଆନ୍ତୁ ଭାରତର ୫ଟି ଧାର୍ମିକ ସ୍ଥଳ



ଭାରତରେ ଭିନ୍ନ ଭିନ୍ନ ଜାତି, ଧର୍ମ ଓ ସଂପ୍ରଦାୟର ଲୋକ ବସବାସ କରନ୍ତି । ସମସ୍ତଙ୍କ ଧର୍ମ ଭାବନା ଓ ବିଶ୍ୱାସକୁ ଏଠାରେ ସମ୍ମାନ ଦିଆଯାଏ । ଏହାକୁ ଦୃଷ୍ଟିରେ ରଖି ଏଠାରେ ଭିନ୍ନ ଭିନ୍ନ ଧାର୍ମିକ ସ୍ଥଳ ରହିଛି, ଯେଉଁଠାକୁ ବର୍ଷର ସବୁ ସମୟରେ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ ।





## ବୈଷ୍ଣୋଦେବୀ (ଜାମ୍ମୁ-କାଶ୍ମୀର)

ଦେଶର ଏକ ପ୍ରସିଦ୍ଧ ଧର୍ମପୀଠ ହେଉଛି ବୈଷ୍ଣୋ ଦେବୀ ମନ୍ଦିର। ଏଠାକୁ ଯିବାପାଇଁ ହେଲେ ଜାମ୍ମୁ ଠାରୁ ପ୍ରାୟ ୪୨ କିଲୋମିଟର ଦୂର କାତ୍ରା ଯିବାକୁ ହୋଇଥାଏ ଯେଉଁଠାରେ ରହିଛି ଏହି ତୀର୍ଥ ସ୍ଥଳୀ। ଏହି ସ୍ଥାନକୁ ଦେଶ ଓ ବିଦେଶରୁ ବହୁ ଶ୍ରଦ୍ଧାଳୁ ବର୍ଷର ବିଭିନ୍ନ ସମୟରେ ଯାତ୍ରା କରିଥାନ୍ତି। ଏଠାରେ ମା' ବୈଷ୍ଣୋ ଦେବୀ ଗୁମ୍ଫା ମଧ୍ୟରେ ପୂଜା ପାଇଥାଆନ୍ତି। କିମ୍ବଦନ୍ତୀ ରହିଛି ଯେ, ମା' ବୈଷ୍ଣବୀ ଦେବୀ ଜଣେ ରାକ୍ଷସକୁ ମାରିବା ପାଇଁ ଏଠାରେ ଥିବା ଗୁମ୍ଫା ନିକଟକୁ ଚାଲିଯାଇଥିଲେ ଏବଂ ସେଠାରେ ଉକ୍ତ ରାକ୍ଷସକୁ ବଧ କରିଥିଲେ। ଏହି ଗୁମ୍ଫା ମଧ୍ୟରେ ତିନୋଟି ପିଣ୍ଡି ରହିଛି, ଯାହା ଏହି ମନ୍ଦିରର ମୁଖ୍ୟ ଆକର୍ଷଣ । ଏହି ଗୁମ୍ଫାର ଲମ୍ବ ୩୦ ମିଟର ଏବଂ ଉଚ୍ଚତା ୧.୫ ମିଟର।

**କିପରି ଯିବେ:** ବୈଷ୍ଣୋ ଦେବୀ ମନ୍ଦିରକୁ ଯାତ୍ରା କରିବା ପାଇଁ ହେଲେ ପର୍ଯ୍ୟଟକଙ୍କୁ ପ୍ରଥମେ ଜାମ୍ମୁ ଦେଇ ଯିବାକୁ ପଡ଼ିଥାଏ। ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଜାମ୍ମୁ ନିକଟକୁ ଯିବା ଅତି ସହଜ ହୋଇଥାଏ। ବିଦେଶୀ ପର୍ଯ୍ୟଟକ ଦିଲ୍ଲୀରୁ ମଧ୍ୟ ଏଠାକୁ ଯାତ୍ରା କରିପାରିବେ। ଯଦି ଆପଣ ଟ୍ରେନ୍‌ରେ ଏଠାକୁ ଯାତ୍ରା କରୁଛନ୍ତି, ତେବେ ଜାମ୍ମୁର ତଓ୍ୱୀ ରେଳ ଷ୍ଟେସନରୁ ଏଠାକୁ ଯାତ୍ରା କରିପାରିବେ। ଷ୍ଟେସନରୁ ବସ୍ କିମ୍ବା ଟ୍ୟାକ୍ସିରେ ଏଠାକୁ ଯାତ୍ରା କରିପାରିବେ ।

## ସ୍ୱର୍ଣ୍ଣ ମନ୍ଦିର (ଅମୃତସର)

ପଞ୍ଜାବର ଅମୃତସରରେ ରହିଛି ସ୍ୱର୍ଣ୍ଣ ମନ୍ଦିର। ଏହାକୁ 'ଦରବାର ସାହିବ' ବୋଲି ମଧ୍ୟ କୁହାଯାଏ। ଏହା ଦେଶର ପ୍ରମୁଖ ତୀର୍ଥସ୍ଥାନ ମଧ୍ୟରୁ ଅନ୍ୟତମ । ଏଠାରେ ବର୍ଷର ସବୁସମୟରେ ଶ୍ରଦ୍ଧାଳୁମାନଙ୍କର ଭିଡ଼ ଜମିଥାଏ। କୁହାଯାଏ ଯେ, ୧୬୦୦ ଶତାବ୍ଦୀରେ ଏହି ମନ୍ଦିରଟି ଅମୃତସରରେ ପଞ୍ଚମ ଶୀଖ୍ ଗୁରୁ, ଗୁରୁ ଅର୍ଜୁନ ଦେବ ନିର୍ମାଣ କରାଇଥିଲେ। ଏହାପରେ ୧୯୦୦ ଶତାବ୍ଦୀର ପ୍ରଥମାର୍ଦ୍ଧରେ ମହାରାଜା ରଣଜୀତ୍ ସିଂହ ଗୁରୁଦ୍ୱାରର ଉପରି ଭାଗ ଛାତରେ ୪୦୦ କିଲୋଗ୍ରାମ ସୁନା ଦେଇ ଏହାକୁ ସମ୍ପୂର୍ଣ୍ଣ କରିଥିଲେ। ଏଥିପାଇଁ ଏହି ମନ୍ଦିରର ନାମ ସ୍ୱର୍ଣ୍ଣ ମନ୍ଦିର ରଖାଯାଇଛି।

**କିପରି ଯିବେ:** ଯଦି ଆପଣ ବିମାନ ଯୋଗେ ଯାତ୍ରା କରିବା ପାଇଁ ଇଚ୍ଛା ରଖିଛନ୍ତି, ତେବେ ଅମୃତସର ପର୍ଯ୍ୟନ୍ତ ଯାତ୍ରା କରିପାରିବେ। ତେବେ ଏଠାରେ ଗ୍ରାଣ୍ଡ ଟଙ୍କ୍ ରୋଡ୍ (ଏନଏଚ୍-୧) ଥିବାରୁ ପର୍ଯ୍ୟଟକମାନେ ସହଜରେ ସଡ଼କ ମାର୍ଗରେ ଯାତ୍ରା କରିପାରିବେ। ଦିଲ୍ଲୀ, ଚଣ୍ଡୀଗଡ଼ ଏବଂ ଜାମ୍ମୁ ଠାରୁ ଅମୃତସର ଯିବା ପାଇଁ ହେଲେ ଆପଣ ବସ୍ କିମ୍ବା ଟ୍ୟାକ୍ସି ଦ୍ୱାରା ମଧ୍ୟ ସହଜରେ ଯାତ୍ରା କରିପାରିବେ। ଅମୃତସରକୁ ଭାରତର ଯେକୌଣସି ସ୍ଥାନରୁ ରେଳମାର୍ଗ ଦ୍ୱାରା ଯାତ୍ରା କରିପାରିବେ। ଅମୃତସର ସହରରୁ ପ୍ରାୟ ୧୧ କିଲୋମିଟର ଦୂରରେ ରହିଛି ଶ୍ରୀ ଗୁରୁ ରାମଦାସ ଜୀ ଆନ୍ତର୍ଜାତୀୟ ବିମାନ ବନ୍ଦର । ଏଠାକୁ ଆପଣ ବିମାନରେ ମଧ୍ୟ ଯାତ୍ରା କରିପାରିବେ।

## ଅଜମେର ଶରିଫ୍ ଦରଘା

ଜୟପୁର ଠାରୁ ପ୍ରାୟ ୩୨ କିଲୋମିଟର ଦୂରରେ ରହିଛି ସୁଫୀ ସନ୍ଥ ଖ୍ୱାଜା ମୋଇନୁଦ୍ଦିନ୍ ଚିସ୍ତୀଙ୍କ ଦରଘା । ହଜରତ୍ ଖ୍ୱାଜା ମୋଇନୁଦ୍ଦିନ୍ ଚିସ୍ତୀ ରହମତୁଲ୍ଲା ଆହ୍ଲା ଏପରି ଏକ ପବିତ୍ରସ୍ଥାନ ଯାହାର ନାମ ଶୁଣିଲେ ମନ ଭିତରେ ଏକ ପ୍ରକାରର ଶାନ୍ତି ଆସିଥାଏ । ଏହି ସ୍ଥାନକୁ ଆସିବା ଦ୍ୱାରା ଶ୍ରଦ୍ଧାଳୁଙ୍କ ସମସ୍ତ ମନବାଞ୍ଛା ପୂରଣ ହୋଇଥାଏ।

**କିପରି ଯିବେ:** ଦିଲ୍ଲୀ ଏବଂ ମୁମ୍ବାଇ ମଧ୍ୟରେ ପଡୁଥିବା ଜାତୀୟ ରାଜପଥ ୮ରେ ପଡ଼ିବ ଅଜମେର୍ ସହର । ଏହା ବ୍ୟତିତ ଅଜମେର୍ ରାଜସ୍ଥାନର ଜୟପୁର, ଯୋଧପୁର, ଉଦୟପୁର ଏବଂ ଭରତପୁର ଭଳି ପ୍ରମୁଖ ସହର ସହ ସଡ଼କ ମାର୍ଗରେ ସଂଯୁକ୍ତ ହୋଇଛି । ପର୍ଯ୍ୟଟକମାନେ ବସ୍ ସାହାଯ୍ୟରେ ମଧ୍ୟ ଏଠାକୁ ଯାତ୍ରା କରିପାରିବେ। ରେଳ ମାର୍ଗ ଦ୍ୱାରା ଯାତ୍ରା କରିବା ପାଇଁ ହେଲେ ଅଜମେର୍ ଠାରୁ ନିକଟତମ ରେଳମାର୍ଗ ହେଉଛି ଅଜମେର ଜଙ୍କସନ। ଜୟପୁରର ସାଙ୍ଗାନେର୍ ବିମାନ ବନ୍ଦରରୁ ମଧ୍ୟ ଆପଣ ଏଠାକୁ ଯାତ୍ରା କରିପାରିବେ।

## ତିରୁପତି ଭେଙ୍କଟେଶ୍ୱର ମନ୍ଦିର(ଆନ୍ଧ୍ରପ୍ରଦେଶ)

ଏହି ମନ୍ଦିର ଭାରତର ପ୍ରମୁଖ ମନ୍ଦିର ମଧ୍ୟରୁ ଅନ୍ୟତମ । କୁହାଯାଏ ଯେ ଭେଙ୍କଟେଶ୍ୱର ମନ୍ଦିର ଭାରତର ଧନୀ ମନ୍ଦିରରୁ ଗୋଟିଏ। ଏହି ମନ୍ଦିରରେ ପ୍ରତ୍ୟେହ ଶ୍ରଦ୍ଧାଳୁମାନଙ୍କ ଭିଡ ଜମିଥାଏ । ଏହି ମନ୍ଦିରର କାରୁକାର୍ଯ୍ୟ ଏବଂ ବାତାବରଣ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏହି ମନ୍ଦିରର ଶିଖର ଭାଗରେ ସ୍ୱର୍ଣ୍ଣର ପ୍ରସ୍ତର ଚଢାଯାଇଛି।


**କିପରି ଯିବେ :** ଦକ୍ଷିଣ ଭାରତର ସମସ୍ତ ପ୍ରମୁଖ ସହରକୁ ଆପଣ ସଡ଼କ ମାର୍ଗରେ ଯାତ୍ରା କରିପରିବେ। ଅଲିପିରୀ ବସ୍ ଷ୍ଟପ୍‌ରୁ ପ୍ରତି ଦୁଇ ମିନିଟ୍‌ରେ ତିରୁମାଲା ପାଇଁ ବସ୍ ମିଳିଯାଇଥାଏ। ତିରୁପତିର ପ୍ରମୁଖ ରେଳ ଷ୍ଟେସନକୁ ଆପଣ ଦେଶର ଯେକୌଣସି ସ୍ଥାନରୁ ରେଳ ମାର୍ଗ ଦ୍ୱାରା ଯାତ୍ରା କରିପାରିବେ। ତିରୁପତି ଠାରୁ ପ୍ରାୟ ୧୦ କିଲୋମିଟର ଦୂରରେ ରହିଛି ରେନିଗୁଣ୍ଟା ଜଙ୍କସନ। ତିରୁପତି ନିକଟରେ ରହିଛି ଏକ ବିମାନବନ୍ଦର ଯାହା ଅନ୍ତଃରାଷ୍ଟ୍ରୀୟ ବିମାନବନ୍ଦର ଭାବେ ଘୋଷିତ ହୋଇଛି। ତିରୁପତିକୁ ହାଇଦ୍ରାବାଦ, ଦିଲ୍ଲୀ, କୋଲକତା ଏବଂ ମୁମ୍ବାଇରୁ ବିମାନ ଦ୍ୱାରା ଯାତ୍ରା କରିବାର ସୁବିଧା ରହିଛି।

## ମହାବୋଧି ମନ୍ଦିର ବୋଧଗୟା (ବିହାର)

କୁହାଯାଏ ଯେ ମହାବୋଧି ମନ୍ଦିରର ନିର୍ମାଣ ପଞ୍ଚମ ଶତାବ୍ଦୀ ପୂର୍ବରୁ ହୋଇଛି। ମହାବୋଧି ମନ୍ଦିର ଏକ ପବିତ୍ର ବୌଦ୍ଧ ଧାର୍ମିକ ସ୍ଥଳ ଅଟେ, କାରଣ ଏହିଠାରେ ଗୌତମ ବୁଦ୍ଧ ନିଜର ଜ୍ଞାନପ୍ରାପ୍ତ ହୋଇଥିଲେ। ଏହାର ପଶ୍ଚିମ ଦିଗରେ ପବିତ୍ର ବୋଧି ବୃକ୍ଷ ରହିଛି। ଏଠାରେ ଦ୍ରାବିଡ଼ କଳାକୃତିର ପ୍ରତିଛବି ଦେଖିବାକୁ ମିଳିଥାଏ । ଏହି ମନ୍ଦିରଟି ସମ୍ପୂର୍ଣ୍ଣ ଭାବେ ଇଟାରେ ତିଆରି ହୋଇଛି ।

**କିପରି ଯିବେ :** ବୋଧଗୟା ନିକଟତମ ବିମାନ ବନ୍ଦର ହେଉଛି ଗୟା, ଯାହା ମନ୍ଦିର ଠାରୁ ୭ କିଲୋମିଟର ଦୂରରେ ରହିଛି। ଏହି ବିମାନ ବନ୍ଦରକୁ ବୋଧଗୟା ଅନ୍ତଃରାଷ୍ଟ୍ରୀୟ ବିମାନବନ୍ଦର ଭାବେ ଜଣାଯାଏ। ବିହାରର ଏହା ହେଉଛି ଏକମାତ୍ର ଅନ୍ତଃରାଷ୍ଟ୍ରୀୟ ବିମାନବନ୍ଦର, ଯାହା ଚୀନ୍, ଜାପାନ, ଶ୍ରୀଲଙ୍କା ଭଳି ଏସୀୟ ଦେଶ ଗୁଡିକ ସହ ଯୋଗଯୋଗ ସ୍ଥାପନ କରିବାରେ ସହାୟକ ହୋଇଛି । ଏହିଠାରୁ ୭ କିଲୋମିଟର ଦୂରରେ ରହିଛି ମହାବୋଧି ମନ୍ଦିର। ଏହାସହିତ ଗୟା ରେଳଷ୍ଟେସନ ଠାରୁ ୧୦ କିଲୋମିଟର ଦୂରରେ ପଡିବ ଏହି ମନ୍ଦିର । ଆପଣ ଏଠାକୁ ସଡ଼କ ପଥରେ ମଧ୍ୟ ଯାତ୍ରା କରିପାରିବେ।










ଏକମାତ୍ର
ଅନୁସନ୍ଧାନ ପରେ ଖବର
30th Jan-05th Feb, 2017, Bhubaneswar
୩୦ଜାନୁଆରୀ-୦୫ ଫେବୃୟାରୀ, ୨୦୧୭





# ବିଶ୍ୱ ରେକର୍ଡ : ୬ ବଲ୍‌ରେ ୬ ୱିକେଟ୍ ନେଇ ଇତିହାସ ରଚିଲେ ଆଲେଡ୍ କାରେ

**ଭିକ୍ଟୋରିଆ :** ଅଷ୍ଟ୍ରେଲିଆର ଜଣେ ବୋଲର ଏପରି ସଫଳତା ପାଇଛନ୍ତି ଯାହା ଅଦ୍ୟାବଧି ବିଶ୍ୱର କୌଣସି ସ୍ତରର କ୍ରିକେଟ୍‌ରେ ଦେଖିବାକୁ ମିଳି ନଥିଲା। ଏପରି ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି କ୍ଲବସ୍ତରୀୟ କ୍ରିକେଟର୍ ଆଲେଡ୍ କାରେ। ଗୋଲ୍‌ଡେନ୍ ପଏଣ୍ଟ୍ କ୍ରିକେଟ୍ କ୍ଲବ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ୨୯ ବର୍ଷୀୟ କାରେ ଏଠାରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଇଷ୍ଟ ବାଲାରାଟ୍ ଦଳ ବିପକ୍ଷରେ ଗୋଟିଏ ଓଭର୍‌ରେ ଥରେ ନୁହେଁ ଦୁଇ ଦୁଇ ଥର ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି। ଗୋଟିଏ ଓଭର୍‌ର ପ୍ରତିଟି ବଲ୍‌ରେ ୱିକେଟ୍ ନେଇଥିବା କାରେ ନିଜର ସଫଳତାକୁ ନିଜେ ମଧ୍ୟ ବିଶ୍ୱାସ କରିପାରିନାହାନ୍ତି। ପ୍ରଥମ ୮ ଓଭର୍‌ରେ ଗୋଟିଏ ବି ୱିକେଟ୍ ପାଇନଥିବା କାରେ ନବମ ଓଭର୍‌ରେ ଏହି ବିରଳ ରେକର୍ଡ କରିଛନ୍ତି। ତାଙ୍କର ପ୍ରଥମ ଦୁଇଟି ଶିକାର ସ୍ଲିପ୍‌ରେ ଫିଲ୍‌ଡିଂ କରୁଥିବା ଖେଳାଳି ଓ ୱିକେଟ୍‌କିପର୍ ହାତରେ ଧରାପଡ଼ିଥିବା ବେଳେ ତୃତୀୟ ବଲ୍‌ରେ ସେ ବ୍ୟାଟ୍ସମ୍ୟାନ୍‌ଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରିଥିଲେ। ଶେଷ ତିନିଟି ବଲ୍‌ରେ ତାଙ୍କ ସମ୍ମୁଖୀନ ହୋଇଥିବା ବ୍ୟାଟ୍ସମ୍ୟାନ୍ ବୋଲ୍ଡ ଆଉଟ୍ ହୋଇଥିଲେ। ଫଳସ୍ୱରୂପ ବାଲାରାଟ୍ ଦଳ ମାତ୍ର ୪୦ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏପରି ଏକ ସଫଳତା ପାଇଥିବାରୁ କାରେ ନିଜକୁ ଧନ୍ୟ ମଣିଛନ୍ତି। ତେବେ ଏହି ରେକର୍ଡ କେବଳ ଅଷ୍ଟ୍ରେଲିଆ ନୁହେଁ, ସମଗ୍ର କ୍ରିକେଟ୍ ଜଗତରେ ଚର୍ଚ୍ଚାର ବିଷୟବସ୍ତୁ ହୋଇଛି। ସୂଚନାଯୋଗ୍ୟ, ଅଦ୍ୟାବଧି ଗୋଟିଏ ଓଭରରେ କୌଣସି ବୋଲର୍ ସର୍ବାଧିକ ୪ଟି ୱିକେଟ୍ ନେଇଛନ୍ତି।

# ମନମୋହୁଛନ୍ତି ଝିଲିକ୍



ବଙ୍ଗୀୟ ସୁନ୍ଦରୀ ଝିଲିକ୍ ନିର୍ଦ୍ଦେଶକ ଏସ୍. ମୁରଲୀଧରନଙ୍କ 'ଟାର୍ଗେଟ୍' ଚଳଚ୍ଚିତ୍ରରୁ ଓଲିଉଡରେ ପାଦ ରଖିଥିଲେ। ମୂଳତଃ ନୃତ୍ୟରେ ଅଭିଜ୍ଞତା ସାଉଁଟିଥିବା ଝିଲିକ୍ ପ୍ରଥମ ଚଳଚ୍ଚିତ୍ରରୁ ହିଁ ସଫଳତା ହାସଲ କରିଥିଲେ। ଏଥିରେ ତାଙ୍କ ନାୟକ ଥିଲେ ଅମ୍ଲାନ। ପ୍ରଥମ ଥର ପାଇଁ ଅମ୍ଲାନ ମଧ୍ୟ ଏହି ଚଳଚ୍ଚିତ୍ର ଜରିଆରେ ଓଲିଉଡରେ ପ୍ରବେଶ କରିଥିଲେ। ଏହି ଚଳଚ୍ଚିତ୍ର ପରେ ଝିଲିକ ନାୟକ ଅନୁଭବ, ବାବୁଶାନ ପ୍ରମୁଖଙ୍କ ସହ ଅଭିନୟ କରିଥିବାବେଳେ ଏବେ ନିକଟରେ ନାୟକ ସମ୍ପିତଙ୍କ ସହ ତାଙ୍କ ଚଳଚ୍ଚିତ୍ର 'ତମକୁ ଦେଖିଲା ପରେ' ପ୍ରେକ୍ଷାଳୟକୁ ଆସିଛି। ଯେଉଁଥିରେ ଝିଲିକ୍ ବେଶ୍ ଦମ୍‌ଦାର ଅଭିନୟ କରି ଦର୍ଶକଙ୍କ ମନ ମୋହିବାରେ ସଫଳ ହୋଇଛନ୍ତି। ପ୍ରତି ହଲ୍‌ରେ ଖଚାଖଚ୍ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଶ୍ରୀମୁଭିଜ୍ ନିବେଦିତ, ଶୁଭମ୍ ପାଢ଼ୀ ପ୍ରଯୋଜିତ ଏହି ଚଳଚ୍ଚିତ୍ର ନିର୍ଦ୍ଦେଶନାରେ ଚନ୍ଦନ ମହାପାତ୍ର ଥିବାବେଳେ ସ୍ୱର ସଂଯୋଜନା କରିଛନ୍ତି ମଳୟ ମିଶ୍ର।



# ଉଚ୍ଚାକାଂକ୍ଷୀ ଅଦା ଶର୍ମା

କେରଳୀ ଯୁବତୀ ୨୭ ବର୍ଷୀୟା ଅଦା ଶର୍ମା ୨୦୦୮ରେ ସିନେଜଗତରେ ପାଦ ଥାପିଥିଲେ। ଏହି ସୁନ୍ଦରୀଜଣକ ଆରମ୍ଭଦିନରୁ ହିଁ ଜାଣିଥିଲେ ଯେ କେବଳ ସୌନ୍ଦର୍ଯ୍ୟରେ ସେ ଆଗକୁ ବଢିପାରିବେ ନାହିଁ, ବଲିଉଡରେ କ୍ୟାରିୟର ପାଇଁ ଅଭିନୟର ପ୍ରମାଣ ମଧ୍ୟ ଦେବାକୁ ପଡ଼ିବ। ତେବେ ଅଦା ଖୁବ୍ ପରିଶ୍ରମ କରି '୧୯୨୦' ହରର୍ ଚଳଚ୍ଚିତ୍ରକୁ ହାତେଇଥିଲେ। ଚମତ୍କାର ଅଭିନୟ କରି ଦର୍ଶକଙ୍କୁ ବାନ୍ଧି ରଖିବା ସହ ଫିଲ୍ମଫେୟାର ପୁରସ୍କାର ମଧ୍ୟ ପାଇଥିଲେ। ହେଲେ ଏହା ପରେ ସେଭଳି ସୁଯୋଗ ତାଙ୍କ ନିକଟକୁ ଆସିନଥିଲା। ବ୍ୟସ୍ତ ନ ହୋଇ ଅଦା ଦକ୍ଷିଣ ଜଗତରେ ପ୍ରବେଶ କଲେ। ବିଭିନ୍ନ ଚଳଚ୍ଚିତ୍ରରେ ଅଭିନୟ କରି ସେ ଦକ୍ଷିଣ ସିନେଜଗତରେ ଜଣେ ଲୋକପ୍ରିୟ ଅଭିନେତ୍ରୀ ହୋଇପାରିଛନ୍ତି। ପୁନର୍ବାର 'କମାଣ୍ଡୋ-୨' ଚଳଚ୍ଚିତ୍ର ଜରିଆରେ ସେ ହିନ୍ଦୀ ସିନେଜଗତକୁ ପ୍ରବେଶ କରିବେ। ଏହି ଗତପଥରେ ଆଗକୁ ବଢିଥିବା ଅଦାଙ୍କ ମତରେ ସେ ଖୁବ୍ ଉଚ୍ଚାକାଂକ୍ଷୀ।

# ଡ. ଅରବିନ୍ଦ ଢାଲୀ ଉତ୍କଳୀୟ ବଙ୍ଗୀୟ ସାଂସ୍କୃତିକ ସଂଘର ସଭାପତି ଭାବେ ପୁନଃନିର୍ବାଚିତ



**ଭୁବନେଶ୍ୱର :** ଉତ୍କଳ ଓ ବଙ୍ଗର ସମ୍ପର୍କ ବହୁପ୍ରାଚୀନ। ତେଣୁ ଓଡ଼ିଶାରେ ବସବାସ କରୁଥିବା ବଙ୍ଗୀୟମାନଙ୍କୁ ନେଇ ଏଠାରେ ଉତ୍କଳୀୟ ବଙ୍ଗୀୟ ସାଂସ୍କୃତିକ ସଂଘ ବହୁବର୍ଷ ଧରି କାର୍ଯ୍ୟକରି ଆସୁଛି। ଏହି ସଂଘର ସାଧାରଣ ନିର୍ବାଚନରେ ଚଳିତବର୍ଷ ପୂର୍ବପରି ସଂଘର ସଭାପତି ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ଡ. ଅରବିନ୍ଦ ଢାଲୀଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଛି। ଏହି ନିର୍ବାଚନ ସ୍ଥାନୀୟ ୟୁନିଟ୍-୪ରେ ଥିବା ସଂଘ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ, ଦୁଇବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ସଂଘର ନିର୍ବାଚନରେ ଡ.ଢାଲୀ ନିର୍ବାଚିତ ହୋଇଛନ୍ତି। ନବବର୍ଷର ବନ୍ଧୁମିଳନ ଅବସରରେ ଦୀର୍ଘ ୧୭ ବର୍ଷ ହେବ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଆସୁଥିବା ଏହି ସଂଘ ରାଜ୍ୟର ବଙ୍ଗୀୟମାନଙ୍କ ପାଇଁ ବହୁବିଧ ବିକାଶ ମୂଳକ ପଦକ୍ଷେପ ଗ୍ରହଣ କରିଥାଏ। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାର ବହୁ ସଦସ୍ୟ ରହିଛନ୍ତି। ଆଗାମୀ ୨୦୧୮ ବର୍ଷ ସୁଦ୍ଧା ରାଜ୍ୟର ୩୦ଗୋଟି ଜିଲ୍ଲାରେ ସଂଘର ଜିଲ୍ଲା କମିଟି ଗଠନ କରାଯାଇ ୨୦୧୮ ସୁଦ୍ଧା ଭୁବନେଶ୍ୱର ଠାରେ ସଂଘର କର୍ମକର୍ତ୍ତାମାନଙ୍କର ଏକ ମହାସମାବେଶ କରାଯିବ ବୋଲି ଡ. ଢାଲୀ ପ୍ରକାଶ କରିଛନ୍ତି। ଓଡ଼ିଶାରେ ରହୁଥିବା ଏହି ସମ୍ପ୍ରଦାୟର ଗରିବ ଲୋକମାନଙ୍କର ଆର୍ଥିକ, ସାମାଜିକ ଏବଂ ଶିକ୍ଷା କ୍ଷେତ୍ରରେ ଉନ୍ନତି ସାଧନ କରିବା ସହିତ ଓଡ଼ିଶାର ବିକାଶ କ୍ଷେତ୍ରରେ ସହଭାଗିତା କରିବା ସଂଘର ଲକ୍ଷ୍ୟ ବୋଲି ସେ କହିଛନ୍ତି।




## DECLARATION
FORM I
FORM OF DECLARATION
*(see rule 3)*

I, RASMITA PATRA declare that I am the *printer or *publisher or *printer and publisher of the newspaper entitled **EKAMAATRA** to be *printed at **RADHAKRUSHNA PUBLICATION Pvt. Ltd.** and *published at FLAT-003,MAHADEV ORCHID,COSMOPOLIS ROAD,DUMDUMA,BHUBANESWAR,DIST- KHORDHA , ODISHA or to be *printed and published at and that particulars in respect of the said newspaper given hereunder are true to the best of my knowledge and belief.

| | | |
|---|---|---|
| 1. Title of the newspaper | : | EKAMAATRA |
| 2 .Language (s) in which it is (to be), published | : | ODIA |
| 3. Periodicity of its publication | | |
| (a) Whether a daily, tri-weekly, bi-weekly Weekly, fortnightly, or otherwise | : | WEEKLY |
| (b) In the case of daily, please state whether it Morning or evening newspaper? | : | NA |
| (c) In the case of a newspaper other than a Daily, please state the days(s)/date(s) on Which it is (to be) published | : | MONDAY |
| 4. Retail selling price of the newspaper per copy | : | Rs 5.00 |
| (a) If the newspaper is for free distribution, Please state that it is "for free distribution" | : | NO |
| (b) If it has only an annual subscription and no Retail price, please state the annual Subscription | : | NO |
| 5. Publisher's name | : | RASMITA PATRA |
| Nationality | : | INDIAN |
| (a) Whether a citizen of India? | : | YES |
| (b) If a foreigner, please state the country of | : | NO |
| Address | : | FLAT-003, MAHADEV ORCHID, COSMOPOLIS ROAD, DUMDUMA, BHUBANESWAR DIST- KHORDHA, ODISHA Pin- 751019 |
| 6. Place of publication (Please give the complete postal address) | : | FLAT-003, MAHADEV ORCHID, COSMOPOLIS ROAD, DUMDUMA, BHUBANESWAR DIST- KHORDHA, ODISHA Pin- 751019 |
| 7. Printer's name | : | RASMITA PATRA |
| Nationality | : | INDIAN |
| (a) Whether a citizen of India? | : | YES |
| (b)If a foreigner, please state the country of origin | : | NO |
| Address | : | FLAT-003, MAHADEV ORCHID, COSMOPOLIS ROAD, DUMDUMA, BHUBANESWAR DIST- KHORDHA, ODISHA Pin- 751019 |
| 8. Name(s) of the printing press (es) where the Newspaper is actually printed and the true and Precise description of the premises on which the Press (es) is/are installed. | : | RADHAKRUSHNA PUBLICATION PVT. LTD. PLOT NO-H/18, MANCHESWAR INDUSTURIAL ESTATE BHUBANESWAR-10, ODISHA |
| 9. Editor's name | : | TARAK MOHANTY |
| .Nationality | : | INDIAN |
| (a)Whether a citizen of India? | : | YES |
| (b) If a foreigner, please state the country of Origin | : | NO |
| Address | : | SECTOR-2/289, NILADRI VIHAR POST- SAILASHREE VIHAR BHUBANESWAR-751021 DIST- KHORDHA, ODISHA |
| 10. Owner's name(s) | : | RASMITA PATRA |
| (a)Please state the particulars of individual(s) or Of the firm, Joint Stock Company, trust, co- Operative society or association which owns the newspaper | : | INDIVIDUAL |
| (b)Please state whether the owner owns any other Newspaper, and, if so, its name, periodicity, Language and place of publication. | : | NO |
| 11. Please state whether the declaration is in respect of | : | |
| (a) a new newspaper, or | : | A NEW NEWS PAPER |
| (b) an existing newspaper, | | |
| (c) in case the declaration falls under item (b), the reason for filling the fresh declaration. | : | FRESH DECLARATION |

Date: 29.12.2016

Signature: Rasmita Patra
Name (in Block letters): RASMITA PATRA
Designation: PUBLISHER AND PRINTER

Manoj Kumar Mohanty
Additional District Magistrate
Bhubaneswar-2

Authenticated on this day 12th of month January year 2017 under my seal and signature.

(Signature and seal of the Magistrate authenticating the declaration)
NIRANJAN SAHU, IAS
DISTRICT MAGISTRATE &
COLLECTOR, KHORDHA

* Strike out whatever is not applicable.
NOTE:- Separate declaration should be filed by the printer and the publisher, unless the printer and the publisher is the same person.

Printed, Published and Owned by **Rasmita Patra**, Published from Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com
Chief Editor : **Bibhuti Bhusan Patra** — Managing Editor : **Laxmipriya Dash** — Editor : **Tarak Mohanty**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର — ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ — ସମ୍ପାଦକ : ତାରକ ମହାନ୍ତି